RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

SATURDAY
19 SEPTEMBER 2026
ଶନିବାର
୧୯ ସେପ୍ଟେମ୍ବର ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 ● ISSUE 110 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ ● ସଂଖ୍ୟା ୧୧୦ ଭୁବନେଶ୍ୱର। ବ୍ରହ୍ମପୁର। ସମ୍ବଲପୁର। ବାଲେଶ୍ୱର। ଯାଜପୁର

**ବିପଦ ଏମିତି ବି ଆସେ**

## ପେଟରେ ପଶିଗଲା ଗଛ ଡାଳ



**କେନ୍ଦ୍ରାପଡ଼ା,୧୮।୯/ଏନ୍ଏନ୍ଏସ୍:**

ବିପଦ ଏମିତିବି ଆସେ। ବାଇକରେ ଯାଉଥିବା ବେଳେ ହଠାତ୍ ଭାଙ୍ଗିପଡ଼ିଲା ଗଛ। ଏହା ପରେ ଯୁବକଙ୍କ ପେଟରେ ପଶି ପିଠିରେ ବାହାରି ପଡ଼ିଲା ଗଛ ଡାଳ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚନ୍ଦନପୁର-କଂସାର ରାସ୍ତାରେ। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ପୂର୍ବାହ୍ଣ ସମୟରେ ସ୍ଥାନୀୟ ବାଇପୁର ଗାଁର ବିଚିତ୍ର ପ୍ରଧାନ ନିଜ ବାଇକରେ ଯାଉଥିବା ବେଳେ ରାସ୍ତା କଡ଼ରେ ଥିବା ଏକ ଇଉକାଲିପଟାସ ଗଛ ହଠାତ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ଗଛର ଏକ ମୁନିଆ ଡାଳ ତାଙ୍କ ପେଟରେ ପଶି ପିଠିରେ ବାହାରି ପଡ଼ିଥିଲା। ▶▶ ୫

## ୧୪ ଆଇଏଏସ୍‌ଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ନିକଟରେ ଆଇଏଏସ୍ କ୍ୟାଡରକୁ ପଦୋନ୍ନତି ପାଇଥିବା ୧୪ ଜଣ ଅଧିକାରୀଙ୍କୁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନୂତନ ପଦବୀରେ ନିଯୁକ୍ତି ଦିଆଯାଇଛି। ଏନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତଦନୁଯାୟୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ସୂର୍ଯ୍ୟ ନାରାୟଣ ଦାଶଙ୍କୁ ସେହି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। କଟକ ବନ୍ଦୋବସ୍ତ ଓ ଏକତ୍ରୀକରଣ ବିଭାଗର ଅତିରିକ୍ତ କମିଶନର ସୁମିତା ସରକାର ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବଳମୁକୁନ୍ଦ ଭୂୟାଁ ସେମାନଙ୍କ ବର୍ତ୍ତମାନର ପଦବୀରେ ବଜାୟ ରହିଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ସୌଦାମିନୀ ସେଠୀଙ୍କୁ ସେହି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯାଇଛି। ସମ୍ବଲପୁର ଆରଡିସି (ଉତ୍ତରାଞ୍ଚଳ) କାର୍ଯ୍ୟାଳୟ ଅଧୀନରେ ଥିବା କେନ୍ଦୁଝର ▶▶ ୫

**ସେମିକନ୍ ଇଣ୍ଡିଆ-୨୦୨୬ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

# ନରାଜରେ ହେବ 'ଓଡ଼ିଶା ସିଲିକନ୍ ଭାଲି'

**୮୭୦ ଏକର ଜମିରେ ଗଢ଼ିଉଠିବ, ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍**

**ନୂଆଦିଲ୍ଲୀ,ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ସେମିକଣ୍ଡକ୍ଟର କ୍ଷେତ୍ରରେ ନିଜର ଦୃଢ଼ ଉପସ୍ଥିତି ଜାହିର କରିବା ସହ 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଓଡ଼ିଶା ନିଜର ଶିଳ୍ପ ପରିସରକୁ ବ୍ୟାପକ କରିଛି। ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି। ତେବେ ନୂଆଦିଲ୍ଲୀ ଠାରେ ଆୟୋଜିତ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। ତାହା ହେଉଛି କଟକ ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ। ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟଯେ, ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍'ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି।



ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ। ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ

**ଓଡ଼ିଶାକୁ ୨୩,୬୦୦ କୋଟିର ନିବେଶ ପ୍ରସ୍ତାବ, ୬୧୦୦ ନିଯୁକ୍ତି ସୁଯୋଗ**

**ଟେକ୍ନୋଲୋଜି କମ୍ପାନୀ ପାଇଁ ଓଡ଼ିଶାରେ ସୃଷ୍ଟି କରାଯାଉଛି ଅନୁକୂଳ ଇକୋସିଷ୍ଟମ: ସିଏମ୍**

୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ୍‌କ୍ୱାଣ୍ଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍, ଥ୍ରୀ-ଡି ଗ୍ଲାସ୍ ସୋଲ୍ୟୁସନ ଏବଂ ସାଇଏଣ୍ଟ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର ▶▶ ୫

**ପୌରପରିଷଦ ଓ ଏନ୍ଏସି ନିର୍ବାଚନ**

# ବଦଳିଲା ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ତାରିଖ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ରାଜ୍ୟର ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ(ଏମଏସି) ଏବଂ ମହାନଗର ନିଗମଗୁଡ଼ିକର ଆଗାମୀ ସାଧାରଣ ନିର୍ବାଚନ ପାଇଁ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି। ପୂର୍ବରୁ ବିଭାଗ ପକ୍ଷରୁ ଜାରି ହୋଇଥିବା କାର୍ଯ୍ୟସୂଚୀର ଆଂଶିକ ସଂଶୋଧନ କରାଯାଇ ଏହି ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ସମସ୍ତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୪ ସେପ୍ଟେମ୍ବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଖସଡ଼ା ବିଜ୍ଞପ୍ତି ପ୍ରକାଶ କରାଯାଇ ସାଧାରଣ ଜନତାଙ୍କଠାରୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯିବ। ଆପତ୍ତି ଓ ପରାମର୍ଶ ଦାଖଲ କରିବାର ଶେଷ ତାରିଖ ୩ ଅକ୍ଟୋବର ୨୦୨୬ ରହିଛି। ଏହାପରେ, ୭ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହି ବିଜ୍ଞପ୍ତି ବିରୋଧରେ ୭ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଆପିଲ୍ ଦାଖଲ କରାଯାଇପାରିବ। ପ୍ରାପ୍ତ ଆପିଲ୍‌ଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜର ସୁପାରିଶ/ମତାମତ ସହ ୨୨ ଅକ୍ଟୋବର ୨୦୨୬ ସୁଦ୍ଧା ସ୍ୱତନ୍ତ୍ର ଦୂତ ମାଧ୍ୟମରେ ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ କାର୍ଯ୍ୟାଳୟରେ ପହଞ୍ଚାଇବେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୬ ରୁ ୨୮ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟ ସରକାର, ଅପିଲେଟ୍ କର୍ତ୍ତୃପକ୍ଷ ଭାବେ, ଆପିଲ୍‌ଗୁଡ଼ିକର ଶୁଣାଣି କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ।ସମଗ୍ର ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ୩୧ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ଚୂଡ଼ାନ୍ତ ବିଜ୍ଞପ୍ତିର ଆବଶ୍ୟକ ସଂଖ୍ୟକ ନକଲ ରାଜ୍ୟ ନିର୍ବାଚନ ଆୟୋଗ, ରାଜ୍ୟ ସରକାର ଏବଂ ସମ୍ପୃକ୍ତ ପୌରପରିଷଦ/ଏନ୍.ଏ.ସି.କୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମରେ ୱାର୍ଡ ▶▶ ୫

**୨୪ରେ ଖସଡ଼ା, ୩୧ ଅକ୍ଟୋବରରେ ଚୂଡ଼ାନ୍ତ ବିଜ୍ଞପ୍ତି**

**୨୬ରୁ ୨୮ ଅକ୍ଟୋବର ଅପିଲ୍ ଶୁଣାଣି**

# ଡରାଇଲାଣି ବାତ୍ୟା ଆଶଙ୍କା

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:**

ଉତ୍ତର ଥାଇଲାଣ୍ଡ ଉପରେ ଘୂର୍ଣ୍ଣିବଳୟ। ଏପଟେ ଓଡ଼ିଶାରେ ବଦଳିଗଲାଣି ପାଣିପାଗ ମିଜାଜ୍। ଲଘୁଚାପ ସୃଷ୍ଟି ହେବା ଆଗରୁ ପରିବର୍ତ୍ତିତ ପାଗ ରାଜ୍ୟବାସୀଙ୍କ ଭିତରେ ଭରିଲାଣି ଛନକା। ହେଇଯିବନି ତ ବାତ୍ୟା ? ଏପଟେ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆକଳନ କହୁଛି, ଉତ୍ତର ଥାଇଲାଣ୍ଡ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଧୀରେ ଧୀରେ ଉତ୍ତର ଆଣ୍ଡାମାନ ସାଗରକୁ ଗତି କରୁଛି। ଯାହାକି କାଲି ସନ୍ଧ୍ୟା ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ପରେ ଘନିଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବ। ୨୧ କିମ୍ବା ୨୨ ତାରିଖ ବେଳକୁ ଅବପାତରେ ପରିଣତ ହୋଇ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା କରାଇବ। ତେବେ ଲଘୁଚାପ ସୃଷ୍ଟି ହେବା ଥୟ। ଏବେ ଭୟ ବାତ୍ୟାକୁ ନେଇ। କାରଣ ବିଭିନ୍ନ ପାଣିପାଗ ମଡେଲର ଆକଳନ କହୁଛି, ଲଘୁଚାପ ଘନିଭୂତ ହେବାପରେ ବାତ୍ୟା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇପାରେ। ଆଉ କିଛି ଆକଳନ, ଗତିପଥ ଉତ୍ତରକୁ ଯାଉଥିବା ମଧ ଇଙ୍ଗିତ କରୁଛି। ତେବେ ଏଯାଏଁ ସମ୍ଭାବ୍ୟ ଅବପାତର ଗତିପଥ ଓ ତୀବ୍ରତା ସ୍ପଷ୍ଟ ହୋଇନାହିଁ। ଏପଟେ ବିପର୍ଯ୍ୟୟ ପରିଚାଳନା ବିଭାଗର ସମୀକ୍ଷା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏବେଠୁ ବାତ୍ୟା ଆକଳନ କରିବା ସମ୍ଭବ ନୁହେଁ । ଲଘୁଚାପ ସୃଷ୍ଟି ହେବାପରେ ସାଇକ୍ଲୋନ୍ ହେବ କି ନାହିଁ ସ୍ପଷ୍ଟ ହେବ। ତେବେ ସମ୍ଭାବ୍ୟ ସ୍ଥିତିକୁ ଦେଖି ୨୦ ଜିଲ୍ଲାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଚଳିତ ଓ ଭୟଭୀତ ନହେବାକୁ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ।

ରାଜୀବ ଭବନସ୍ଥିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ୀକରଣ ଦିଗରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିବା ସହ ବିପର୍ଯ୍ୟୟ ସମ୍ପର୍କିତ କୌଣସି ବି ଚର୍ଚ୍ଚାରେ ଭୟଭୀତ ନ ହେବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଆଗାମୀ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ସମ୍ପର୍କରେ ସୁବିସ୍ତୃତ ସମୀକ୍ଷା କରି ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଭାରତ ପାଣିପାଗ ବିଭାଗ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପୂର୍ଣ୍ଣ ସମ୍ପର୍କରେ ରହିଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣ ଅନ୍ୟାନ୍ୟ ମିଥ୍ୟା ଖବର ମାଧ୍ୟମରେ ଭୟଭୀତ ନ ହୋଇ କେବଳ ଭାରତର ପାଣିପାଗ ବିଭାଗ ତଥା ସରକାରୀ ସ୍ୱୀକୃତିପ୍ରାପ୍ତ ଉତ୍ସରୁ ପ୍ରଦତ୍ତ ସୂଚନାକୁ ▶▶ ୫

**ଭୟଭୀତ ନହେବାକୁ ଅପିଲ୍ କଲେ ମନ୍ତ୍ରୀ**

**ଉତ୍ତର ଥାଇଲାଣ୍ଡ ଉପରେ ଘୂର୍ଣ୍ଣିବଳୟ, ଆଜି ଲଘୁଚାପ**

## ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ, ୨୭ ମୃତ

**ଇସଲାମାବାଦ,୧୮।୯/ଏଜେନ୍ସି:**

ପାକିସ୍ତାନର ଅଶାନ୍ତ ଉତ୍ତର-ପଶ୍ଚିମାଞ୍ଚଳସ୍ଥିତ ଏକ ମସ୍‌ଜିଦରେ ଆତ୍ମଘାତୀ ବିସ୍ଫୋରଣ ଏବଂ ପରବର୍ତ୍ତୀ ଗୁଳିବିନିମୟରେ ଅତିକମରେ ୨୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ ସାଧାରଣ ନାଗରିକ ଏବଂ ୧୫ ଜଣ ପୁଲିସ କର୍ମଚାରୀ ଅଛନ୍ତି। ଏହି ଆକ୍ରମଣରେ ପାଖାପାଖି ୭୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ଆଫଗାନିସ୍ତାନ




ସୀମାନ୍ତ ଖାଇବର ପାଖତୁନଖ୍ୱା ପ୍ରଦେଶର କୋହାଟସ୍ଥିତ ପୁଲିସ ମୁଖ୍ୟାଳୟ ମସଜିଦରେ ଶୁକ୍ରବାର ନମାଜ ପାଇଁ ଲୋକେ ଏକତ୍ରିତ ▶▶ ୫

## ଓସ୍କାର ପାଇଁ 'ଗୋନ୍ଧଲ' ମନୋନୀତ

**ନୂଆଦିଲ୍ଲୀ,୧୮।୯/ଏଜେନ୍ସି:**

ମରାଠୀ ଚଳଚ୍ଚିତ୍ର 'ଗୋନ୍ଧଲ'କୁ ଓସ୍କାର ୨୦୨୭ ପାଇଁ ଭାରତର ଆଧିକାରିକ ମନୋନୟନ ଭାବେ ଚୟନ କରାଯାଇଛି। ଶୁକ୍ରବାର 'ଫିଲ୍ମ ଫେଡେରେସନ୍ ଅଫ୍ ଇଣ୍ଡିଆ' ପକ୍ଷରୁ ଏହି ଘୋଷଣା କରାଯାଇଛି। ସନ୍ତୋଷ ଦାବଖରଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର କାହାଣୀ ଗ୍ରାମୀଣ ମହାରାଷ୍ଟ୍ରର ପୃଷ୍ଠଭୂମିରେ ଗତିଶୀଳ। ଏକ ନବଦମ୍ପତିଙ୍କୁ କେନ୍ଦ୍ର କରି ଗୋଟିଏ ରାତିରେ ଅନୁଷ୍ଠିତ ହେଉଥିବା ପାରମ୍ପରିକ ପୂଜାବିଧି ('ଗୋନ୍ଧଲ'




ଅନୁଷ୍ଠାନ) ଉପରେ ଚଳଚ୍ଚିତ୍ରଟି ଆଧାରିତ। ୯୯ତମ ଏକାଡେମୀ ଆୱାର୍ଡସର 'ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ' ବିଭାଗ ପାଇଁ ୩୩ଟି ସିନେମା ମଧ୍ୟରୁ ଏହାକୁ ବଛାଯାଇଛି ବୋଲି ଚୟନ କମିଟିର ▶▶ ୫

## ଦୁର୍ଘଟଣାରେ ବାପା, ପୁଅ ଓ ନାତି ମୃତ

**ସୁନ୍ଦରଗଡ଼,୧୮।୯/ଏନ୍ଏନ୍ଏସ୍:**

ତଳସରା ଥାନା ସବ୍‌ଡେଗା ପେଟ୍ରୋଲ୍ ପମ୍ପ ସମ୍ମୁଖରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ, ପୁଅ ଓ ସମ୍ପର୍କୀୟ ନାତିଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ କିଞ୍ଜିରକେଲା ଥାନା ଅନ୍ତର୍ଗତ କୁକୁରିଡିହି ଗ୍ରାମର ଲିଙ୍ଗେଶ୍ୱର ଲାରଙ୍ଗ (୬୦), ତାଙ୍କର ଏକମାତ୍ର ପୁତ୍ର ସମୀର ଲାରଙ୍ଗ (୨୮) ଓ ଲିଙ୍ଗେଶ୍ୱରଙ୍କ ବନ୍ଧବାହାଲ ଗ୍ରାମର ସମ୍ପର୍କୀୟ ନାତି। ଗୁରୁବାର ରାତିରେ ୩ ଜଣ ଏକ ବାଇକ୍‌ରେ ଆସି ସବ୍‌ଡେଗା- ବାଲିଶଙ୍କରା ମୁଖ୍ୟ ରାସ୍ତାରେ ଥିବା ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ ଭରି ରାସ୍ତା ଉପରକୁ ଆସୁଥିଲେ। ଏହି ସମୟରେ ବାଲିଶଙ୍କରା ପଟୁ ଆସୁଥିବା ଏକ ବୋଲେରୋ ଉକ୍ତ ବାଇକ୍‌କୁ ଜୋରରେ ଧକ୍କା ଦେବା ସହ ଘୋଷାଡ଼ି ନେଇ ପାଖ ନାଳରେ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ହେଲେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସମସ୍ତଙ୍କ ମୃତ୍ୟୁ ହୋଇଯାଇଛି। ପୁଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

**● ନିର୍ବାଚନ ଆୟୋଗଙ୍କ ଦଳୀୟ ଚିହ୍ନ ଓ ନାମକୁ ଫ୍ରିଜ୍ କରାଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍**

**'ବାଚସ୍ପତିଙ୍କ ବିଳମ୍ବିତ ନିଷ୍ପତ୍ତି ବିଦ୍ରୋହୀଙ୍କୁ ସୁହାଇଛି'**

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ମମତା

**କୋଲକାତା, ୧୮।୯/ଏଜେନ୍ସି:**

ପଶ୍ଚିମବଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ବିଳମ୍ବିତ ରାତିରେ ନାଟକୀୟ ଘଟଣାକ୍ରମେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରିପୋର୍ଟ ଅନୁସାରେ ସେ ସୁପ୍ରିମକୋର୍ଟଙ୍କ ନିକଟରେ ଦୁଇଟି ପିଟିସନ୍ ଦାଖଲ କରିଛନ୍ତି। ପ୍ରଥମ ପିଟିସନ୍‌ଟି ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତି ' ମୂଳ ତୃଣମୂଳ କଂଗ୍ରେସ'ର ନାମ ଏବଂ ନିର୍ବାଚନୀ ଚିହ୍ନକୁ ଫ୍ରିଜ୍ କରାଯିବା'କୁ ସିଧାସଳଖ ଚ୍ୟାଲେଞ୍ଜ୍ କରୁଥିବା ବେଳେ ଅନ୍ୟଟି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ରହିଛି।



ନିର୍ବାଚନ କମିଶନଙ୍କ ଦ୍ୱାରା ତୃଣମୂଳ କଂଗ୍ରେସ'ର ନାମ ଏବଂ ନିର୍ବାଚନ ଚିହ୍ନକୁ ସ୍ଥଗିତ (ଫ୍ରିଜ୍) କରାଯିବା ନିଷ୍ପତ୍ତିକୁ ଆହ୍ୱାନ ଜଣାଇ ଦଳର ମୁଖ୍ୟ ମମତା ବାନାର୍ଜୀ ସୁପ୍ରିମ୍ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି। 'ଡାଏରୀ ନମ୍ବର ୫୮୦୦୫/୨୦୨୬'ରେ ଏହି ମାମଲା ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି। ଏଥିରେ ମମତା ବାନାର୍ଜୀ ଆବେଦନକାରୀ ଥିବା ବେଳେ ଭାରତୀୟ ନିର୍ବାଚନ କମିଶନ, ଏହାର ସଚିବ ଏବଂ ବିଦ୍ରୋହୀ ନେତା ଋତବ୍ରତ ବାନାର୍ଜୀଙ୍କୁ ପ୍ରତିପକ୍ଷ କରାଯାଇଛି। ମମତା ବାନାର୍ଜୀଙ୍କ ଗୋଷ୍ଠୀ ନିର୍ବାଚନ କମିଶନଙ୍କ ଏହି ଆଦେଶକୁ ଅସ୍ୱୀକାର କରିବା ସହ ସୁପ୍ରିମ୍ କୋର୍ଟରେ ନିଜର ମୂଳ ଦଳୀୟ ଅଧିକାର ସାବ୍ୟସ୍ତ କରିବାକୁ ନିବେଦନ କରିଛି। ସେହିପରି ଅନ୍ୟତମ ପିଟିସନ୍‌ରେ ମମତା ଦର୍ଶାଇଛନ୍ତି, ଲୋକସଭା ବାଚସ୍ପତିଙ୍କ ଉଦାସୀନ ମନୋଭାବ ଏବଂ ୨୦ ବିଦ୍ରୋହୀ ସାଂସଦଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯେତେବେଳେକି ସୁପ୍ରିମକୋର୍ଟ ଗତ ▶▶ ୫

**ମମତାଙ୍କ ଦଳ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ', ଚିହ୍ନ 'ଫୁଟବଲ୍ ଖେଳାଳି'**

**'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ଭାବେ ଜଣାଯିବ ବିଦ୍ରୋହୀ ଗୋଷ୍ଠୀ, ଚିହ୍ନ 'ଲଫାଫା'**

**ଓହରିଲେ ଟିଏମ୍‌ସି ପ୍ରାର୍ଥୀ, ମମତାଙ୍କ ସମର୍ଥନ ପରେ କଂଗ୍ରେସ ପ୍ରାର୍ଥୀ ଗିରଫ**

## ହାତୀ ଦାନ୍ତ ସହ ଜଣେ ଗିରଫ

**ଛେଣ୍ଡିପଦା,୧୮।୯/ଏନ୍ଏନ୍ଏସ୍:**


ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ପୁଲିସ ଗୁରୁବାର ବିଳମ୍ବିତ ରାତିରେ ସ୍ଥାନୀୟ ଦେବଗଡ଼ ଛକରୁ ହାତୀଦାନ୍ତ ସହ ଜଣଙ୍କୁ ଗିରଫ କରିଛି। ବିଳମ୍ବିତ ରାତିରେ ଦେବଗଡ଼ ଛକ ଠାରେ ଯାନ ବାହାନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ବାଗେଡିଆ ଅଞ୍ଚଳର ସୁକାନ୍ତ ପ୍ରଧାନ ଓରଫ ରଞ୍ଜନ(୪୨) ନାମକ ଜଣେ ଯୁବକଙ୍କ ବାଇକ୍ ଡିକି ▶▶ ୫



## ଦୁଇ କଲରାପତରିଆ ବାଘ ଛାଲ ଜବତ

**ବାଲିଗୁଡ଼ା,୧୮।୯/ଏନ୍ଏନ୍ଏସ୍:**

ବାଲିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ଶୁକ୍ରବାର ବନ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ଦୁଇଟି କଲରାପତରିଆ ଚମଡ଼ା ଜବତ କରାଯାଇଛି। ଏନେଇ ଫିରିଙ୍ଗିଆ ଥାନା ଅନ୍ତର୍ଗତ ରତଙ୍ଗ ଗାଁର ଉତ୍ତମ ମାଝୀଙ୍କୁ ଗିରଫ କରାଯାଇଛି। ବାଲିଗୁଡ଼ା ଏସିଏଫ ▶▶ ୫



## ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ସଂଘର ଅଧିବେଶନ

**କଟକ,୧୮।୯/ଏନ୍‌ଏନ୍‌ଏସ୍:** 'ବୋଷ' କଲେଜ ପରିସରସ୍ଥିତ ଫିଲ୍ମ ଓ ଟେଲିଭିଜନ ପ୍ରେକ୍ଷାଳୟରେ ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଚକ୍ଷୁ ସେବା ସଂଘର ସଭାପତି ଲଳିତ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଭାସିରେ ଯୋଗଦେଇ ଚକ୍ଷୁ ଚିକିତ୍ସାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ସମସ୍ତ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଏସସିବି ଅବସରପ୍ରାପ୍ତ ଚକ୍ଷୁ ବିଭାଗର ମୁଖ୍ୟ ଡା. ପ୍ରଶାନ୍ତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ବିଶ୍ୱ ମୋହନ ରାଉତରାୟ, ଖାଦ୍ୟ ସୁରକ୍ଷା ଯୁଗ୍ମ କମିସନର ଡା. କ୍ଷେତ୍ର ମୋହନ କାଣ୍ଡ, ଇଣ୍ଡିଆନ ମେଡ଼ିକାଲ ଆସୋସିଏସନର ରାଜ୍ୟ ସଭାପତି ଡା. ଚିନ୍ମୟ ସାହୁ, ଓଡ଼ିଶା ଅମଲା ସଂଘର ସଭାପତି ସୁଧାଂଶୁ ପାତ୍ର ଓ ଅବସରପ୍ରାପ୍ତ ଉପସଚିବ ରତ୍ନାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଉପଦେଷ୍ଟା ଦୁର୍ଗା ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମ୍ପାଦକ ନିରଞ୍ଜନ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ଓ ଲକ୍ଷ୍ମୀଧର ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ସୁରେନ୍ଦ୍ର କୁମାର ପଡ଼ିଆରୀ, ନିରଞ୍ଜନ ସାମନ୍ତରାୟ, ଲୋକନାଥ ବେହେରା, ସତ୍ୟବ୍ରତ ଜେନା, ଚକ୍ରଧର ଦାସ, ରବି ନାରାୟଣ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ସନ୍ନ୍ୟାସୀ ନାୟକ ଧନ୍ୟବାଦ ଦେଇଥିଲେ।

## ଡ୍ରିମ୍ସ୍‌ରେ ବିଶ୍ୱକର୍ମାଙ୍କ ପୂଜା

**କଟକ,୧୮।୯/ଏନ୍‌ଏନ୍‌ଏସ୍:** ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସାହ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ କେୟାର ହସ୍‌ପିଟାଲ, ସ୍କୁଲ ଅଫ ଇଞ୍ଜିନିୟରିଂ ଓ ଟେକ୍‌ନୋଲୋଜିର ବିଭିନ୍ନ ବିଭାଗ,ପଲିଟେକ୍‌ନିକ, ଫେସନ୍ ଡିଜାଇନିଂ, ଆଇଟିଆଇ, ବିଦ୍ୟୁତ୍, ଉଦ୍ୟାନ କୃଷି, ପରିବହନ ପ୍ରଭୃତି ବିଭାଗରେ



ବିଶ୍ୱକର୍ମାଙ୍କ ପୂଜା ଓ ହୋମ ଯଥାବିଧି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋଧା ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ ସହ ଛାତ୍ରଛାତ୍ରୀମାନେ ବିଶ୍ୱକର୍ମାଙ୍କ ଆଶୀର୍ବାଦରେ ଭଲ ମଣିଷ ହୋଇ ପିତାମାତା ଓ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, 'ଡିନ୍' ଡ. ନୟନ ରଂଜନ ସାମଲ, ଡ. ତପସ୍ୱିନୀ ସାହୁ, ଇଂ ପ୍ରଶାନ୍ତ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ସୁଧାଂଶୁ ଭୂଷଣ କର ପ୍ରମୁଖ ଦେବ ଶିଳ୍ପୀଙ୍କୁ ଭକ୍ତିନୈବେଦ୍ୟ ଅର୍ପଣ କରିଥିଲେ। ସେହିପରି ଟାଙ୍ଗୀର ବଇଁଚୁଆଠାରେ ଥିବା ଶ୍ରୀଦୁର୍ଗା କଣ୍ଡେଭ ୱାର୍କସପରେ ବିଶ୍ୱକର୍ମା ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି।

## ବିପ୍ଲବୀ ସାରଙ୍ଗଧରଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ,୧୮।୯/ଏନ୍‌ଏନ୍‌ଏସ୍:** ମହାନ ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଆନ୍ଦୋଳନର କର୍ଣ୍ଣଧାର ଗଡ଼ଜାତ ଗାନ୍ଧି ବିପ୍ଲବୀ ସାରଙ୍ଗଧର ଦାସଙ୍କ ୬୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସାରଙ୍ଗଧର ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ସତୀଚଉରା ସମାଧି ପୀଠଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ଏହି କାର୍ଯ୍ୟକ୍ରମରେ କେଦାର ପୃଷ୍ଟି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂ ଯୋଗ ଦେଇ କହିଲେ ଯେ, ଗଡ଼ଜାତ ରାଜ୍ୟମାନଙ୍କ ମିଶ୍ରଣ ପାଇଁ ତାଙ୍କ ଅବଦାନ ଏବଂ ବୃହତ୍ତର ଓଡ଼ିଶାର ନିର୍ମାଣରେ ତାଙ୍କ ଉଦ୍ୟମ ଅବିସ୍ମରଣୀୟ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା ସ୍ମୃତିଚାରଣ କରି କହିଲେ ଯେ ସାରଙ୍ଗଧର ନେହେରୁଙ୍କ ସହ ସହଯୋଗୀ ଭାବେ ସମ୍ବିଧାନ ପ୍ରଣୟନ ସଭାର ପ୍ରମୁଖ କର୍ମକର୍ତ୍ତା ଭାବେ କାର୍ଯ୍ୟ କରିଯାଇଛନ୍ତି। ସମ୍ମାନିତ ବକ୍ତା ଭାବେ ଡ଼ଃ ଭାଗବତ ଶୁକ୍ଳ କହିଲେ ସାରଙ୍ଗଧର ଥିଲେ ନିର୍ଭିକ ଦେଶସେବକ। ସର୍ବଶ୍ରୀ ଚିତ୍ତରଞ୍ଜନ ମହାନ୍ତି, ନରେନ୍ଦ୍ର ନାଏକ, ମନୋରଂଜନ ପଣ୍ଡା, ଦେବରାଜ ସୁର, ଉମେଶ ଚନ୍ଦ୍ର ନାୟକ, ସମରେନ୍ଦ୍ର ଘୋଷ, ବାବୁଲିଧର ନାୟକ, ଶ୍ୟାମସୁନ୍ଦର ସାହୁ, ଗୋପାଳ ଚନ୍ଦ୍ର ମିଶ୍ର, ନିବାସ ଚନ୍ଦ୍ର ମିଶ୍ର, ଧର୍ମେଶ ନାୟକ, ପ୍ରଶାନ୍ତ ଦାସ, କ୍ଷୀରୋଦ ମହାପାତ୍ର, ଲକ୍ଷ୍ମୀଧର ବେହେରା, ଅଦ୍ୱୈତ ଚରଣ ପ୍ରଧାନ, ଅଧ୍ୟାପକ ଡ଼ଃ କିଶୋର ଚନ୍ଦ୍ର ଦାସ,ଅଜୟ କୁମାର ଦାସ,କ୍ଷିରୋଦ ଜେନା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଡ଼ଃ ହେମନ୍ତ ପରିଡ଼ା ଧନ୍ୟବାଦ୍ ଦେଇଥିଲେ।

## ଏକକ ବାତାୟନ ବ୍ୟବସ୍ଥା, ଆରମ୍ଭ ହେଲା ଦୁର୍ଗାପୂଜା ଏନ୍‌ଓସି ଆବେଦନ

**କଟକ,୧୮।୯/ଏନ୍‌ଏନ୍‌ଏସ୍:** ଦୁର୍ଗାପୂଜା ଆୟୋଜନ ନିମନ୍ତେ ଆଜିଠାରୁ ସମସ୍ତ ପୂଜା କମିଟି ଏନଓସି ପାଇଁ ଆବେଦନ ବ୍ୟବସ୍ଥା ଆରମ୍ଭ ହୋଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବାରବାଟୀ ପ୍ୟାଲେସ୍‌ଠାରେ ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ) କାର୍ଯ୍ୟକ୍ଷମ କରାଯାଇଛି। ୨୧ ତାରିଖ ସକାଳ ୧୦ଟାରୁ ୫ଟା ମଧ୍ୟରେ ପୂଜା କମିଟିଗୁଡ଼ିକୁ ତ୍ୱରିତ ଏନ୍‌ଓସି ଓ ଅନୁମତି ପ୍ରଦାନ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ପୂଜା ପେଣ୍ଡାଲ ଓ ଅନ୍ୟାନ୍ୟ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଭିତ୍ତିଭୂମି ନିରାପତ୍ତା ପ୍ରମାଣପତ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଅଗ୍ନି ନିରାପତା ପ୍ରମାଣପତ୍ର ଏବଂ ବିଦ୍ୟୁତ୍ ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରାଯିବ। ସେହିଭଳି କଟକ ମହାନଗର ନିଗମ ପାଇଁ ପରିମଳ ଦେୟ,ସାଉଣ୍ଡ ବକ୍ସ ଓ ଶୋଭାଯାତ୍ରା ପାଇଁ ଆବଶ୍ୟକ ଫି' ମଧ୍ୟ ଦାଖଲ କରାଯିବ। ବାରବାଟୀ ପ୍ୟାଲେସ୍‌ଠାରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ। କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ନୋଡାଲ ଅଧିକାରୀ ଅଛନ୍ତି। ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ପୂଜା କମିଟିଗୁଡ଼ିକର ଆବେଦନ ଗ୍ରହଣ କରିବେ। ତେବେ ଗୋଟିଏ ସ୍ଥାନରେ ସବୁ କାର୍ଯ୍ୟ ହୋଇପାରିବ। ଅନ୍ୟପକ୍ଷରେ ଅଫ୍‌ଲାଇନ ବଦଳରେ ଅନ୍‌ଲାଇନରେ ଏନଓସି ବ୍ୟବସ୍ଥା କରିବାକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ଦାବି ହୋଇଛି। ଯାହା ଦ୍ୱାରା ଆଉ ଭିଡ଼ ହେବ ନାହିଁ କି ପୂଜା କମିଟିର କର୍ମକର୍ତ୍ତାଙ୍କୁ ହଇରାଣ ହେବାକୁ ପଡ଼ିବ ନାହିଁ।

### ନିଶା ବିରୋଧୀ ଅଭିଯାନ ହେବ ଆହୁରି କଡ଼ାକଡ଼ି

# ବିକଳ୍ପ ଜୀବିକା ଓ ସଚେତନତା ଉପରେ ମୁଖ୍ୟ ସଚିବଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ 'ନିଶାମୁକ୍ତ ଭାରତ ଅଭିଯାନ' (ଏନ୍‌ଏମ୍‌ବିଏ), ନିଶାଦ୍ରବ୍ୟର ଚାହିଦା ହ୍ରାସ, ନିଶାଦ୍ରବ୍ୟର ଅବୈଧ କାରବାର ବିରୋଧରେ ପ୍ରବର୍ତ୍ତନ, ପୁନର୍ବାସ ଏବଂ ଜନସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ନିଶା ନିବାରଣ, ସଚେତନତା, ଆଇନଗତ ପ୍ରବର୍ତ୍ତନ, ଚିକିତ୍ସା, ପୁନର୍ବାସ ଏବଂ ସାମାଜିକ ପୁନଃ ସଂଯୋଜନ କ୍ଷେତ୍ରରେ ବିଭିନ୍ନ ବିଭାଗ, ଓଡ଼ିଶା ପୋଲିସ, ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ - ସିଆଇଡି-କ୍ରାଇମ୍ ବ୍ରାଞ୍ଚ ତରଫରୁ ଆହୂତ ଏହି ବୈଠକରେ ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ବୃନ୍ଦା ଡି, ଏସଟିଏଫ୍ ଆଇଜି ହିମାଂଶୁ ଲାଲ, ଡିଆଇଜି କେଭି ସିଂଙ୍କ ସମେତ ବିଭାଗୀୟ ଶାଖାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ବୈଠକରେ ଗତ ଜୁନ୍ ୨୦୨୬ ରେ ଅନୁଷ୍ଠିତ ୭ମ ରାଜ୍ୟ ନାର୍କୋ-କୋର୍ଡିନେସନ ବୈଠକ ପରଠାରୁ ନିଶା ଦ୍ରବ୍ୟ କାରବାର ପ୍ରତି ଚଢଉ ଜୋରଦାର କରାଯାଇ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିବା ସମ୍ପର୍କରେ ଏସଟିଏଫ୍ ଆଇଜି ତଥ୍ୟ ପ୍ରଦାନ କରିବା ସହ ଏହି କାର୍ଯ୍ୟ ଜାରି ରହିଥିବା ସମ୍ପର୍କରେ ସୂଚନା ଦେଇଥିଲେ। ନିଶାଦ୍ରବ୍ୟ, ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରକୁ ଗଭୀର ପ୍ରଭାବ ପକାଉଥିବା ପଦାର୍ଥର ଅବୈଧ କାରବାର ନିବାରଣ ଆଇନ(ପିଆଇଟିଏନଡିପିଏସ) ରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ନିଶା କାରବାର କ୍ଷେତ୍ରରେ ହଟସ୍ପଟ୍ ଚିହ୍ନଟ ହୋଇଥିବା ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ,ଗଜପତି , ବୌଦ୍ଧ ଆଦି ୬ଟି ଜିଲ୍ଲାର ବିଭିନ୍ନ ବ୍ଲକ, ଗ୍ରାମ ପଞ୍ଚାୟତ ଓ ଗ୍ରାମଗୁଡ଼ିକରେ ଚଢଉ ଏବଂ ସଚେତନତା ବୃଦ୍ଧି କରାଯାଇଛି। ପଞ୍ଚାୟତ ଜନ ପ୍ରତିନିଧି, ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ଅଧିକାରୀ ମାନଙ୍କ ସହଯୋଗରେ ବିକଳ୍ପ ଜୀବିକାର୍ଜନ ପନ୍ଥା ଆପଣେଇବାକୁ ପରାମର୍ଶ ଓ ସଚେତନ କରାଯାଉଛି। ଗଞ୍ଜେଇ ଚାଷ ଅଂଚଳଗୁଡିକୁ ତୀକ୍ଷ୍ଣ ନଜର ରଖାଯାଇ ଆଗାମୀ ନଭେମ୍ବରରେ ଚଢଉକୁ ବ୍ୟାପକ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

ନିଶାଦ୍ରବ୍ୟର ଅବୈଧ କାରବାର ରୋକିବା ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଓ ଅପରାଧ ଶାଖା ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ନିଶା କାରବାର ସହ ଜଡ଼ିତ ଆନ୍ତଃରାଜ୍ୟ ଗୋଷ୍ଠୀଗୁଡ଼ିକ ବିରୋଧରେ ଚଢ଼ଉ ଓ ଆଇନଗତ ପଦକ୍ଷେପ ନିଆଯାଉଛି। ନିଶାଦ୍ରବ୍ୟ ସମ୍ପର୍କିତ ମାମଲାର ତଦନ୍ତ, ନିରୀକ୍ଷଣ ଓ ଆଇନଗତ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରାଯାଉଛି। ଓଡ଼ିଶାରେ ନିଶା ଚାହିଦା ହ୍ରାସ ପାଇଁ ଜାତୀୟ କାର୍ଯ୍ୟ ଯୋଜନା (ଏନ୍‌ଏପିଡିଡିଆର) ଏବଂ ରାଜ୍ୟର 'ଦିଶା – ନିଶା ଓ ମାଦକ ଦ୍ରବ୍ୟ ସେବନ ପ୍ରତି ହସ୍ତକ୍ଷେପ ସେବା ଯୋଜନା' ମାଧ୍ୟମରେ ନିଶା ଚାହିଦା ହ୍ରାସ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ବର୍ତ୍ତମାନ ରାଜ୍ୟରେ ନିଶାସକ୍ତଙ୍କୁ ନିଶା ସେବନରୁ ନିବୃତ୍ତ ପାଇଁ ୪୧ଟି ସମନ୍ୱିତ ପୁନର୍ବାସ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହା ବ୍ୟତୀତ ୧୦ଟି ଜିଲ୍ଲାରେ ୧୧ଟି ଦିଶା ପୁନର୍ବାସ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି ଏବଂ ଆହୁରି ୫ଟି କେନ୍ଦ୍ର ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ପ୍ରକ୍ରିୟା ଚାଲିଛି। ଅବଶିଷ୍ଟ ୧୬ଟି ଜିଲ୍ଲାକୁ ପର୍ଯ୍ୟାୟକ୍ରମେ ଏହି ବ୍ୟବସ୍ଥାରେ ସାମିଲ କରାଯିବ। ଏ ସମ୍ପର୍କରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ଏହି ଅଭିଯାନରେ କିପରି ଅଧିକରୁ ଅଧିକ ଯୁବକ-ଯୁବତୀ ସାମିଲ ହୋଇ ସମସ୍ତଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚି ପାରିବ, ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଦିଶା ପୁନର୍ବାସ କେନ୍ଦ୍ରଗୁଡ଼ିକରେ ନିଶାସକ୍ତରୁ ମୁକ୍ତି ପାଉଥିବା ବ୍ୟକ୍ତିମାନଙ୍କର ଦକ୍ଷତା ବିକାଶ, ବୃତ୍ତିଗତ ପ୍ରଶିକ୍ଷଣ, ପୁନର୍ବାସ ଏବଂ ସାମାଜିକ ପୁନଃସଂଯୋଜନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କେନ୍ଦ୍ରଗୁଡ଼ିକରେ ସିଲେଇ ଓ ଟେଲରିଂ, ହସ୍ତଶିଳ୍ପ ଓ ଟୋକେଇ ପ୍ରସ୍ତୁତି, ଧୂପକାଠି ଉତ୍ପାଦନ ଏବଂ ଡିଜିଟାଲ୍ ସାକ୍ଷରତା ଓ କମ୍ପ୍ୟୁଟର ଦକ୍ଷତା ଭଳି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଗଞ୍ଜେଇ ଚାଷ ବା ନିଶା କାରବାରରେ ଲିପ୍ତ ରହୁଥିବା ଲୋକଙ୍କ ପାଇଁ କୃଷି, ଉଦ୍ୟାନ କୃଷି, ଛେଳି ପାଳନ, କୁକୁଡ଼ା ପାଳନ, ମାଛ ଚାଷ, ବୃକ୍ଷରୋପଣ ଓ ବିଭିନ୍ନ ଦକ୍ଷତା ବିକାଶ ମାଧ୍ୟମରେ ବିକଳ୍ପ ଜୀବିକାର ସୁଯୋଗ ସୃଷ୍ଟି ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

### ଲଳିତାସପ୍ତମୀରେ ମା' ଦୁର୍ଗାଙ୍କ ମାଟି ଅନୁକୂଳ

## ଶିଖରପୁର, ଗଣ୍ଡରପୁର ଓ ମହାନଦୀବିହାର ପୂଜା କମିଟିର ପ୍ରସ୍ତୁତି

**କଟକ,୧୮।୯/ଏନ୍‌ଏନ୍‌ଏସ୍:** ଶିଖରପୁର, ଗଣ୍ଡରପୁର ଓ ମହାନଦୀବିହାର ପୂଜା କମିଟି ପକ୍ଷରୁ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଶୁଭାରମ୍ଭ ହୋଇଯାଇଛି। ପବିତ୍ର ଲଳିତାସପ୍ତମୀ



ଅବସରରେ ଶିଖରପୁର ଗୁରୁକ୍ଷେତ୍ର ନିକଟସ୍ଥ ମହାନଦୀ କୂଳରେ ମା' ଦୁର୍ଗାଙ୍କ ମୂର୍ତ୍ତି ଗଠନ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ କୀର୍ତ୍ତନମଣ୍ଡଳୀ, ଘଣ୍ଟ, ତେଲିଙ୍ଗିବାଦ୍ୟ ଓ ହରିନାମ ସଂକୀର୍ତ୍ତନର ତାଳେତାଳେ ଏକ ଶୋଭାଯାତ୍ରାରେ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ମହାନଦୀ କୂଳରେ ପହଞ୍ଚିଥିଲେ। ସେଠାରେ ପୂଜକ ସର୍ବେଶ୍ୱର ଆଚାର୍ଯ୍ୟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ କର୍ତ୍ତା ଭାବେ ସରୋଜ ପ୍ରସାଦ ସ୍ୱାଇଁ ଏବଂ ସହଯୋଗୀ କର୍ତା ଭାବେ ଦିଲ୍ଲୀପ ଦଳାଇ, ହରି ପ୍ରସାଦ ସାହୁ ପ୍ରମୁଖ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ପୂଜା କମିଟିର ସଭାପତି ଜୟନ୍ତ କୁମାର ପ୍ରଧାନ, ସମ୍ପାଦକ ବିଷ୍ଣୁ ଚରଣ ନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି, କୋଷାଧ୍ୟକ୍ଷ ନଗେଶ ଚନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ଲୋକନାଥ ବେହେରା, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ନିର୍ମଳ କୁମାର ମହାନ୍ତି, ବେଣୁଧର ଗୋଛାୟତ, ଜୀବନ କୁମାର ମହାନ୍ତି, ମୃତ୍ୟୁଞ୍ଜୟ କର, ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ଗଣେଶ ଚନ୍ଦ୍ର ରାଉତ, ବିଶ୍ୱଜିତ ସ୍ୱାଇଁ, ଶିବ ପ୍ରସାଦ ଗୋଛି, ସନ୍ତୋଷ ବେଉରା, ଚନ୍ଦ୍ରମଣି ଗୋଛାୟତ, ହାଡ଼ିବନ୍ଧୁ ମହାନ୍ତି, ଭାରତ ଭୂଷଣ ସ୍ୱାଇଁ, ପ୍ରତାପ ଚନ୍ଦ୍ର ପରିଡ଼ା, ସୌମେନ୍ଦ୍ର ମହାନ୍ତି, ସୌମେନ୍ଦ୍ର ପ୍ରଧାନ, କରୁଣାକର ପ୍ରଧାନ, ଶୁକଦେବ ମହାନ୍ତି, ନିକୁଞ୍ଜ ରଥ, କର୍ପୋରେଟର ଇଂ. ସୁବ୍ରତ ଘଡ଼ାଇ, ପ୍ରଳୟା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ୪୬ ୟୁନିଟ୍ ରକ୍ତ ସଂଗ୍ରହ



**କଟକ,୧୮।୯/ଏନ୍‌ଏନ୍‌ଏସ୍:** କଟକ ସିଡିଏ ସେକ୍ଟର-୧୩ ସ୍ଥିତ 'ସାଇ ସୋଲାର ସଲ୍ୟୁସନସ', ଯାଜପୁର ଯୁବ ସାଂସ୍କୃତିକ ସଂଘ ଓ 'ଜୁନିୟର ରେଡକ୍ରସ କଟକ' ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ବିଜେପି ନେତା ଲଲାଟେନ୍ଦୁ ବଡୁ ମୁଖ୍ୟଅତିଥି, ଟିପିସିଓଡିଲ୍‌ର ଡିଭିଜନାଲ ମ୍ୟାନେଜର ସଞ୍ଜୟ କୁମାର ମହାନ୍ତି ମୁଖ୍ୟବକ୍ତା, ଯାଜପୁର ଯୁବ ସାଂସ୍କୃତିକ ସଂଘ ସମ୍ପାଦକ ତଥା କଟକ ଜିଲ୍ଲା ଜୁନିୟର ରେଡକ୍ରସର ପୂର୍ବତନ ଅଧିକାରୀ ମିହିର କୁମାର ପରିଡ଼ା, ସମ୍ମାନିତ ଅତିଥି, ପାର୍ଥସାରଥୀ ମଲ୍ଲିକ, ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ପରେଶ ଚନ୍ଦ୍ର ମଲ୍ଲ, ରେଡ୍‌କ୍ରସ୍ ସାଧନକର୍ମୀ ଓ ଦେବ ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସାଇ ସୋଲାର ସଲ୍ୟୁସନର ମୁଖ୍ୟ ହିମାଂଶୁ ଶେଖର ପରିଡ଼ା, ଦେବାଶିଷ୍ ସମନ୍ତରାୟ ପରିଚାଳନା କରିଥିଲେ। କଟକ କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାରର ବିଭାଗୀୟ ଡାକ୍ତର ରଘୁନାଥ ବେହୁରା ଓ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ତୁଲାଇଥିଲେ।

## ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ ପକ୍ଷରୁ ଛାତ୍ର-ନେତୃତ୍ୱାଧୀନ ପତ୍ରିକାର ଶୁଭାରମ୍ଭ



**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ପକ୍ଷରୁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଅର୍ଥନୀତି ଓ ସ୍ଥାୟୀ ବିକାଶ, କ୍ୟାରିୟର ଓ ଭବିଷ୍ୟତ ପ୍ରସ୍ତୁତି, ଇତିହାସ ଓ ଐତିହ୍ୟ ଏବଂ ରାଜନୀତି, ସାର୍ବଜନୀନ ନୀତି ଏବଂ ବିଶ୍ୱ ବ୍ୟାପାରକୁ କେନ୍ଦ୍ରକରି ଛାତ୍ରଛାତ୍ରୀଙ୍କୁ ଶ୍ରେଣୀ ଗୃହରେ ସୀମା ବାହାରେ ବାସ୍ତବ ଜୀବନର ବିଭିନ୍ନ ବିଷୟରେ ଉପରେ ଗବେଷଣା, ଲେଖନ, ବିଶ୍ଳେଷଣ ଏବଂ ଚିନ୍ତନ କରିବାକୁ ନେଇ ଚାରିଟି ଛାତ୍ର-ନେତୃତ୍ୱାଧୀନ ପତ୍ରିକା ଯଥା, 'ସାଇ ଅର୍ଥଶାସ୍ତ୍ର, ଭିସ୍ତାରିକା, ଆତିଥ୍ୟ ଓ ଚକ୍ରବ୍ୟୁହ' ଧରିତ୍ରୀର ସମ୍ପାଦକ ତଥାଗତ ଶତପଥୀଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଶ୍ରୀ ଶତପଥୀ ଏହି ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ, କୌଣସି ପ୍ରକାଶନ କେବଳ କାଗଜ ଉପରେ ଶବ୍ଦ ଲେଖିବା ନୁହେଁ; ଏହା ଆମ ଚାରିପାଖରେ ଘଟୁଥିବା ଘଟଣାଗୁଡିକୁ ଲକ୍ଷ୍ୟ କରିବା, ପ୍ରଶ୍ନ କରିବା ଏବଂ ସେ ଗୁଡିକର ଅର୍ଥ ବୁଝିବା ଶିକ୍ଷା ସହିତ ଜଡ଼ିତ। ସାଇ ଇଣ୍ଟରନ୍ୟାସନାଲ୍‌ର ଏଜୁକେସନ ଗ୍ରୁପର ଚେୟାରପର୍ସନ ଡଃ ଶିଳ୍ପୀ ସାହୁ କହିଥିଲେ ଯେ, ଏହି ପଦକ୍ଷେପ ସ୍କୁଲର ଗବେଷଣା, ସ୍ୱାଧୀନ ଚିନ୍ତନ, ଯୋଗାଯୋଗ ଦକ୍ଷତା ଏବଂ ବାସ୍ତବ ଜୀବନ ଭିତ୍ତିକ ଶିକ୍ଷାପ୍ରତି ଗୁରୁତ୍ୱକୁ ପ୍ରତିଫଳିତ କରିଥାଏ। ଛାତ୍ରଛାତ୍ରୀମାନେ କୌତୁହଳ ସହିତ ଆରମଦାୟକ ହୁଅନ୍ତୁ- କୌଣସି ସହଜ ଉତ୍ତର ନଥିଲେ ମଧ୍ୟ ପ୍ରଶ୍ନ ପଚାରିବା ଏହି ପ୍ରତିକା ଗୁଡିକ ସେହି ଦର୍ଶନର ଏକ ବିସ୍ତାର ଯାହା ଛାତ୍ରଛାତ୍ରୀମାନଙ୍କୁ ଗବେଷକ, ଲେଖକ, ଚିନ୍ତକ ଏବଂ କାହାଣୀକାର ଭାବେ ନିଜକୁ ବିକଶିତ କରିବାର ସୁଯୋଗ ପ୍ରଦାନ କରିଥାଏ। ଏହାର ସମ୍ପାଦନ ଦାୟିତ୍ୱରେ ଥିଲେ ସାନ୍‌ଭି ରାୟ। ଏହାର ସମ୍ପାଦନ ଦାୟିତ୍ୱରେ ଥିଲେ ପ୍ରଞ୍ଜଳ ମହାନ୍ତି। ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ ଓ ଆସୋସିଏଟ୍ ଡାଇରେକ୍ଟର ଶରତ କୁମାର କର ଉପସ୍ଥିତ ଥିଲେ।

## ମହିଳାଙ୍କ ପାଇଁ ଆଇନ ସଚେତନତା ଶିବିର

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** କିଟ୍ ଲ' ସ୍କୁଲ୍‌ର ଆଇନ ସେବା କ୍ଲିନିକ୍ ପକ୍ଷରୁ ମହିଳାଙ୍କ ମଧ୍ୟରେ ଆଇନ ସାକ୍ଷରତା ଓ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଖୋର୍ଦ୍ଧା ଜିଲ୍ଲା ନାଲିପଡ଼ା-ଅର୍ଜୁନପୁର ପଞ୍ଚାୟତରେ ଇତି ମଧ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।




ଶିବିରରେ ସ୍ଥାନୀୟ ପଞ୍ଚାୟତ ସମେତ ଆଖପାଖ ଗ୍ରାମର ବହୁ ମହିଳା ଯୋଗଦେଇଥିଲେ। ଏଥିରେ ମହିଳାଙ୍କ ସାମ୍ବିଧାନିକ ଓ ଆଇନଗତ ଅଧିକାର, ହିଂସା ଓ ଉତ୍ପୀଡ଼ନରୁ ସୁରକ୍ଷା, ଆଇନଗତ ସୁରକ୍ଷା ବ୍ୟବସ୍ଥା ଏବଂ ନ୍ୟାୟ ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ମହିଳାମାନେ ବିଭିନ୍ନ ଆଇନଗତ ଓ ସାମାଜିକ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିବା ସହ ଆବଶ୍ୟକ ସୂଚନା ଜାଣିବାକୁ ପାଇଥିଲେ। କିଟ ଆଇନ ସେବା କ୍ଲିନିକ୍‌ର ଛାତ୍ର ସ୍ୱେଚ୍ଛାସେବୀମାନେ ଶିବିରରେ ସକ୍ରିୟ ଭାବେ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସହ ଆଇନଗତ ସମସ୍ୟା ନେଇ ଆଲୋଚନା କରିଥିଲେ। ଆବଶ୍ୟକ ସମୟରେ ଆଇନଗତ ସହାୟତା ପାଇବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ମଧ୍ୟ ସେମାନେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଶିବିର ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ର, ଆଇନ ସେବା କ୍ଲିନିକ୍‌ର ଫ୍ୟାକଲ୍ଟି ସଂଯୋଜକ ଶଶାଙ୍କ ନନ୍ଦେ ଓ ଡ. ପ୍ରଜ୍ଞା ପାରମିତା ରାୟ ଏବଂ କିଟ୍ ଲ' ସ୍କୁଲ୍‌ର ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଶ୍ରୀମତୀ ଅମ୍ରିତା ବଳଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାଲିପଡ଼ା-ଅର୍ଜୁନପୁର ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତି ଉପସ୍ଥିତ ରହି ଏହି ଉଦ୍ୟମକୁ ମୂଲ୍ୟବାନ ସମର୍ଥନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରେ ନ୍ୟାୟ ପାଇବାର ସୁଯୋଗ, ଆଇନ ସଚେତନତା ଓ ସାମାଜିକ ସଶକ୍ତୀକରଣକୁ ପ୍ରୋତ୍ସାହନ ଦେବା ଦିଗରେ କିଟ୍ ଲ' ସ୍କୁଲ୍‌ର ନିରନ୍ତର ପ୍ରୟାସ ଜାରି ରହିଛି। ଏଭଳି କାର୍ଯ୍ୟକ୍ରମ ଜରିଆରେ କିଟ ଲ ସ୍କୁଲ ଛାତ୍ରଛାତ୍ରୀମାନେ କ୍ଲିନିକାଲ୍ ଆଇନ ଶିକ୍ଷା ଓ ସମୁଦାୟଭିତ୍ତିକ ଆଇନ ସେବା ସମ୍ପର୍କରେ ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇଥାନ୍ତି।

## କଳିଙ୍ଗ ବିଶ୍ୱକର୍ମା ଶ୍ରମିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା

**କଟକ,୧୮।୯/ଏନ୍‌ଏନ୍‌ଏସ୍:** ନୂଆପଡ଼ା ଘାଟକୂଳସ୍ଥିତ କଳିଙ୍ଗ ବିଶ୍ୱକର୍ମା ଶ୍ରମିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା ଓ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରମିକମାନେ ଯୋଗଦେଇ ବିଶ୍ୱକର୍ମାଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଧରଣୀଧର ମହାରଣା, ସଭାପତି ହେମନ୍ତ ମହାରଣା, ସମ୍ପାଦକ ପ୍ରିୟନାଥ ମହାରଣା, ଦିଲୀପ ମହାରଣା, ସୁଶାନ୍ତ ମହାରଣା, ଜଳନ୍ଧର ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଦୁଇଦିନିଆ କ୍ୟାରିୟର ପ୍ରଦର୍ଶନୀ ଉଦ୍‌ଯାପିତ

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ କ୍ୟାରିୟର ସମ୍ବନ୍ଧୀୟ ସଚେତନତା, ମାର୍ଗଦର୍ଶନ, ବୃତ୍ତିଗତ ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩ ସହଯୋଗରେ ଆୟୋଜିତ ଦୁଇଦିନିଆ କ୍ୟାରିୟର ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରା ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ ଶିକ୍ଷାର ଗୁଣାତ୍ମକ ବିକାଶ ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏଭଳି ପ୍ରଦର୍ଶନୀ ସଚେତନା ଓ ସକାରାତ୍ମକ କ୍ୟାରିୟର ପାଇଁ ଆଲୋକବର୍ତ୍ତିକା ସଦୃଶ।



ଏହା ସାମଗ୍ରିକ ବିକାଶ ସହ ବ୍ୟକ୍ତିଗତ ଆଗ୍ରହ, ପ୍ରତିଭା ଓ କୌଶଳ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୩ର ପ୍ରଧାନଶିକ୍ଷକ ଡ. ଏ. କେ. ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକବିଂଶ ଶତାବ୍ଦୀର ବଦଳୁଥିବା କ୍ୟାରିୟରଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପ୍ରସାର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ରମାକାନ୍ତ ମହାଲିକ ଶିକ୍ଷାର୍ଥୀଙ୍କ ଆଗ୍ରହ ଓ ପଥ ପ୍ରଦର୍ଶନରେ ଏହାର ଭୂମିକା ସମ୍ପର୍କରେ କହିଥିବା ବେଳେ, ପ୍ରଫେସର ରଶ୍ମିରେଖା ସେଠୀ ପ୍ରତ୍ୟକ୍ଷ ଯୋଗାଯୋଗ ଓ ବାସ୍ତବ ଦକ୍ଷତା ବିକାଶର ଗୁରୁତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି ପ୍ରଦର୍ଶନୀ ଆୟୋଜନର ଆବଶ୍ୟକତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ବି.ଏନ୍. ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ଶିକ୍ଷକବୃନ୍ଦ ଯୋଗ ଦେଇଥିଲେ। ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି ଓ ସହକାରୀ ପ୍ରଫେସର ଡ. ଭି. ଶଶିକଳାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ୧୨ଶହରୁ ଅଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ସେମାନଙ୍କୁ ୪୫ରୁ ଅଧିକ କ୍ୟାରିୟର ବିଷୟରେ ଅବଗତ କରାଯାଇଥିବା ବେଳେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକ ସଦସ୍ୟବୃନ୍ଦ ପ୍ରଦର୍ଶନୀ ବୁଲି ଦେଖିବା ସହ ପ୍ରଶିକ୍ଷାର୍ଥୀ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ।

## ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲା: ପ୍ରତିପକ୍ଷଙ୍କୁ ନୋଟିସ୍

**କଟକ,୧୮।୯/ଏନ୍‌ଏନ୍‌ଏସ୍:** ନିକଟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ ଅମାନ୍ୟ କରି କ୍ରସ୍ ଭୋଟିଂ କରିଥିବା ଅଭିଯୋଗରେ ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଆଗତ ମାମଲାର ବିଚାର ପାଇଁ ଓଡିଶା ହାଇକୋର୍ଟ ଗ୍ରହଣ କରିଛନ୍ତି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ଆଜି ଏହି ମାମଲାର ଶୁଣାଣି କରି ପ୍ରତିପକ୍ଷମାନଙ୍କୁ ଜବାବ ଦାଖଲ କରିବାକୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଲାଗି ଚଳିତ ମାସ ୨୯ ତାରିଖକୁ ସମୟ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ମାମଲା ଦାୟର କରିଛନ୍ତି। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡିର ଆଠ ବିଧାୟକ ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲିକ, ଚକ୍ରମଣି କହଁର, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ ପ୍ରମୁଖଙ୍କ ସମେତ ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଗତ ମାର୍ଚ୍ଚରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ଉପରୋକ୍ତ ୮ ବିଧାୟକ ଦଳୀୟ ହ୍ୱିପ ଅମାନ୍ୟ କରି କ୍ରସ ଭୋଟିଂ କରିଥିବା ବିଜେଡି ଅଭିଯୋଗ କରିଥିଲା। ଏହାକୁ ଆଧାର କରି ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଦଳ ପକ୍ଷରୁ ଆବେଦନ କରାଯାଇଥିଲା। ତେବେ ଜୁନ୍୨୨ରେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଆବେଦନକୁ ଖାରଜ କରିଥିଲେ। ଆବେଦନରେ ଆବଶ୍ୟକ ତଥ୍ୟ, ପ୍ରମାଣ ଓ ସତ୍ୟପାଠ ନଥିବା ଦର୍ଶାଇ ବାଚସ୍ପତି ଆବେଦନକୁ ସମ୍ପୂର୍ଣ୍ଣ ନୁହେଁ ବୋଲି ବିବେଚନା କରିଥିଲେ। ବିଧାନସଭା ରୁଲ୍-୬ର ସବ୍ ରୁଲ୍-୬ ଓ ୭ ଅନୁଯାୟୀ ଆବଶ୍ୟକ ତଥ୍ୟ ଓ ପ୍ରମାଣ ଉପସ୍ଥାପନ କରାଯାଇନଥିବାରୁ ଆବେଦନ ଖାରଜ କରାଯାଇଥିବା ବାଚସ୍ପତି କହିଥିଲେ। ବାଚସ୍ପତିଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିଜେଡି ପକ୍ଷରୁ ପ୍ରମିଳା ମଲ୍ଲିକ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷଙ୍କ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଆସନ୍ତା ୨୯ ତାରିଖର ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି।




# ଓଡ଼ିଶା ହେବ ସେମିକଣ୍ଡକ୍ଟର ହବ୍

ଭାରତର ସେମି କଣ୍ଡକ୍ଟର କ୍ୟାପିଟାଲ୍ ବନିବ ଭୁବନେଶ୍ୱର। ୨ଟିର କାମ ଚାଲିଛି, ଆଗକୁ ଉତ୍ପାଦନ ଆରମ୍ଭ କରିବେ ଆଉ ୩। ଏଥିରେ ବଡ଼ ନିବେଶ ସହ ସୃଷ୍ଟି ହେବାକୁ ଯାଉଛି ବିଶାଳ ନିଯୁକ୍ତି ସୁଯୋଗ। ନୂଆଦିଲ୍ଲୀର ଯଶୋଭୂମିରେ ଚାଲିଥିବା ସେମିକନ୍ ଇଣ୍ଡିଆ ୨୦୨୬ ପାଭିଲିୟନ୍‌ରେ ଓଡ଼ିଶାରେ ସେମିକଣ୍ଡକ୍ଟର ଭିତ୍ତିଭୂମିକୁ ନେଇ ରାଜ୍ୟର ଏଭଳି ଭିଜନ୍ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏ ବିଶ୍ୱ ସ୍ତରୀୟ ଇଭେଣ୍ଟରେ ଯୋଗଦେଇ ସେମିକଣ୍ଡକ୍ଟର କ୍ଷେତ୍ରରେ ଆଗକୁ ଓଡ଼ିଶାର ବଡ଼ ଭିଜନ୍ ଓ ବୃହତ ଭାଗିଦାରୀର ତଥ୍ୟ ରଖିଛନ୍ତି ସିଏମ୍।




















**ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଲିକ୍ ମାମଲା**

## ଏତଲା ଦେଲେ ପରୀକ୍ଷା ନିୟନ୍ତ୍ରକ

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଲିକ ମାମଲାରେ ପରୀକ୍ଷା ନିୟନ୍ତ୍ରକ ଶେଷରେ ଶହୀଦନଗର ଥାନାରେ ବିଧିବଦ୍ଧ ଏତଲା ଦେଇଛନ୍ତି। ସୂଚନା ଅନୁସାରେ, ଯୁକ୍ତ ତିନି ଶ୍ରେଣୀର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ହ୍ୱାଟସଆପରେ ଭାଇରାଲ ହୋଇଛି। ସେପ୍ଟେମ୍ବର ୧୨ତାରିଖରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବାପରେ ପୁଣିଥରେ ପରୀକ୍ଷା ହେବାର ଆଶଙ୍କା ଦେଖାଦେଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରାୟ ୩୦୦ କଲେଜର ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କିଭଳି ହେଲା ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ହୃଷିକେଶ ନାୟକ କହିଛନ୍ତି ଯେ, ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଘଟଣା ସତ୍ୟ ଓ ଏହା କେଉଁ ସୂତ୍ରରୁ ବାହାରିଲା ତା'ର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଆରମ୍ଭ ହୋଇଛି।କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯିବା ସହିତ ଘଟଣାର ଅପରାଧିକ ଦିଗ ଉନ୍ମୋଚନ ପାଇଁ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବାରୁ ଆବଶ୍ୟକ ପଡ଼ିଲେ ସାଇବର ଥାନାର ମଧ ଦ୍ୱାରସ୍ଥ ହେବୁ ବୋଲି ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନିୟମ ଅନୁସାରେ ବିଶ୍ୱବିଦ୍ୟାଳୟ ପରିସରରୁ କଡ଼ା ସୁରକ୍ଷା ମଧ୍ୟରେ ସିଲ୍ ହୋଇ ପ୍ରଶ୍ନପତ୍ର ବିଭିନ୍ନ କଲେଜକୁ ପଠାଯାଇଥାଏ ଓ ପରୀକ୍ଷାର ଠିକ୍ ଅଧଘଣ୍ଟା ପୂର୍ବରୁ ସେଣ୍ଟର ସୁପରିଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ତାହା ଖୋଲାଯିବାର ବ୍ୟବସ୍ଥା ରହିଛି। ତେବେ ଏହି ସୁରକ୍ଷିତ ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହିଲା ଓ କେଉଁ ଶିକ୍ଷକ ବା କର୍ମଚାରୀଙ୍କ ଅବହେଳା ଯୋଗୁଁ ଏପରି ଘଟିଲା, ତାହାର ପର୍ଦ୍ଦାଫାଶ ପାଇଁ ପ୍ରୟାସ ଚାଲିଛି। ଶ୍ରୀ ନାୟକ ଆହୁରି ମଧ ସ୍ପଷ୍ଟ କରିଛନ୍ତି ଯେ, ତଦନ୍ତ ପରେ ଯଦି ପ୍ରଶ୍ନପତ୍ର ବ୍ୟାପକ ଭାବେ ଲିକ୍ ହୋଇଥିବା ପ୍ରମାଣିତ ହୁଏ, ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଷୟଗୁଡ଼ିକର ପରୀକ୍ଷା ବାତିଲ କରି ପୁନର୍ବାର ପରୀକ୍ଷା କରାଯିବ। ଏହି ଘଟଣାରେ ଯେଉଁମାନେ ବି ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ ଦଣ୍ଡବିଧାନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## କାର୍‌କେଡ୍ ଛାଡ଼ି ବାଇକ୍‌ରେ ବୁଲିଲେ ସାଂସଦ

**ଗ୍ରାଉଣ୍ଡ ଜିରୋରେ କାମ କରୁଥିବା ଏଭଳି ସାଂସଦ ସମ୍ବଲପୁର ଇତିହାସରେ ପ୍ରଥମ: ମାନସ ବକ୍ସି**

**ସମ୍ବଲପୁର,୧୮।୯/ଏନ୍‌ଏନ୍‌ଏସ୍:** ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ୪ ଦିନିଆ ସଂସଦୀୟ କ୍ଷେତ୍ର ଗସ୍ତ ସାରି ଭୁବନେଶ୍ୱର ଫେରିଛନ୍ତି। ଏହି ଚାରି ଦିନରେ ସାଂସଦ ଶ୍ରୀ ପ୍ରଧାନ ସମ୍ବଲପୁର, କୁଚିଣ୍ଡା, ଦେବଗଡ଼, ରେଢ଼ାଖୋଲରେ ବିଭିନ୍ନ ସରକାରୀ, ବେସରକରୀ ଓ ରାଜନୈତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କିନ୍ତୁ ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ଗତ ବୁଧବାର ଅପରାହ୍ନର କାର୍ଯ୍ୟକ୍ରମ। ସାଂସଦ ଶ୍ରୀ ପ୍ରଧାନ ଦଳୀୟ କର୍ମୀ ଓ ସରକାରୀ ଅଧିକାରୀଙ୍କ ସହ ବାଇକ୍‌ରେ ସମ୍ବଲପୁରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଭାରତ ସରକାରଙ୍କ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଆସୁଥିବା ସମ୍ବଲପୁର ଜଙ୍କସନ୍, ହୀରାକୁଦ ଏବଂ ସମ୍ବଲପୁର ସିଟି ରେଳ ଷ୍ଟେସନ



ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହିତ ଚାଲିଥିବା ପୁନଃ ନବୀକରଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବାଇକ୍‌ରେ ବୁଲି ବୁଲି ସମ୍ବଲପୁରରେ କ୍ରିୟାନ୍ୱୟନ ହେଉଥିବା ବିଭିନ୍ନ ରୋଡ ପ୍ରକଳ୍ପ କାର୍ଯ୍ୟକୁ ମଧ ତଦାରଖ କରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ପ୍ରାଧିକାରଣର ଅଧିକାରୀଙ୍କ ସହ ବିଭିନ୍ନ ଜାତୀୟ ରାଜପଥର ଉନ୍ନତିକରଣ, ମରାମତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସାମାଜିକ ଗଣମାଧ୍ୟମରେ ସାଂସଦଙ୍କ ଏସବୁ କାର୍ଯ୍ୟକ୍ରମର ଫୋଟୋ ଭିଡିଓ ଭାଇରାଲ୍ ହେଲା ପରେ ସମ୍ବଲପୁରବାସୀଙ୍କ ଭିତରେ ଚର୍ଚ୍ଚା ଜୋର ଧରିବା ସହିତ ଅଞ୍ଚଳବାସୀଙ୍କ ମନରେ ବିକାଶର ଧାରାର କ୍ଷିପ୍ର ଗତିକୁ ନେଇ ଆଶା ସଂଚାରିତ ହୋଇଛି ବୋଲି ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଛନ୍ତି। ଶ୍ରୀ ବକ୍ସି ଆହୁରି କହିଛନ୍ତି ଯେ ଅଞ୍ଚଳର ସାମଗ୍ରିକ ବିକାଶର ଚିନ୍ତା କରୁଥିବା ଓ ଗ୍ରାଉଣ୍ଡ ଜିରୋରେ କାମ କରୁଥିବା ଏଭଳି ସାଂସଦ ସମ୍ବଲପୁର ଇତିହାସରେ ପ୍ରଥମ।

## ବିଜେପି ସରକାର ଆସିବା ପରେ ରାଜ୍ୟକୁ ଛୁଟୁଛି ନିବେଶର ସୁଅ

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ଦୁଇ ବର୍ଷରେ ଓଡ଼ିଶାର ଶିଳ୍ପାୟନର ନୂଆ ଧାରା ସୃଷ୍ଟି ହୋଇଛି। ବିଜେପି ସରକାର ଆସିବା ପରେ ରାଜ୍ୟକୁ ନିବେଶର ସୁଅ ଛୁଟୁଛି। ରାଜ୍ୟ ସରକାର କେବଳ ପାରମ୍ପରିକ ଶିଳ୍ପ ପ୍ରୋତ୍ସାହନରେ ସୀମିତ ନାହାନ୍ତି, ବରଂ ରାଜ୍ୟରେ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ୟୁଏଇ ଗସ୍ତ ଓଡ଼ିଶାର ଶିଳ୍ପ ଜଗତ ପାଇଁ ଏକ ଐତିହାସିକ ଏବଂ ଅତ୍ୟନ୍ତ ସଫଳ ଅଧ୍ୟାୟ ହୋଇ ରହିବ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ୨୦୨୪ ମସିହାରେ ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବା ପରେ 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ଆୟୋଜନ ପୂର୍ବରୁ ଦିଲ୍ଲୀ, ମୁମ୍ବାଇ ଏବଂ ସିଙ୍ଗାପୁରଠାରେ ଇନଭେଷ୍ଟରସ' ମିଟ୍ ଏବଂ ରୋଡସୋ' ଆୟୋଜନ କରାଯାଇଥିଲା। ଏପ୍ରିଲ ୨୦୨୫ରେ ଦିଲ୍ଲୀଠାରେ ଆୟୋଜିତ ରୋଡ୍ ସୋ ରେ ୯୮ହଜାର ୮୮୦କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା ଯାହାକି ୬୭ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଡିସେମ୍ବର ୨୦୨୫ରେ ହାଇଦ୍ରାବାଦ ଇନଭେଷ୍ଟର୍ସ ମିଟ୍‌ରେ ୬୬ହଜାର ୭୮୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା, ଯାହାକି ୫୬ହଜାର ୩୪୦ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଜାନୁଆରୀ ୧୭ ୨୦୨୬ରେ କୋଲକାତାରେ ବି ରୋଡ୍ ସୋ କରିଥିଲୁ। ସେଠାରେ ୧,୦୦,୩୧୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲାବେଳେ ୯୦ହଜାର ୭୫୨ ନିଯୁକ୍ତି ସୃଷ୍ଟି ହେବ। ଜାନୁଆରୀ ୨୦୨୬ ରାଉରକେଲା ଇନଭେଷ୍ଟର୍ସ ମିଟ୍‌ରେ ୫୨୦୨୮ କୋଟି ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲାବେଳେ ୨୦୪୨୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ମେ ୨୦୨୬ରେ ଗୁଜୁରାଟ ରୋଡ୍ ସୋରେ ୪୮ହଜାର ୩୩୦କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବାବେଳେ ୬୭୮୩୮ ନିଯୁକ୍ତି ସୃଷ୍ଟି ହେବ। ଅଗଷ୍ଟ ୨୦୨୬ରେ ଦିଲ୍ଲୀରେ ଆୟୋଜିତ "ଓଡିଶା ଫୁଡ୍ ପ୍ରୋ ୨୦୨୬" ମାଧ୍ୟମରେ ଆମେ ରାଜ୍ୟକୁ ୬୬,୩୯୨ କୋଟି ଟଙ୍କାର ଇନଭେଷ୍ଟମେଣ୍ଟ ପ୍ରୋପୋଜାଲ୍ ଆଣିବାରେ ସଫଳ ହୋଇଥିବା ବେଳେ ୫୪ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏସବୁ ଆଉଟରିଚ୍ କାର୍ଯ୍ୟକ୍ରମର ଧାରା ଗତ ୨ବର୍ଷ ହେଲା ଜାରି ରହିଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ବିଜେପି ସରକାର 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ' ଆୟୋଜନ କରିବା ଦ୍ୱାରା ଆମ ପାଖକୁ ୨୦ଟି ଭିନ୍ନ ଭିନ୍ନ କ୍ଷେତ୍ରରେ ୫୯୩ଟି ପ୍ରସ୍ତାବ ସହିତ ମୋଟ ୧୬ଲକ୍ଷ ୭୩ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି। ଯାହାକି ଓଡିଶା ଶିଳ୍ପ ଇତିହାସରେ ସର୍ବକାଳୀନ ରେକର୍ଡ। ଓଡ଼ିଶାକୁ ଟେକ୍ସଟାଇଲ ଏବଂ ଆପାରେଲ୍ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ବିଜେପି ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଓଡ଼ିଶା ଟେକ୍ସ-୨୦୨୫ ଜରିଆରେ ଟେକ୍ସଟାଇଲ ଏବଂ ଆପାରେଲ୍ କ୍ଷେତ୍ରରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହେବା ସହ ରାଜ୍ୟକୁ ମୋଟ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ଆସିପାରିଛି । ସେହିପରି ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ ଉପକରଣ ଭଳି ନ୍ୟୁଏଜ୍ ସେକ୍ଟର ଗୁଡିକରେ ପୁଞ୍ଜିନିବେଶ ପାଇଁ 'ଓଡିଶା ଫାର୍ମା ସମ୍ମିଳନୀ ୨୦୨୫' ସମ୍ମିଳନୀ ଆୟୋଜନ କରିବା ସହ ଆମ




ସରକାର 'ଓଡିଶା ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ୍ ଉପକରଣ ନୀତି ୨୦୨୫' ପ୍ରଣୟନ କରିଛନ୍ତି। ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ସମ୍ମିଳନୀ ମାଧ୍ୟମରେ ରାଜ୍ୟକୁ ୭, ୦୪୩ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୬୯ଟି ପ୍ରକଳ୍ପ ଆସିପାରିଛି। ବିଜେପି ସରକାର କେବଳ ପାରମ୍ପରିକ ଶିଳ୍ପ ପ୍ରୋତ୍ସାହନରେ ସୀମିତ ନାହାନ୍ତି, ବରଂ ରାଜ୍ୟରେ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଏହାଛଡ଼ା ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାର ଶିଳ୍ପ ବିକାଶ, ରାଜ୍ୟକୁ ବୈଦେଶିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ତଥା ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ 'ଓଡିଶା ଇନଭେସର୍ଟସ୍' ମିଟ୍-ୟୁଏଇ ୨୦୨୬' ପାଇଁ ତିନିଦିନିଆ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ଗସ୍ତରେ ଯାଇଥିଲେ। ଏହି ୟୁଏଇ ଗସ୍ତ ଓଡ଼ିଶା ପାଇଁ ଅଭୁତପୂର୍ବ ସଫଳତା ଆଣିଛି । ୟୁଏଇ ତଥା ବିଶ୍ୱର ୧୬୦ଜଣ ପ୍ରମୁଖ ନିବେଶକ, ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ବାଣିଜ୍ୟିକ ସଂସ୍ଥାଗୁଡିକ ସହ ପାଖାପାଖି ୫୨ଟି ବୈଠକରେ ଯୋଗ ଦେଇ ଏହି ନିବେଶକ ସମ୍ମିଳନୀରେ ମୋଟ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବ ରାଜ୍ୟକୁ ଆସିପାରିଛି। ଏହି ପ୍ରସ୍ତାବଗୁଡିକ ମାଧ୍ୟମରେ ରାଜ୍ୟକୁ ପ୍ରାୟ ୨ଲକ୍ଷ ୪୩ହଜାର ୧୬୨ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଏବଂ ଏହାଦ୍ୱାରା ୮ଲକ୍ଷ ୯୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହା ଆଲୁମିନିୟମ୍ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, କ୍ରିଟିକାଲ ମିନେରାଲ୍ସ, ଗ୍ରୀନ ଏନର୍ଜି, ଲଜିଷ୍ଟିକ, ଫୁଡ୍ ପ୍ରୋସେସିଂ, ଟେକ୍ସଟାଇଲ୍ସ କେମିକାଲ୍ସ ଏବଂ ଅନ୍ୟାନ୍ୟ ବିକଶିତ କ୍ଷେତ୍ରରେ ନୂତନ ସୁଯୋଗର ବାଟ ଫିଟାଇଛି। ନିବେଶ ପ୍ରସ୍ତାବଗୁଡିକୁ ପ୍ରକଳ୍ପରେ ପରିଣତ କରିବା, ଶିଳ୍ପ ପ୍ରତିଷ୍ଠାକୁ ସହଜ କରିବା ଏବଂ ଯୁବପିଢିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ। ବର୍ତ୍ତମାନ ଓଡ଼ିଶାର ଶିଳ୍ପ ଅଗ୍ରଗତି ବେଶ୍ ଉଲ୍ଲେଖନୀୟ ହୋଇପାରିଛି। ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ପାଖାପାଖି ୧୦ଲକ୍ଷ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୬ଲକ୍ଷ ୩୦ ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ଥିବା ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ୨୫ବର୍ଷର ଓଡିଶା ଶିଳ୍ପ ଇତିହାସରେ ଏହି ରେକର୍ଡ କେବେ ଦେଖିବାକୁ ମିଳିନଥିଲା ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ଏହାଛଡ଼ା ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଆମେ ୧୦ଟି ପ୍ରମୁଖ ସେକ୍ଟରାଲ୍ ଗ୍ରୁପରେ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛୁ। ଆମ ସରକାରଙ୍କ ଲକ୍ଷ୍ୟ ସାମଗ୍ରିକ ବିକାଶ। ମାଲକାନଗିରିରୁ ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ରୁ ଜଗତସିଂହପୁର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଶିଳ୍ପାୟନକୁ ପ୍ରୋତ୍ସାହନ ଦେଉଛୁ। କେବଳ ଶିଳ୍ପ ପ୍ରକଳ୍ପ ଅନୁମୋଦନ ନୁହେଁ, ପ୍ରକଳ୍ପ ଗୁଡିକୁ ବାସ୍ତବରେ ରୂପ ଦେବା ଉପରେ ଆମ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏପର୍ଯ୍ୟନ୍ତ ପାଖାପାଖି ୩ଲକ୍ଷ ୧୨ହଜାର କୋଟି ଟଙ୍କାର ୧୫୧ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହୋଇସାରିଛି ଯେଉଁଥିରେ ୨ଲକ୍ଷ ୪୦ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ରହିଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

ପୂର୍ବ ସରକାରରେ ରାଜ୍ୟର ଶିଳ୍ପାୟନ ରୁଗ୍‌ଣ ଅବସ୍ଥାରେ ଥିଲା। ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କର କୌଣସି ଆନ୍ତରିକ ଇଚ୍ଛାଶକ୍ତି ନଥିଲା। ବିଜେଡି ସରକାରର ଶେଷ ୧୦ବର୍ଷ ଅବଧିରେ (୨୦୧୪-୨୪) ମାତ୍ର ୩ଲକ୍ଷ ୨୬ ହଜାର କୋଟି ଟଙ୍କା ପୁଞ୍ଜିନିବେଶରେ ୩୬୦ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ବିଜେପି ସରକାର ପାରମ୍ପରିକ ଶିଳ୍ପ ସହିତ ନ୍ୟୁ-ଏଜ୍ ଇଣ୍ଡଷ୍ଟ୍ରିଜ୍, ପରିବେଶ ଅନୁକୂଳ ଶିଳ୍ପ ଓ ଲେବର୍ ଇଣ୍ଟେନସିଭ୍ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇ ମାତ୍ର ୨୭ମାସ (ଜୁନ ୨୦୨୪ରୁ ବର୍ତମାନ ପର୍ଯ୍ୟନ୍ତ) ମଧ୍ୟରେ ରାଜ୍ୟରେ ପ୍ରାୟ ୩ଲକ୍ଷ ୧୨ହଜାର କୋଟି ଟଙ୍କାର ୧୫୧ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବାର ସକ୍ଷମ ହୋଇପାରିଛନ୍ତି। ଯଦି ତୁଳନା କରିବା ତାହାଲେ ପୂର୍ବ ସରକାରଙ୍କ ସମୟରେ ବାର୍ଷିକ ୩୭ଟି ପ୍ରକଳ୍ପ ଏବଂ ୩୨ହଜାର ୬୨୦କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହୋଇଛି। ଗତ ଦଶ ବର୍ଷର ଗତିକୁ ଦୁଇ ବର୍ଷରେ ଅତିକ୍ରମ କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ରାଜନୈତିକ ଚଷମାରେ ନୁହେଁ, ପ୍ରକୃତ ତଥ୍ୟରେ ବିରୋଧୀ ଦଳଗୁଡିକ ମାପନ୍ତୁ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ପୂର୍ବ ସରକାରଙ୍କ ଦାୟିତ୍ୱହୀନତା ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ଆନ୍ତରିକ ଇଚ୍ଛାଶକ୍ତି ଅଭାବ କାରଣରୁ ରାଜ୍ୟରୁ ଫେରି ଯାଇଥିବା ଶିଳ୍ପ ପ୍ରକଳ୍ପକୁ ବିଜେପି ସରକାର ପୁଣି ଫେରାଇ ଆଣିବାରେ ସକ୍ଷମ ହୋଇପାରିଛନ୍ତି। ପୋସ୍କୋ ଏହାର ଜ୍ୱଳନ୍ତ ଉଦାହରଣ। ଆଗାମୀ ଦିନରେ କେନ୍ଦୁଝର ଓ ଢେଙ୍କାନାଳ ଠାରେ ଜେଏସ୍‌ଡବ୍ଲ୍ୟୁ ଏବଂ ପୋସ୍କୋ ମିଳିତ ଭାବେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହା କ'ଣ ପରିବର୍ତ୍ତିତ ଓଡିଶାର ବାସ୍ତବ ଚିତ୍ର ନୁହେଁ କି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଶ୍ନ କରିଛନ୍ତି।ଏହି ଅବସରରେ ରାଜ୍ୟ ମୁଖପାତ୍ର ତପନ ଚାନ୍ଦ, ଅନିଲ ବିଶ୍ୱାଳ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତର ଜିଡିପି ପୂର୍ବାନୁମାନ ହାର ୭%କୁ ବୃଦ୍ଧି କଲା ମୁଡିଜ୍



**ନୂଆଦିଲ୍ଲୀ, ୧୮।୯/ଏଜେନ୍ସି:** ଗ୍ଲୋବାଲ୍ ରେଟିଂ ଏଜେନ୍ସି ମୁଡିଜ୍'ର ଆକଳନ ଅନୁଯାୟୀ, ଚଳିତ ବର୍ଷ ଜି-୨୦ ଦେଶଗୁଡ଼ିକ ମଧ୍ୟରେ ଭାରତର ଅର୍ଥବ୍ୟବସ୍ଥା ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଇବ। ଏପରିକି ଏଜେନ୍ସି ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ଆକଳନକୁ ୬%ରୁ ୭%କୁ ବୃଦ୍ଧି କରିଛି। ମୁଡିଜର ଏପ୍ରକାର ଜିଡିପି ଅଭିବୃଦ୍ଧିଜନିତ ପୂର୍ବାନୁମାନ ଆଇଏମ୍ଏଫ୍, ଆରବିଆଇ ଏବଂ ଏସ୍ ଆଣ୍ଡ ପି'ର ପୂର୍ବାନୁମାନକୁ ମଧ୍ୟ ପଛରେ ପକାଇ ଦେଇଛି। ମୁଡିଜ୍‌ର ନୂତନ ଆକଳନ ଅନ୍ୟ ବୈଶ୍ୱିକ ଆର୍ଥିକ ସଂସ୍ଥାଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ। ଏଜେନ୍ସି ଦର୍ଶାଇଛି ଯେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ ଆଶାଠାରୁ ବହୁତ କମ୍ ପଡ଼ିଛି। ମଜବୁତ୍ ଘରୋଇ ଚାହିଦା, ଭିତ୍ତିଭୂମି ଉପରେ ସରକାରୀ ଖର୍ଚ୍ଚ, ଘରୋଇ ନିବେଶରେ ସୁଧାର ଏବଂ ସେବା କ୍ଷେତ୍ରର ନିରନ୍ତର ମଜବୁତ ସ୍ଥିତି ଯୋଗୁଁ ଅର୍ଥବ୍ୟବସ୍ଥାର ଗତି ବଜାୟ ରହିଛି। ମୋଟାମୋଟି ବର୍ଷ ଆରମ୍ଭରେ ଅନିଶ୍ଚିତତା ଯୋଗୁଁ ଅନେକ ଏଜେନ୍ସି ଭାରତର ବିକାଶ ହାର ଆକଳନ ହ୍ରାସ କରିଥିବା ବେଳେ ମୁଡିଜ୍ ଭାରତର ଦ୍ରୁତ ଅଭିବୃଦ୍ଧି ଉପରେ ଦୃଢ଼ ବିଶ୍ୱାସ ପ୍ରକଟ କରିଛି।

ମୁଡିଜ୍ ଅନୁଯାୟୀ, ଭାରତରେ ବୃଦ୍ଧି ପାଉଥିବା ଘରୋଇ ଚାହିଦା ଏବଂ ସେବା କ୍ଷେତ୍ର ବ୍ୟାପକ ହେବା ଏହି ଦ୍ରୁତ ଅଭିବୃଦ୍ଧିର ମୁଖ୍ୟ କାରଣ। ଲୋକଙ୍କ ଖର୍ଚ୍ଚ କରିବା କ୍ଷମତା ବୃଦ୍ଧି ପାଇଛି ଏବଂ କମ୍ପାନୀଗୁଡ଼ିକର ନୂତନ ନିବେଶରେ ବୃଦ୍ଧି ଦେଖାଦେଇଛି। ସେହିପରି ସେବା କ୍ଷେତ୍ରର ଭଲ ପ୍ରଦର୍ଶନ ବାହ୍ୟ ଅନିଶ୍ଚିତତାରୁ ରକ୍ଷା କରିବାରେ ସାହାଯ୍ୟ କରିଛି। ତେବେ ମୁଡିଜ୍ ସ୍ପଷ୍ଟ କରିଛି ଏକ ବିଶ୍ୱାସନୀୟ ସ୍ଥିରତା ସତ୍ତ୍ୱେ ଭାରତ ସରକାରଙ୍କ ଉପରେ ଥିବା ଋଣ ଭାର ଏବଂ ଜାତୀୟସ୍ତରରେ କମ୍ ମୁଣ୍ଡପିଛା ଆୟ ଏବେ ବି ମୁଖ୍ୟ ଆହ୍ୱାନ ଭାବେ ରହିଛି।

# ନେସ୍‌ଲେ ଇଣ୍ଡିଆ ବିରୋଧରେ ଏଫ୍‌ଏସ୍‌ଏସ୍‌ଏଆଇର କାର୍ଯ୍ୟାନୁଷ୍ଠାନ

## ବିଜ୍ଞାପନରେ କରାଯାଉଥିବା ପ୍ରଚାର ସହ ମେଳ ଖାଉନି ଲାବୋରେଟୋରୀ ରିପୋର୍ଟ

**ନୂଆଦିଲ୍ଲୀ, ୧୮।୯/ଏଜେନ୍ସି:** ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ), ଶୁକ୍ରବାର ଦିନ ନେସ୍‌ଲେ ଇଣ୍ଡିଆର 'ନାନ ଏକ୍ସେଲା ପ୍ରୋ ଷ୍ଟେଜ୍ ୧' ଏବଂ 'ଲାକ୍ଟୋଜେନ୍ ପ୍ରୋ ୧' ଭଳି ଶିଶୁ ପୋଷଣ ଉତ୍ପାଦଗୁଡ଼ିକରେ ନିୟମ ଉଲ୍ଲଂଘନ କରାଯାଇଥିବା ଅଭିଯୋଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ଦର୍ଶାଯାଇଛି ଯେ, ଇ-କମର୍ସ ପ୍ଲାଟଫର୍ମଗୁଡ଼ିକରେ ଉପଲବ୍ଧ ନେସ୍‌ଲେ କମ୍ପାନୀର ଏହି ଉତ୍ପାଦ ତଥା ସେଗୁଡ଼ିକର ପ୍ରଚାର ସାମଗ୍ରୀର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ନେସ୍‌ଲେ ପକ୍ଷରୁ 'ନାନ୍ ଏକ୍ସେଲା ପ୍ରୋ ଷ୍ଟେଜ୍ ୧' କ୍ଷେତ୍ରରେ ଯାହାକିଛି ବିଜ୍ଞାପନରେ ଦର୍ଶାଯାଉଛି ସେଥିରେ ଅନେକ ଫରକ ରହିଥିବା ଜାଣିବାକୁ ପାଇଛି ଏଫ୍ଏସ୍ଏସ୍ଏଆଇ। ନିୟାମକ ସଂସ୍ଥା ନେସ୍‌ଲେର "୫ ଏଚ୍ଏମ୍ଓ" ଏବଂ "ହ୍ୱେ ପ୍ରୋଟିନ୍" ସମ୍ପର୍କିତ ଦାବି ଉପରେ ସିଧାସଳଖ ଆପତ୍ତି ଜଣାଇଛି। ସେହିପରି 'ଲାକ୍ଟୋଜେନ୍ ପ୍ରୋ ୧' ର "ହ୍ୱେ ପ୍ରୋଟିନ୍" ସହଜରେ ହଜମ ହୋଇପାରେ ବୋଲି କରାଯାଇଥିବା ଦାବିକୁ ନେଇ ମଧ୍ୟ ଏଫ୍ଏସ୍ଏସ୍ଏସଆଇ ଚିନ୍ତା ବ୍ୟକ୍ତ କରିଛି। ଏହା ବ୍ୟତୀତ, ନେସ୍‌ଲେ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଏକ ଫଲୋ-ଅପ୍ ଫର୍ମୁଲାର ନମୁନା ଲାବୋରେଟୋରୀ ଯାଞ୍ଚ ସମୟରେ ଏଥିରେ ଆବଶ୍ୟକୀୟ ବାୟୋଟିନ୍ ପରିମାଣ କମ୍ ଥିବା (ନିମ୍ନମାନର) ଜଣାପଡ଼ିଥିଲା। ଏହି ନମୁନାକୁ ପୁନଃ-ଯାଞ୍ଚ ପାଇଁ ପଠାଯାଇଥିଲା, କିନ୍ତୁ ରେଫରାଲ୍ ଲାବୋରେଟୋରୀ ମଧ୍ୟ ୨୦୨୦ ନିୟମାବଳୀ ଅଧୀନରେ ନିର୍ଦ୍ଧାରିତ ବାୟୋଟିନ୍ ଆବଶ୍ୟକତା ପୂରଣ କରୁନଥିବା ନିଶ୍ଚିତ କରିଥିଲା।

### ଶିଶୁ ଖାଦ୍ୟ ଉତ୍ପାଦନରେ ନିୟମ ଉଲ୍ଲଂଘନ ଅଭିଯୋଗ

### ନିମ୍ନମାନର ବାୟୋଟିନ୍ ଦିଆଯିବା ନେଇ ମଧ୍ୟ ପ୍ରଶ୍ନବାଚୀ




ଏଫ୍ଏସ୍ଏସ୍ଏଆଇ ଅନୁଯାୟୀ, ଏହି ଉଭୟ ଉତ୍ପାଦ 'ଖାଦ୍ୟ ସୁରକ୍ଷା ଏବଂ ମାନକ (ଶିଶୁ ପୋଷଣ ଖାଦ୍ୟ) ନିୟମାବଳୀ, ୨୦୨୦' ର ନିୟମ ୪(୨) ର ଉଲ୍ଲଂଘନ କରୁଥିବା ଜଣାପଡ଼ିଛି। ଏହି ନିୟମ ଶିଶୁ ଖାଦ୍ୟର ବିକ୍ରି ବୃଦ୍ଧି ପାଇଁ କରାଯାଉଥିବା ପ୍ରଚାରମୂଳକ ଦାବି ଓ ସାମଗ୍ରୀ ଉପରେ କଟକଣା ଲଗାଇଥାଏ। ଏହା ବ୍ୟତୀତ ନିୟାମକ ସଂସ୍ଥା 'ଶିଶୁ କ୍ଷୀର ବିକଳ୍ପ, ଫିଡିଂ ବୋତଲ ଏବଂ ଶିଶୁ ଖାଦ୍ୟ (ଉତ୍ପାଦନ, ଯୋଗାଣ ଏବଂ ବଣ୍ଟନ ନିୟନ୍ତ୍ରଣ) ଅଧିନିୟମ, ୧୯୯୨' ର ଧାରା ୩ ର ମଧ୍ୟ ଉଲ୍ଲେଖ କରିଛି, ଯାହା ଏହିସବୁ ଉତ୍ପାଦର ବିଜ୍ଞାପନ ଏବଂ ପ୍ରଚାରକୁ ନିଷିଦ୍ଧ କରେ। କମ୍ପାନୀ ପକ୍ଷରୁ କରାଯାଉଥିବା ଏପ୍ରକାର ମିଥ୍ୟା ପ୍ରଚାର ତଥା ଦାବିଗୁଡ଼ିକ ସମ୍ପର୍କରେ ନେସ୍‌ଲେ ଇଣ୍ଡିଆଠାରୁ ସ୍ପଷ୍ଟୀକରଣ ମଗାଯାଇଥିଲା ବୋଲି ଏଫ୍ଏସ୍ଏସ୍ଏଆଇ ପ୍ରକାଶ କରିଛି। ସୂଚନାଯୋଗ୍ୟ, ଏହିସବୁ ଅଭିଯୋଗ ଓ ନିୟମ ଉଲ୍ଲଂଘନକୁ ଦୃଷ୍ଟିରେ ରଖି ଏଫ୍ଏସ୍ଏସ୍ଏଆଇ, ନେସଲେ ଇଣ୍ଡିଆ ବିରୋଧରେ ତିନୋଟି ପୃଥକ ମାମଲା ଦାୟର କରିଛି। ଏହି କାର୍ଯ୍ୟାନୁଷ୍ଠାନରେ ଉଭୟ ପ୍ରଚାରମୂଳକ ଦାବି ଏବଂ ବାୟୋଟିନ୍ ପରିମାଣ ସମ୍ପର୍କିତ ଲାବୋରେଟୋରୀ ରିପୋର୍ଟ ସାମିଲ ରହିଛି।

# ଫୋନ୍‌ରେ କଥା ହେଲେ ମୋଦୀ ଓ ୟୁଏଇ ରାଷ୍ଟ୍ରପତି

## ପଶ୍ଚିମ ଏସିଆ ସଙ୍କଟ ଓ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉପରେ ଆଲୋଚନା



**ନୂଆଦିଲ୍ଲୀ, ୧୮।୯/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାନ୍‌ଙ୍କ ମଧ୍ୟରେ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଛି। ଏହି ବାର୍ତ୍ତାଳାପ ସମୟରେ ଦୁଇ ନେତା ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ) ର ସାମ୍ପ୍ରତିକ ପରିସ୍ଥିତି ଏବଂ ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କକୁ ଆହୁରି ମଜବୁତ କରିବା ନେଇ ଆଲୋଚନା କରିଛନ୍ତି। ଆଲୋଚନାର ମୁଖ୍ୟ ବିଷୟବସ୍ତୁ ପଶ୍ଚିମ ଏସିଆରେ ସାମ୍ପ୍ରତିକ ସ୍ଥିତି ଉପରେ ପର୍ଯ୍ୟବେସିତ ଥିଲା।

ରିପୋର୍ଟ ଅନୁସାରେ ପଶ୍ଚିମ ଏସିଆ କ୍ଷେତ୍ରରେ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଦୁଇ ଦେଶ ମଧ୍ୟରେ ନିରନ୍ତର ସହଯୋଗ ଓ ସମନ୍ୱୟ ରକ୍ଷା କରିବାକୁ ଉଭୟ ନେତା ନେତା ପ୍ରତିଶ୍ରୁତି ବ୍ୟକ୍ତ କରିଛନ୍ତି। ଭାରତ-ୟୁଏଇ ବ୍ୟାପକ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ପାଇଁ ଶକ୍ତି, ପ୍ରତିରକ୍ଷା, ଟେକ୍ନୋଲୋଜି, ନିବେଶ, ମହାକାଶ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ଦିଗରେ ମଧ୍ୟ ଉଭୟ ନେତା ନିଷ୍ପତ୍ତି ନେଇଛନ୍ତି।

ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ଜନ୍ମଦିନର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସୁସ୍ଥ ତଥା ଦୀର୍ଘଜୀବନ କାମନା କରିଥିଲେ। ଏତଦ୍‌ବ୍ୟତୀତ ନିକଟରେ ଶେଷ ହୋଇଯାଇଥିବା ବ୍ରିକ୍ସ ଶିଖର ସମ୍ମିଳନୀର ସଫଳ ଆୟୋଜନ ତଥା ଅଧ୍ୟକ୍ଷତା ପାଇଁ ମଧ୍ୟ ୟୁଏଇ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମ୍ମିଳନୀରେ ୟୁଏଇର ସକ୍ରିୟ ଭାଗିଦାରୀ ଏବଂ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ୟୁଏଇ ନେତୃତ୍ୱକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପୋଷ୍ଟ କରି ଲେଖିଛନ୍ତି ଯେ, କ୍ଷେତ୍ରୀୟ ଶାନ୍ତି ଓ ସୁରକ୍ଷାକୁ ଆଗକୁ ନେବା ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି କଥାବାର୍ତ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା: ଏନ୍‌ଟିଏ ଅଫିସ୍ ଯିବେ ବିଚାରପତି

# ସଂସ୍କାରିତ ବ୍ୟବସ୍ଥାର ଯାଞ୍ଚ୍ କରିବେ ସୁପ୍ରିମ୍‌କୋର୍ଟ



**ନୂଆଦିଲ୍ଲୀ, ୧୮।୯/ଏଜେନ୍ସି:** ବାରମ୍ବାର ହେଉଥିବା ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ରୋକିବା ପାଇଁ ପରୀକ୍ଷା ବ୍ୟବସ୍ଥାକୁ ସାଂସ୍ଥାନିକ ଭାବେ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ସୁପ୍ରିମ୍‌କୋର୍ଟ ଶୁକ୍ରବାର ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଖଣ୍ଡପୀଠର ବିଚାରପତିମାନେ ନିଜେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) କାର୍ଯ୍ୟାଳୟ ପରିଦର୍ଶନ କରି ଏହାର ସଂସ୍କାରିତ ବ୍ୟବସ୍ଥାର ଯାଞ୍ଚ କରିବେ ବୋଲି ସୂଚନା ଦେଇଛନ୍ତି। ଜଷ୍ଟିସ୍ ନରସିଂହା କହିଛନ୍ତି ଯେ ଏନ୍‌ଟିଏ ପକ୍ଷରୁ ଇତିମଧ୍ୟରେ ସୁପ୍ରିମକୋର୍ଟଙ୍କୁ ଆଶ୍ୱସ୍ତ କରାଯାଇଛି ଯେ, ପରୀକ୍ଷାରେ ଅନିୟମିତତାକୁ ରୋକିବା ଦିଗରେ ଏଜେନ୍ସି ବ୍ୟାପକ ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ତେବେ ଏହି ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକ୍ଷମ ଅଛି କି ନାହିଁ ଏବଂ ସେଠାକାର କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟବସ୍ଥା ପରଖିବା ପାଇଁ ସୁପ୍ରିମକୋର୍ଟର ଏକ ବିଚାରପତିଙ୍କ ଟିମ୍ ଦିଲ୍ଲୀର ମିଣ୍ଟୋ ରୋଡ଼ସ୍ଥିତ ଏନ୍‌ଟିଏ ଅଫିସ୍ ପରିଦର୍ଶନ କରିବେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ବିଚାରପତି ପି.ଏସ୍. ନରସିଂହା କହିଛନ୍ତି ଯେ ସେ ଏବଂ ବିଚାରପତି ଆରାଧେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିର ନୂତନ ସଂସ୍କାରିତ ବ୍ୟବସ୍ଥା ପରଖିବାକୁ ଚାହୁଁଛନ୍ତି। ଖଣ୍ଡପୀଠ ମେହେଟ୍ଟାଙ୍କୁ କହିଛନ୍ତି, 'ବାରମ୍ବାର ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏନ୍‌ଟିଏ ବ୍ୟବସ୍ଥାକୁ ସାଂସ୍ଥାନିକ ଭାବେ ସୁଦୃଢ଼ କରିବା ନିହାତି ଜରୁରୀ। କେବଳ ତୁରନ୍ତ କିମ୍ବା ଅସ୍ଥାୟୀ ପଦକ୍ଷେପ ଯଥେଷ୍ଟ ନୁହେଁ। ପୂର୍ଣ୍ଣ ବ୍ୟବସ୍ଥାର ସ୍ଥାୟୀତ୍ୱ ହିଁ ମୁଖ୍ୟ କାରଣ। ସେଠାରେ ସ୍ଥାୟୀ ସେଟ୍‌ଅପ୍, ସ୍ଥାୟୀ କର୍ମଚାରୀ ଏବଂ ସ୍ଥାୟୀ ବିଭାଗ ରହିବା ଉଚିତ୍। ଡେପୁଟେସନ୍‌ରେ ଆସୁଥିବା କର୍ମଚାରୀ ବହୁତ କମ୍ ରହିବା ଦରକାର, ତେବେ ଯାଇ ଏକ ସ୍ଥାୟୀ ଢାଞ୍ଚା ଗଢ଼ିଉଠିବ।' ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ଏନ୍‌ଟିଏ ଦୁଇ ଦୁଇ ଥର କରାଇଥିବା ନିଟ୍-ୟୁଜି ପରୀକ୍ଷାକୁ ବାତିଲ କରିବାକୁ ବାଧ୍ୟ ହୋଇଥିଲ। ଏହି ଘଟଣାର ତଦନ୍ତ ସିବିଆଇ ସମ୍ପ୍ରତି କରୁଛି। ତେବେ ଏହା ପରେ ଜୁନ୍ ୨୧ ରେ ପୁନଃ ପରୀକ୍ଷା କରାଯାଇ ଜୁଲାଇ ୧୬ ରେ ଫଳାଫଳ ପ୍ରକାଶ ପାଇଥିଲା।


# ଫିଲିପାଇନ୍ସ ସ୍କୁଲ୍‌ରେ ଗୁଳିକାଣ୍ଡ, ୩ ଛାତ୍ର ମୃତ

**ମାନିଲା, ୧୮।୯/ଏଜେନ୍ସି:** ଦକ୍ଷିଣ ଫିଲିପାଇନ୍ସର ବାଙ୍ଗା ଟାଉନ୍‌ରେ ଥିବା ଏକ ସ୍କୁଲରେ ଗୁଳିକାଣ୍ଡ ଘଟି ୩ ଛାତ୍ରଙ୍କର ମୃତ୍ୟୁ ହେବା ଭଳି ଅତ୍ୟନ୍ତ ଅଭାବନୀୟ ଘଟଣା ଘଟିଛି। ଏହି ଗୁଳିକାଣ୍ଡରେ ଅନ୍ୟ ୮ ଜଣ ଆହତ ହୋଇଛନ୍ତି। ବାଙ୍ଗାର ମେୟର ଆଲବର୍ଟ ପାଲେନସିଆ କହିଛନ୍ତି, ୮ ଜଣ ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ବୟସ ୧୪ରୁ ୧୭ ମଧ୍ୟରେ ହେବ। ବଡ଼କଥା ହେଉଛି ମୃତକଙ୍କ ମଧ୍ୟରେ ୧୬ ବର୍ଷୀୟ ସନ୍ଦିଗ୍ଧ ବନ୍ଧୁକଧାରୀ ମଧ୍ୟ ସାମିଲ ଅଛି। ତେବେ ସନ୍ଦିଗ୍ଧ ବନ୍ଧୁକଧାରୀର କେମିତି ମୃତ୍ୟୁ ହେଲା ସେସମ୍ପର୍କରେ ସେ ଅଧିକ କିଛି କହିନାହାନ୍ତି। ପୁଲିସ୍ ଅନୁସାରେ ଗୁଳିକାଣ୍ଡର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ଆକ୍ରମଣ କେଉଁ କାରଣରୁ ଜାଣିବା ପାଇଁ ସୁରକ୍ଷାକର୍ମୀ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଛନ୍ତି। ତେବେ ପ୍ରତ୍ୟକ୍ଷଦର୍ଶୀ ଦେଇଥିବା ବୟାନ ଅନୁସାରେ ସନ୍ଦିଗ୍ଧ ଛାତ୍ରଜଣକ ମଧ୍ୟାହ୍ନଭୋଜନ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିଥିଲା। ସବୁ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ କରିସାରିବା ପରେ ସେ ଗୁଳି ଚଳାଇବା ଆରମ୍ଭ କରିଥିଲା। ନିଜକୁ ମାରିବା ପୂର୍ବରୁ ସେ ପ୍ରାୟ ୧୦ ଜଣ ଛାତ୍ରଙ୍କୁ ଗୁଳି କରିଥିଲା।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଟିଫାନି ଟ୍ରମ୍ପ ଅମ୍ବାନୀ ପରିବାରର ଗଣେଶ ଚତୁର୍ଥୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସେ ପାରମ୍ପରିକ ଭାରତୀୟ ପୋଷାକ ପରିଧାନ କରିଥିଲେ। ଏହି ପୋଷାକକୁ ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍ ମନୀଷ ମଲୋହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଜଣାପଡ଼ିଛି।

# ରୁଷ୍‌ରେ ୩ ଦିନିଆ ସଂସଦୀୟ ନିର୍ବାଚନ ଆରମ୍ଭ



**ମସ୍କୋ, ୧୮।୯/ଏଜେନ୍ସି:** ରୁଷ୍‌ରେ ଶୁକ୍ରବାର ଠାରୁ ୩ ଦିନିଆ ସଂସଦୀୟ ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଛି। ୨୦୨୨ ରେ ୟୁକ୍ରେନ୍ ଉପରେ ପୂର୍ଣ୍ଣମାତ୍ରାର ଆକ୍ରମଣ ପରେ ଏହା ରୁଷର ପ୍ରଥମ ଯୁଦ୍ଧକାଳୀନ ସଂସଦୀୟ ନିର୍ବାଚନ, ଯେଉଁଥିରେ କୌଣସି ପ୍ରକୃତ ବିରୋଧୀ ଦଳ ନାହାନ୍ତି। ଏହି ୩ ଦିନିଆ ଭୋଟିଂ ପ୍ରକ୍ରିୟାରେ ପ୍ରାୟ ୧୧.୧ କୋଟି ଯୋଗ୍ୟ ଭୋଟରଙ୍କ ଅଂଶଗ୍ରହଣ ହେବ ବୋଲି ଅନୁମାନ କରାଯାଉଛି। ନିର୍ବାଚନରେ ଇଲେକ୍ଟ୍ରୋନିକ୍ (ଅନଲାଇନ୍) ଭୋଟିଂର ମଧ୍ୟ ବ୍ୟବସ୍ଥା ରହିଛି। ରିପୋର୍ଟ ଅନୁସାରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଅନଲାଇନ୍‌ରେ ନିଜର ଭୋଟ୍ ଦେଇଛନ୍ତି। ଏହି ନିର୍ବାଚନ ଦେଶବାସୀଙ୍କ ଏକତା ଏବଂ ସେନା ପ୍ରତି ସମର୍ଥନକୁ ଦର୍ଶାଉଛି ବୋଲି ସେ ପ୍ରକାଶ କରିଛନ୍ତି। ରୁଷ୍‌ର ନିମ୍ନ ସଦନ 'ଷ୍ଟେଟ୍ ଡୁମା'ର ୪୫୦ଟି ଆସନ ମଧ୍ୟରୁ ଅଧା ଆସନ ଦଳଗତ ଭୋଟ୍ ଏବଂ ବାକି ଅଧା ବ୍ୟକ୍ତିଗତ ପ୍ରାର୍ଥୀଙ୍କ ଚୟନ ମାଧ୍ୟମରେ ପୂରଣ କରାଯିବ। ଶାସକ ଦଳ 'ୟୁନାଇଟେଡ୍ ରୁଷିଆ' ପୁନର୍ବାର ନିଜର ନିୟନ୍ତ୍ରଣ ବଜାୟ ରଖିବା ନିଶ୍ଚିତ। ତେବେ ନିର୍ବାଚନକୁ ନେଇ ଜନସାଧାରଣଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। କିଛି ଲୋକ ଦେଶରେ ନେତୃତ୍ୱର ପରିବର୍ତ୍ତନ ଚାହୁଁଥିବା ବେଳେ ଅଧିକାଂଶ ଲୋକ ଯୁଦ୍ଧର ସମାପ୍ତି, ଶାନ୍ତି ପ୍ରତିଷ୍ଠା ଏବଂ ଆର୍ଥିକ ସ୍ଥିରତା ପାଇଁ ପୁଟିନ୍‌ଙ୍କ ନେତୃତ୍ୱକୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷେ ଯୁଦ୍ଧକୁ ସମାଲୋଚନା କରୁଥିବା ଏକମାତ୍ର ପଞ୍ଜୀକୃତ 'ୟାବ୍ଲୋକୋ'ଦଳକୁ ରୁଷର ସୁପ୍ରିମ୍ କୋର୍ଟ ବାତିଲ କରିଦେଇଛନ୍ତି। ଫଳରେ ପୁଟିନ୍‌ଙ୍କ ଦଳ ଏକକ ଦଳ ଭାବେ ନିର୍ବାଚନରେ ଅଂଶଗ୍ରହଣ କରୁଛି।


# ଆମେରିକା ସହ ଯୁଦ୍ଧ ସତ୍ତ୍ୱେ ନ୍ୟୁୟର୍କ ଯିବେ ଇରାନ୍ ରାଷ୍ଟ୍ରପତି

## ସଂଯୁକ୍ତ ରାଷ୍ଟ୍ର (ୟୁଏନ୍)କୁ ସମ୍ବୋଧିତ କରିବେ ପେଜେସ୍କିଆନ୍

**ୱାଶିଂଟନ, ତେହେରାନ, ୧୮।୯/ଏଜେନ୍ସି:** ଆମେରିକା ଏବଂ ଇରାନ ମଧ୍ୟରେ ଗତ ୭ ମାସ ଧରି ଯୁଦ୍ଧ ଚାଲିଛି। ଏହା ସତ୍ତ୍ୱେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ଏବଂ ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚି ଆସନ୍ତା ସପ୍ତାହରେ ନ୍ୟୁୟର୍କରେ ହେବାକୁ ଥିବା ୟୁଏନ୍‌ଜିଏ (ସଂଯୁକ୍ତ ରାଷ୍ଟ୍ର ସାଧାରଣ ସଭା) ବୈଠକରେ ଯୋଗଦେବେ। ଅର୍ଥାତ୍ ପେଜେସ୍କିଆନ୍ ଏଂ ଅରାଘଚି ୟୁଏନ୍‌ଜିଏରେ ସାମିଲ ହେବା ଉଦ୍ଦେଶ୍ୟରେ ଆମେରିକା ଗସ୍ତ କରିବେ। ଦୁଇ ଦେଶ ମଧ୍ୟରେ ଏବେ ଯେତେବେଳେ ଯୁଦ୍ଧ ଲାଗି ରହିଛି ସେତେବେଳେ ପେଜେସ୍କିଆନ୍ ଏବଂ ଅରାଘଚିଙ୍କ ଆମେରିକା ଗସ୍ତକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଏସବୁ ମଧ୍ୟରେ ଆମେରିକା ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ସୂଚନା ଦେଇଛି ଯେ ୟୁଏନ୍‌ଜିଏ ବୈଠକରେ ସାମିଲ ହେବା ପାଇଁ ଦୁଇ ଇରାନୀ ନେତାଙ୍କୁ ଭିସା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଏହା ପ୍ରଥମ ଥର ହେବ, ଯେତେବେଳେ ଇରାନର ଶୀର୍ଷ ନେତା ଆମେରିକା ଗସ୍ତ କରିବେ। ତେବେ ଏହାରି ମଧ୍ୟରେ ବଡ଼ ପ୍ରଶ୍ନ ହେଉଛି ଆମେରିକାରେ ପେଜେସ୍କିଆନ୍‌ଙ୍କୁ ଗିରଫ କରାଯାଇପାରିବ କି? ଏଭଳି ପ୍ରଶ୍ନ ଉପରେ ଇରାନ୍ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, ଆମେରିକା ଚାହିଁଲେ ବି ସୁଦ୍ଧ ପେଜେସ୍କିଆନ୍‌ଙ୍କୁ ନ୍ୟୁୟର୍କରେ ଗିରଫ କରିପାରିବ ନାହିଁ। ପ୍ରଥମ କାରଣ ହେଉଛି ପେଜେସ୍କିଆନ୍ ୟୁଏନ୍‌ଜିଏର ଆମନ୍ତ୍ରଣ କ୍ରମେ ଏହି ବୈଠକରେ ସାମିଲ ହେବାକୁ ଆମେରିକା ଯାଉଛନ୍ତି। ଅର୍ଥାତ୍ ପେଜେସ୍କିଆନ୍ ଜଣେ ଅତିଥି ରାଷ୍ଟ୍ରମୁଖ୍ୟ ଭାବେ ଆମେରିକାରେ ପାଦ ରଖିବେ। ଦ୍ୱିତୀୟ କାରଣ ହେଉଛି କୌଣସି ଦେଶର ବର୍ତ୍ତମାନର ରାଷ୍ଟ୍ରପତିଙ୍କୁ ଅନ୍ୟ ଦେଶକୁ ଯାଇ ସିଧାସଳଖ ଗିରଫ କରିବା ସହଜ ନୁହେଁ। ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, କାର୍ଯ୍ୟରତ ରାଷ୍ଟ୍ରମୁଖ୍ୟମାନଙ୍କୁ ବିଶେଷ ଆଇନଗତ ସୁରକ୍ଷା ମିଳିଥାଏ। କିନ୍ତୁ ଇରାନ ପ୍ରତିନିଧିମଣ୍ଡଳୀକୁ ଛୋଟ ରଖାଯାଇଛି ଏବଂ ସେମାନଙ୍କ ସଦସ୍ୟଙ୍କ ଗତିବିଧିକୁ ମଧ୍ୟ ସୀମିତ ରଖାଯିବ ବୋଲି ଆମେରିକା ଦର୍ଶାଇଛି। ପ୍ରକାଶ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ୨୪ ସେପ୍ଟେମ୍ବର ୨୦୨୫ ରେ ନ୍ୟୁୟର୍କସ୍ଥିତ ସଂଯୁକ୍ତ ରାଷ୍ଟ୍ର ମୁଖ୍ୟାଳୟରେ ଟଘଏଇ ର ୮୦ତମ ଅଧିବେଶନକୁ ସମ୍ବୋଧିତ କରିଥିଲେ।

### ଖୋଦ୍ ୱାଶିଂଟନ୍ ଦେଇଛି ଭିସା, ଇରାନ୍ ବିଦେଶ ମନ୍ତ୍ରୀ ବି ଯିବେ



ଅନ୍ୟପକ୍ଷେ ଆମେରିକା ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଇରାନ ଅଧିକାରୀଙ୍କ ନ୍ୟୁୟର୍କରେ ଯାତାୟାତ ସୀମିତ ରହିବ। ସେମାନେ କେବଳ କିଛି ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇପାରିବେ। ସାଧାରଣତଃ ଏପରି ଅଧିକାରୀମାନଙ୍କୁ ଇୟୁ ମୁଖ୍ୟାଳୟ, ଇରାନର ଇୟୁ ମିଶନ ଏବଂ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ହିଁ ଯାତାୟାତ କରିବାକୁ ଅନୁମତି ଥାଏ। ଏହା ବ୍ୟତୀତ ବିଳାସପୂର୍ଣ୍ଣ ସାମଗ୍ରୀ (ଲଗ୍‌ଜୁରୀ ସାମଗ୍ରୀ) ଏବଂ ଅନ୍ୟ କିଛି ଜିନିଷ କିଣିବା ଉପରେ ମଧ୍ୟ କଟକଣା ରହିବ। ଆମେରିକା ପୂର୍ବରୁ ମଧ୍ୟ ଇରାନ ଅଧିକାରୀଙ୍କ ଉପରେ ଏଭଳି କଟକଣା ଲଗାଇସାରିଛି। ପ୍ରକାଶ, ଏଥର ୟୁଏନ୍‌ଜିଏ ବୈଠକ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି, ଯେତେବେଳେ ବିଶ୍ୱରେ କେତେକ ବଡ଼ ସଂଘର୍ଷ ଚାଲିଛି। ଆମେରିକା-ଇରାନ ଯୁଦ୍ଧ ବ୍ୟତୀତ ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟ ଆଲୋଚନାର ମୁଖ୍ୟ ବିଷୟ ରହିବ। ବିଶ୍ୱ ଅର୍ଥନୀତି ଏବଂ ଅଶୋଧିତ ତୈଳ ଦର ଉପରେ ଏହାର ପ୍ରଭାବ ଏକ ବଡ଼ ମୁଦ୍ଦା ହେବ।

# ନିଠାରୀ କାଣ୍ଡର ଅଭିଯୁକ୍ତ ସୁରେନ୍ଦ୍ର କୋଲିଙ୍କ ଆତ୍ମହତ୍ୟା

## ହରିଦ୍ୱାରର ଚା' ଦୋକାନରେ ଝୁଲନ୍ତା ମୃତଦେହ ଉଦ୍ଧାର

**ନୂଆଦିଲ୍ଲୀ, ୧୮।୯/ଏଜେନ୍ସି:** ବହୁଚର୍ଚ୍ଚିତ ୨୦୦୫–୨୦୦୬ ନିଠାରୀ ସିରିଏଲ୍ ହତ୍ୟାକାଣ୍ଡ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିର୍ଦ୍ଦୋଷରେ ଖଲାସ ହୋଇଥିବା ସୁରେନ୍ଦ୍ର କୋଲି ଶୁକ୍ରବାର ଦିନ ହରିଦ୍ୱାରରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛି। ନଭେମ୍ବର ୨୦୨୫ରେ ସମ୍ପୂର୍ଣ୍ଣ ଦୋଷମୁକ୍ତ ହେବା ପରେ, କୋଲି ଉତ୍ତରାଖଣ୍ଡର ହରିଦ୍ୱାରକୁ ଚାଲିଯାଇଥିଲା ଏବଂ ସେଠାରେ ସେ ଗତ କିଛି ଦିନ ହେବ ଗୋଟିଏ ଚା' ଦୋକାନ ଚଳାଉଥିଲା।




ନୋଇଡାସ୍ଥିତ ନିଠାରୀ ଅଞ୍ଚଳରେ ବ୍ୟବସାୟୀ ମୋହିନ୍ଦର ସିଂହ ପାନ୍ଧେରଙ୍କ ବଙ୍ଗଳା ପଛପଟ ନାଳରୁ ଶିଶୁମାନଙ୍କର ମାନବ କଙ୍କାଳ ମିଳିବା ପରେ ଡିସେମ୍ବର ୨୦୦୬ରେ ଏହି କୁଖ୍ୟାତ ନିଠାରୀ ସିରିଏଲ୍ ହତ୍ୟାକାଣ୍ଡ ସାମ୍ନାକୁ ଆସିଥିଲା। ଏହି ଭୟଙ୍କର ଘଟଣାରେ ଅତି କମରେ ୧୯ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହା ପରେ ପାନ୍ଧେର ଏବଂ ତାଙ୍କ ଘରେ ଗୃହପାଳିତ କର୍ମଚାରୀ (ଘରୋଇ ସହାୟକ) ଭାବେ କାର୍ଯ୍ୟ କରୁଥିବା କୋଲିକୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ଘଟଣାରେ ତଦନ୍ତ କରିବା ପୂର୍ବକ କୋଲି ବିରୋଧରେ ହତ୍ୟା, ଅପହରଣ, ଦୁଷ୍କର୍ମ ଏବଂ ପ୍ରମାଣ ନଷ୍ଟ କରିବା ସହ ଏକାଧିକ ଅଭିଯୋଗ ଆଣିଥିବା ବେଳେ ପାନ୍ଧେରଙ୍କ ବିରୋଧରେ ଅନୈତିକ ଚାଲାଣ ସମ୍ପର୍କିତ ଅଭିଯୋଗ ଆଣିଥିଲା।

୨୦୦୯ରୁ ୨୦୧୭ ମଧ୍ୟରେ, ଟ୍ରାଏଲ୍ କୋର୍ଟଗୁଡ଼ିକ କୋଲିକୁ ଶିଶୁମାନଙ୍କ ଦୁଷ୍କର୍ମ ଓ ହତ୍ୟା ସହ ଜଡ଼ିତ ୧୨ଟି ପୃଥକ ମାମଲାରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ପରେ ଏହି ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା। ପୂର୍ବରୁ କୋଲି ବିରୋଧରେ ରହିଥିବା ୧୨ଟି ମାମଲାରେ ସେ ଦୋଷମୁକ୍ତ ହୋଇସାରିଥିବା ବେଳେ ଅନ୍ତିମ ଅର୍ଥାତ୍ ୧୩ତମ ଅଭିଯୋଗରେ ମଧ୍ୟ ତା' ବିରୋଧରେ କୌଣସି ଠୋସ୍ ପ୍ରମାଣ ଦାଖଲ କରାଯାଇପାରିନଥିଲା। ଫଳରେ ସୁପ୍ରିମକୋର୍ଟ କୋଲିକୁ ହତ୍ୟାକାଣ୍ଡ ସମ୍ପର୍କିତ ସମସ୍ତ ଅଭିଯୋଗରୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିଥିଲେ।

## ବିଶ୍ୱ ବାଉଁଶ ଦିବସ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (ଓବିଡିଏ) ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ନଗରସ୍ଥିତ ଆନନ୍ଦବନଠାରେ ବିଶ୍ୱ ବାଉଁଶ ଦିବସ–୨୦୨୬ ପାଳନ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆନନ୍ଦବନଠାରେ ବାଉଁଶ ଉତ୍ପାଦ ଉଦ୍ଭାବନ ପ୍ରତିଯୋଗିତା–୨୦୨୬ ଆୟୋଜିତ ହୋଇଥିଲା। ଓଡ଼ିଶା ସମେତ କେରଳ, ଆସାମ ଓ ଦିଲ୍ଲୀର ପ୍ରତିଯୋଗୀମାନେ ନୂତନ ବାଉଁଶ ଉତ୍ପାଦ, ଡିଜାଇନ ଓ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ସମାରୋହରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡଃ କେ. ମୁରୁଗେସନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ସୂର୍ଯ୍ୟମନ୍ଦିରର ଭଗ୍ନ କୀର୍ତ୍ତିରାଜି ପାଇଲା ନୂଆ ରୂପ

**କୋଣାର୍କ,୧୮।୯/ଏନ୍ଏନ୍ଏସ୍:** ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ଚତୁଃପାର୍ଶ୍ୱରେ ଥିବା ସୁନ୍ଦର ଭଗ୍ନ କୀର୍ତ୍ତିରାଜି ଓ ମୂର୍ତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ ପୂର୍ବ ରୂପକୁ ରୂପାନ୍ତରିତ କରିବା ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ) ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରାଯାଇଛି। ଫଳରେ ଭଗ୍ନ ସୂର୍ଯ୍ୟମନ୍ଦିରକୁ ନୂତନ ସୌନ୍ଦର୍ଯ୍ୟ ମିଳିବ। ଏନେଇ ପ୍ରାଥମିକ ପର୍ଯ୍ୟାୟରେ ଏଏସଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ମିଳନ ଚାଉଲେଙ୍କ ନେତୃତ୍ୱରେ ବିଭାଗର ରସାୟନ ଶାଖା ପକ୍ଷରୁ ଔରଙ୍ଗାବାଦରେ କାର୍ଯ୍ୟରତ ଦକ୍ଷ ବରିଷ୍ଠ ଡିଜାଇନର ତଥା କୁଶଳୀ ପଥର କାରିଗର ସୁଧୀର ବାବୁଙ୍କୁ ଆଣି ଦକ୍ଷିଣ ପାର୍ଶ୍ୱ ଘୋଡ଼ା ଗେଟ୍ ସମ୍ମୁଖ ୬ ନମ୍ବର ଚକ୍ର ନିକଟରେ ଥିବା



ଅର୍ଦ୍ଧଭଗ୍ନ ରାଜାରାଣୀ, ହାତୀ, ଜିରାଫ ଆଦି କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡ଼ିକର ପୁନରୁଦ୍ଧାର କରାଯାଇଛି।

ଗତ ୧୦ ଦିନ ମଧ୍ୟରେ ମୂର୍ତ୍ତିଗୁଡ଼ିକର ଅଧା ଭଙ୍ଗା କାନ, ନାକ, ହାତ, ଗୋଡ଼ ଆଦି ସ୍ଥାନକୁ କୌଣସି ସ୍ଥାନାନ୍ତର ନ କରି ସ୍ୱତନ୍ତ୍ର କେମିକାଲ ଓ ବୈଜ୍ଞାନିକ ପଦ୍ଧତିରେ ପଥରଗୁଣ୍ଡ ସଂଗ୍ରହ ପୂର୍ବକ ଅବଶିଷ୍ଟ ଅଙ୍ଗପ୍ରତ୍ୟଙ୍ଗ ଓ ବେଶଭୂଷା ନିର୍ମାଣ କରି ଯୋଡ଼ାଯାଇ ସମ୍ପୂର୍ଣ୍ଣ ନୂତନ ରୂପ ପ୍ରଦାନ କରାଯାଇଛି। କାଳକ୍ରମେ ହଜିଯିବାକୁ ବସିଥିବା ଏହି କୀର୍ତ୍ତିରାଜିକୁ ସଂରକ୍ଷିତ କରାଯାଇ ପାରିଥିବା ବେଳେ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ମନ୍ଦିରର ଅବଶିଷ୍ଟ କୀର୍ତ୍ତିରାଜିର ପୁନରୁଦ୍ଧାର କାର୍ଯ୍ୟ କରାଯିବ ବୋଲି ସ୍ଥାନୀୟ ଅଧିକାରୀ ତ୍ରିଲୋଚନ ବେହେରା ପ୍ରକାଶ କରିଛନ୍ତି। ଏଏସଆଇ ବିଭାଗର ଏହି ଉଦ୍ୟମକୁ ସାଧାରଣରେ ସ୍ୱାଗତ କରାଯିବା ସହ ଐତିହ୍ୟପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଫଳ ବଣ୍ଟନ

**ଟାଙ୍ଗୀ,୧୮।୯/ଏନ୍ଏନ୍ଏସ୍:** ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନକୁ ଦେଶବାସୀ ପାଳନ କରିଛନ୍ତି। ଏହି ଅବସରରେ ଟାଙ୍ଗୀ ସାଲେପୁର ବିଜେପି ନେତା ତଥା କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ଡକ୍ଟର ହିମାଂଶୁ କୁମାର ମହାନ୍ତି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ନିଆରା ଭାବେ ପାଳନ କରିଛନ୍ତି। ପ୍ରଥମେ ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଭଟିମୁଣ୍ଡା ମଣ୍ଡଳ ଟାଙ୍ଗୀ ଚୌଦ୍ୱାର ବ୍ଲକ ନପଙ୍ଗ ପଞ୍ଚାୟତରେ ଶତାଧିକ ବିଜେପି କର୍ମୀଙ୍କୁ ନେଇ ବିରୋଳ ଗ୍ରାମରେ ଥିବା ଐଶାନେଶ୍ୱର ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ଷଡ଼ଙ୍ଗୀ, ରାଜକିଶୋର ନାୟକ, ତାପସ ବେହେରା, ଅନନ୍ତ ପାତ୍ର, କିଶୋର ମହାନ୍ତି, ମିଳନ ସାହୁ, ସରସ୍ୱତୀ ସାହୁ, ଚିତ୍ତରଞ୍ଜନ ମହାନ୍ତି, ପଦ୍ମଲାଭ ନାୟକ, ରବି ନାରାୟଣ ତ୍ରିପାଠୀ, ଚକ୍ରଧର ସାହୁ, ଅଶୋକ କୁମାର ସାହୁ, ଶଶିକାନ୍ତ ମହାନ୍ତିଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ।

## ନନ୍ଦିନୀ ଶତପଥୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

**କଟକ,୧୮।୯/ଏନ୍ଏନ୍ଏସ୍:** ଓଡ଼ିଶାର ପୂର୍ବତନ ତଥା ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ସ୍ମୃତି ଓ ଅବଦାନକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ ପକ୍ଷରୁ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। କେଏମସିର ୯ ନମ୍ବର ୱାର୍ଡ ଅନ୍ତର୍ଗତ ଦୟାଶ୍ରମ ପାର୍କ ପରିସରରେ ସ୍ଥାପିତ ଏହି ପ୍ରତିମୂର୍ତ୍ତି ଆଗାମୀ ପିଢ଼ି ପାଇଁ ନନ୍ଦିନୀଙ୍କ ଜୀବନ, ସଂଘର୍ଷ, ନେତୃତ୍ୱ ଓ ଜନସେବାର ସ୍ମୃତିକୁ ଜୀବନ୍ତ ରଖିବ। ଦୟାଶ୍ରମ ପାର୍କ ପରିସରରେ ଏକ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ ଆୟୋଜିତ ହୋଇଥିଲା। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବିମଳ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିର ଉନ୍ମୋଚନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇଥିବା ବେଳେ ବାରବାଟୀ-କଟକର ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଜିଲ୍ଲା ବିଜେଡି ସଭପତି ପ୍ରଫୁଲ୍ଲ ସିଂହ,ସ୍ମୃତି ପଟ୍ଟନାୟକ, କେଏମ୍‌ସି କମିଶନର କିରନଦୀପ୍ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ବରିଷ୍ଠ ସାମ୍ବାଦିକ ସତ୍ୟ ରାୟ, ଶୈଳ ଦାସ, ଅମରେନ୍ଦୁ ମହାନ୍ତି, ନନ୍ଦିନୀ ଶତପଥୀ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ସୁପର୍ଣ୍ଣ ଶତପଥି, ମୋନାଲିସା ଦାସ, ଏ. ଶ୍ରୀଦେବୀ, ପ୍ରଳୟା ବେଉରା, ପ୍ରଦୀପ ରାଉତ, ବିକାଶ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ସ୍ୱର୍ଗତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ପ୍ରତିମୂର୍ତ୍ତିକୁ ନିର୍ମାଣ କରିଥିବା ଶିଳ୍ପୀ ଲକ୍ଷ୍ମୀଧର ରଣା ଓ ଚିତ୍ରଶିଳ୍ପୀ ରବିନାରାୟଣ ରଥଙ୍କୁ ସମ୍ମାନିତ କରାଯାଇଥିଲା।

## ଭିକାରୀ ଦାସଙ୍କୁ ଭେଟିଲେ ସୋଫିଆ

**କଟକ,୧୮।୯/ଏନ୍ଏନ୍ଏସ୍:** କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଶୁକ୍ରବାର କଟକ ସହରର ବରିଷ୍ଠ ମୁରବି ତଥା କଟକ ମହାନଗର ଶାନ୍ତି କମିଟିର ସମ୍ପାଦକ ଭିକାରୀ ଦାସଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀ ଦାସ କିଛି ଦିନ ହେବ ଅସୁସ୍ଥ ଥିବାରୁ ବିଧାୟିକା ତାଙ୍କ ବାସଭବନରେ ପହଁଚି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଚିକିତ୍ସା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଏଥିସହ ସେ ତାଙ୍କର ଆଶୁ ଆରୋଗ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି। ଏହି ଅବସରରେ କଟକ ନଗର କଂଗ୍ରେସ କମିଟି ସଭାନେତ୍ରୀ ଗିରିବାଳା ବେହେରାଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ଶ୍ରୀ ଦାସଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

## ବଣିକ ମହାସଂଘର ସାର୍ବଜନୀନ ଭସାଣି ଉତ୍ସବ

**ବୋଲଗଡ଼,୧୮।୯/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ବଣିକ ମହାସଂଘ ପକ୍ଷରୁ ଭଗବାନ ଗଣେଶଙ୍କ ୨୦ତମ ସାର୍ବଜନୀନ ଭସାଣି ଉତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ୬ଟି ବଜାର ଛକ ଠାକୁରଙ୍କ ମେଢ଼ ପାରମ୍ପରିକ ଭାବେ ନନ୍ଦିଘୋଷ ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ। ପ୍ରାରମ୍ଭରେ ଭାସାଣି ଉତ୍ସବ ଯେପରି ଶାନ୍ତି ଓ ଶୃଙ୍ଖଳାର ସହିତ ସମାପନ କରାଯିବ, ସେ ସମ୍ପର୍କରେ ଆୟୋଜିତ ବୈଠକରେ ଧର୍ମଗୁଳାର ସହାୟତା ନିଆଯାଇଥିଲା।

ଏହି ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ପି.ଏନ. ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବାଶିଷ ପୃଷ୍ଟି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂହ ଓ



ସମ୍ମାନିତ ଅତିଥି ଭାବେ ଅଗ୍ନିଶମ ସେବା ମୁଖ୍ୟ ଆଗ୍ନିକ ବିବେକାନନ୍ଦ ଦାସ, ବଣିକ ମହାସଂଘ ସଭାପତି ପାଣ୍ଡବ ସାହୁ, ସମ୍ପାଦକ ସନାତନ ସାହୁ ଓ ବଣିକ ମହାସଂଘ ପ୍ରାକ୍ତନ ସଭାପତି ଦୁର୍ଗା ଚରଣ ଦଳବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବଣିକ ସଂଘର ବରିଷ୍ଠ ଉପଦେଷ୍ଟା ବୃନ୍ଦାବନ ରଥ ସଂଯୋଜନା କରିଥିଲେ। ଭସାଣି ଉତ୍ସବରେ ଯଥାକ୍ରମେ ଗାନ୍ଧୀ ବଜାର ବଣିକ ସଂଘ ମେଢ଼ ସର୍ବାଗ୍ରେ ଯାଇଥିବା ବେଳେ ପରେ ମେଡିକାଲ ଛକ ବଜାର ବଣିକ ସଂଘର ମେଢ଼, ଗୋପବନ୍ଧୁ ଛକ ବଜାର ବଣିକ ସଂଘର ମେଢ଼, ଗଣେଶ ବଜାର ବଣିକ ସଂଘ ମେଢ଼, ଥାନା ଛକ ବଜାର ବଣିକ ସଂଘ ଏବଂ ସର୍ବପଛରେ ବସ୍ ଷ୍ଟାଣ୍ଡ ବଣିକ ସଂଘର ମେଢ଼ ଯାଇଥିଲା। ସମସ୍ତ ମେଢ଼ ପଶୁନୃତ୍ୟ, ବଲାଙ୍ଗୀର ଜିଲ୍ଲା ଲୋଇସିଂହାର ଦୁଲଦୁଲି ଢୋଲବାଦ୍ୟ ଆଦି ବିଭିନ୍ନ ସାଂସ୍କୃତିକ ଓ ଲୋକନୃତ୍ୟ ମାଧ୍ୟମରେ ବାହାରିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ଥାନା ପକ୍ଷରୁ ବ୍ୟାପକ ପୁଲିସ ଯୋଗାଇ ଦିଆଯାଇଥିଲା। ପରିଶେଷରେ ସମସ୍ତ ମେଢ଼ଗୁଡ଼ିକର ଠାକୁରମାନଙ୍କୁ ସ୍ଥାନୀୟ ନଦୀ ଜୋରରେ ମେଲାଣି ଦିଆଯାଇଥିଲା।

## ସ୍ୱତନ୍ତ୍ର ଶାସନ ସଚିବ ପାହ୍ୟାକୁ ଗଲେ ୧୪ ଓଏଏସ୍

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଓଡ଼ିଶା ଲୋକସେବା ଆୟୋଗଙ୍କ ପରାମର୍ଶକ୍ରମେ ରାଜ୍ୟ ସରକାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୧୪ ଜଣ ଅତିରିକ୍ତ ଶାସନ ସଚିବ ଥିବା ବରିଷ୍ଠ ଓଏଏସ୍‌ଙ୍କୁ ସ୍ୱତନ୍ତ୍ର ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀମାନେ ହେଉଛନ୍ତି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ବେସାମରିକ ବିମାନ ଚଳାଚଳର ଅତିରିକ୍ତ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ରଶ୍ମି ରଞ୍ଜନ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁମିତା ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଗୌରହରି ବେହେରା, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଇତିଶ୍ରୀ ଦାସ ଓ କୃତିବାସ ରାଉତ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସୁରଞ୍ଜନ ପ୍ରଧାନ, ଉଚ୍ଚଶିକ୍ଷା ବିଭାଗର ଡଃ. ଧରଣୀଧର ନନ୍ଦ, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ବିଧାନ ଚନ୍ଦ୍ର ରାୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମନସ୍ୱିନୀ ସାହୁ ଏବଂ କମ୍ପଟ୍ରୋଲର, ଗଭର୍ଣ୍ଣର୍ସ ହାଉସହୋଲ୍ଡ, ଭୁବନେଶ୍ୱର କମ୍ପଟ୍ରୋଲର, ଗଭର୍ଣ୍ଣର୍ସ ହାଉସହୋଲ୍ଡ, ଭୁବନେଶ୍ୱର ଭାବେ ନିତ୍ୟାନନ୍ଦ ବାରିକ ପଦୋନ୍ନତି ପାଇଛନ୍ତି।

## ରାଜସ୍ୱ ଅଡିଟ୍‌ରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ସଦସ୍ୟ, ରାଜସ୍ୱ ପର୍ଷଦ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅଡିଟ୍ ସମ୍ବନ୍ଧୀୟ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ ଯେ, ରାଜସ୍ୱ ପର୍ଷଦ ବିଭିନ୍ନ କାର୍ଯ୍ୟାଳୟ ଯଥା ରାଜସ୍ୱ କମିଶନର/ଜିଲ୍ଲାପାଳ/ଉପଜିଲ୍ଲାପାଳ/ତହସିଲ/ଭୁଦାନ ଯଜ୍ଞ ସମିତି ସମୁଦାୟ ୪୨୦ଟି କାର୍ଯ୍ୟାଳୟର ଅଡିଟ୍ କରିଥାଏ। ମାସ ମାସ ଧରି ଅଡିଟର ମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ଅଡିଟ୍ କରିବା ଦ୍ୱାରା କାର୍ଯ୍ୟାଳୟ ଗୁଡିକର କ୍ଷେତ୍ର କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଏବଂ ସବୁ କାର୍ଯ୍ୟାଳୟରେ ଅଡିଟ୍ ସମ୍ଭବପର ହୋଇପାରିନଥାଏ। ଏ ସବୁକୁ ସୁସଂଗଠିତ କରିବା ସହ ଅଡିଟ୍ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ରାଜସ୍ୱ ପର୍ଷଦର ସଦସ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟର ଏକ ଆର୍ଥିକ ବର୍ଷ ଅଡିଟ୍ ପାଇଁ ସର୍ବାଧିକ ୨୦ଟି କାର୍ଯ୍ୟ ଦିବସ ଧାର୍ଯ୍ୟ କରାଯିବ। ଅଡିଟ୍ ପ୍ରକ୍ରିୟାରେ ବସ୍ତୁନିଷ୍ଠତା, ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ କୌଣସି ଅଡିଟରଙ୍କୁ ତାଙ୍କ ନିଜ ଜିଲ୍ଲାରେ ଅଡିଟ୍ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ନାହିଁ। ଯେଉଁ କାର୍ଯ୍ୟାଳୟଗୁଡ଼ିକ ଏପର୍ଯ୍ୟନ୍ତ ଅଡିଟ୍ ହୋଇନାହିଁ ସେଗୁଡ଼ିକୁ ଅଡିଟ୍ କରିବା ପାଇଁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧାର୍ଯ୍ୟ କରାଯାଇଥିବା ସମୟସୀମା ମଧ୍ୟରେ ଅଡିଟ ସମାପ୍ତ କରିବା ପାଇଁ ସ୍ଥିର କରାଯାଇଛି । ଏହି ସମୀକ୍ଷା ବୈଠକରେ ରାଜସ୍ୱ ପର୍ଷଦର ସଚିବ, ଅର୍ଥ ପରାମର୍ଶଦାତା, ଅନୁସଚିବ, ଅଡିଟ୍ ସୁପେରିଟେନଡେଣ୍ଟ ଓ ଅଡିଟର ତଥା ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ଆଗାମୀ ପର୍ବପର୍ବାଣୀ ପାଇଁ ପୁରୀ ପୁଲିସର ପାଟ୍ରୋଲିଂ



**ପୁରୀ,୧୮।୯/ଏନ୍ଏନ୍ଏସ୍:** ଆଗାମୀ ପର୍ବପର୍ବାଣୀ ଋତୁକୁ ଦୃଷ୍ଟିରେ ରଖି ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କ ସୁରକ୍ଷା, ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ପୁରୀ ପୁଲିସ ପକ୍ଷରୁ ଆଜି ସନ୍ଧ୍ୟାରେ ପୁରୀ ସହରର ବିଭିନ୍ନ ଅଞ୍ଚଳରେ ଫୁଟ୍ ପାଟ୍ରୋଲିଂ କରାଯାଇଛି। ପୁରୀ ଏସପି ପ୍ରତୀକ ସିଂ ଓ ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ଆଇଆଇସି ଓ ପୁଲିସ ଅଧିକାରୀମାନେ ସହରର ପ୍ରମୁଖ ସ୍ଥାନ, ବଜାର, ପୂଜାମଣ୍ଡପ, ଜନଗହଳିପୂର୍ଣ୍ଣ ଅଞ୍ଚଳ ଓ ନିଶା କାରବାର ପ୍ରବଣ ଅଞ୍ଚଳଗୁଡ଼ିକରେ ଫୁଟ୍ ପେଟ୍ରୋଲିଂ କରିବା ସହିତ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

ଏହି ଅବସରରେ ପୁଲିସ ଅଧିକାରୀମାନେ ସ୍ଥାନୀୟ ଲୋକ, ବ୍ୟବସାୟୀ, ଭକ୍ତ ଓ ପର୍ଯ୍ୟଟକଙ୍କ ସହ ସିଧାସଳଖ ଆଲୋଚନା କରି ସୁରକ୍ଷା ସମ୍ପର୍କିତ ସମସ୍ୟା ଓ ଆବଶ୍ୟକତା ବିଷୟରେ ଅବଗତ ହୋଇଥିଲେ। ନିଶା କାରବାର, ଅସାମାଜିକ ଗତିବିଧି, ଛିନତାଇ ଓ ଅନ୍ୟାନ୍ୟ ଅପରାଧ ଉପରେ ନଜର ରଖିବା ସହ ସନ୍ଦେହଜନକ ଗତିବିଧି ସମ୍ପର୍କରେ ତୁରନ୍ତ ପୁଲିସକୁ ଜଣାଇବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପର୍ବପର୍ବାଣୀ ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥା, ମହିଳା ଓ ଶିଶୁଙ୍କ ସୁରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ନିଶା ବିରୋଧୀ କାର୍ଯ୍ୟକଳାପ ଉପରେ ପୁରୀ ପୁଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫୁଟ୍ ପେଟ୍ରୋଲିଂ ମାଧ୍ୟମରେ ପୁଲିସର ଦୃଶ୍ୟମାନ ଉପସ୍ଥିତି ବଢ଼ାଇ ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷାର ଭାବନା ସୁଦୃଢ଼ କରାଯାଉଛି।

# ଦରମା କାଟକୁ ନେଇ ଘେରାଉ

**ପୁରୀ,୧୮।୯/ଏନ୍ଏନ୍ଏସ୍:** ପୁରୀ ଟିପିସିଓଡିଏଲ ବିଦ୍ୟୁତ ବିଭାଗରେ ସୁଜନିକ୍ସ କମ୍ପାନୀ ଜରିଆରେ ମିଟର ରିଡିଂ ଓ ବିଲ୍ ଆଦାୟ କାର୍ଯ୍ୟରେ ନିୟୋଜିତ ଶତାଧିକ କର୍ମଚାରୀଙ୍କ ଦରମା ପ୍ରତିମାସ ବେଆଇନ ଭାବେ କଟାଯାଉଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ପରେ ଆଲୋଚନା ଜାରି ରହିଥିବା ବେଳେ ପୁନର୍ବାର ଅଗଷ୍ଟ ମାସର ଦରମାରୁ ୫୦ ପ୍ରତିଶତ କଟାଯାଇଥିବା ଅଭିଯୋଗ ହୋଇଛି। କର୍ମଚାରୀମାନଙ୍କ ଅଭିଯୋଗ ଅନୁସାରେ, ଏପରି ଦରମା କାଟ ଶ୍ରମ ଆଇନ ବିରୋଧୀ ବୋଲି ଶ୍ରମ ବିଭାଗ ପକ୍ଷରୁ କୁହାଯାଇଥିଲା ଏବଂ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହା ସତ୍ତ୍ୱେ ଅଗଷ୍ଟ ମାସର ଦରମାରୁ ୫୦ ପ୍ରତିଶତ କଟାଯାଇଥିବା ସେମାନେ କହିଛନ୍ତି। ଏନେଇ ଜଣାଇବା ପରେ କଟାଯାଇଥିବା ଅର୍ଥ ଭୁଲବଶତଃ କଟିଯାଇଛି, ତାହା ପରିଶୋଧ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ଏଯାଏ ଟଙ୍କା ମିଳିନଥିବା ଅଭିଯୋଗ ହୋଇଛି।




ଏହାର ପ୍ରତିବାଦରେ ପୁରୀ ବିଦ୍ୟୁତ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆବାହକ ତଥା ଶ୍ରମିକ ନେତା ଓ ଆଇନଜୀବୀ ଶ୍ରୀକାନ୍ତ ପରିଜାଙ୍କ ନେତୃତ୍ୱରେ ଶତାଧିକ ମିଟର ରିଡର ଓ ବିଲ୍ କଲେକ୍ଟର ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ରାଲିରେ ବାହାରି ଟିପିସିଓଡିଏଲ ପୁରୀ ବି ଦ୍ୟୁତ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିରେ ମିଳିତ ମଞ୍ଚର ସାଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ମନୋଜ କୁମାର ରାଉତରାୟ ଓ ବିମଳ ନାୟକଙ୍କ ସମେତ ବହୁ କର୍ମଚାରୀ ଯୋଗ ଦେଇଥିଲେ। ଘେରାଉ କାର୍ଯ୍ୟକ୍ରମରେ ଆମ୍ ଆଦମୀ ପାର୍ଟିର ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି ଯୋଗଦେଇ କର୍ମଚାରୀମାନଙ୍କୁ ସମର୍ଥନ ଜଣାଇବା ସହ ଦରମା କାଟ ଅଭିଯୋଗକୁ ନିନ୍ଦା କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ତାଙ୍କ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ସୂର୍ଯ୍ୟନାରାୟଣ ଦାଶ, ଲୋକନାଥ ଗଡ଼ନାୟକ, ଶରତ ଚନ୍ଦ୍ର ଦାଶ, ପୁରୁଷୋତ୍ତମ ମିଶ୍ର, ଶାନ୍ତନୁ ମିଶ୍ର, ଗୋପାଳ ସ୍ୱାଇଁ, ନିରଞ୍ଜନ ବେହେରା, ମଧୁସୂଦନ ଆଚାରୀ, ବଦ୍ରି ମହାନ୍ତି ଓ ଶେଷଦେବ ରାୟ ପ୍ରମୁଖ ପରିଚାଳନା କରିଥିଲେ। ତୁରନ୍ତ ଦରମା କାଟ ସମସ୍ୟାର ସମାଧାନ କରାନଗଲେ ଟିପିସିଓଡିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ସମାଧାନ ନହେବା ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଦିଆଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏହାଦ୍ୱାରା କୌଣସି ଅସୁବିଧା ସୃଷ୍ଟି ହେଲେ ଟିପିସିଓଡିଏଲ କର୍ତ୍ତୃପକ୍ଷ ଓ ଶ୍ରମ ବିଭାଗ ଦାୟୀ ରହିବେ ବୋଲି ସେମାନେ କହିଛନ୍ତି।

## ଦେଶର ପ୍ରଥମ ବୟୋଜ୍ୟେଷ୍ଠ ଉତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ରାଜ୍ୟ ବୟସ୍କ ସଂଗଠନଙ୍କ ଏକନିଷ୍ଠ ସହଯୋଗରେ ରାଜଧାନୀ ଭୁବନେଶ୍ୱରକୁ ବୟସ୍କ-ମିତ୍ର ସହର ଭାବେ ପରିଚୟ ସ୍ୱପ୍ନ ଦେଖୁଥିବା ବୋଉ ଫାଉଣ୍ଡେସନର ରାହା ପ୍ରକଳ୍ପ ଆନୁକୂଲ୍ୟରେ ଆରମ୍ଭ ହୋଇଛି ଦେଶର ପ୍ରଥମ ବୟୋଜ୍ୟେଷ୍ଠ ଉତ୍ସବ। ଏହି ବର୍ଷ ବୟସ୍କ ସଂଗଠନଙ୍କ ସହଯୋଗରେ ବୋଉ ଫାଉଣ୍ଡେସନ ତାର ବୟୋଜ୍ୟେଷ୍ଠ ମନସ୍କ ପ୍ରକଳ୍ପ ରାହା ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ଅଲଗା ମଞ୍ଚ ପ୍ରସ୍ତୁତ କରିଛି, ଯେଉଁଠାରେ ବୟୋଜ୍ୟେଷ୍ଠ ନାଗରିକମାନେ ନିଜେ ନିଜ ଉତ୍ସବର ରୂପାୟନକରୀ, ଆୟୋଜକ ଓ ପ୍ରଦର୍ଶନକାରୀ ହେବାକୁ ଯାଉଛନ୍ତି। ହଜାର ହଜାର ବୟୋଜ୍ୟେଷ୍ଠ ସେମାନଙ୍କ କଳା ନିପୁଣତା ପ୍ରଦର୍ଶନ କରି ସଂଗୀତ, ନୃତ୍ୟ, ଅଭିନୟ, କବିତା ଓ କାହାଣୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଆଜି ସମ୍ପନ୍ନ ହେଇଥିବା ଉଦଘାଟନ ସମାରୋହରେ ୬୦ ବର୍ଷ ତଳର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୁରୁଣା କ୍ଲାସିକ ଓଡ଼ିଆ ଚଳଚ୍ଚିତ୍ର 'କା' ପ୍ରଦର୍ଶନ ହେଇଥିଲା, କେବଳ ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ। ଉତ୍ସବମୁଖ୍ୟ ବିଧାୟକ ବାବୁ ସିଂ ସହିତ ଆଜିର ଉତ୍ସବରେ ନିମନ୍ତ୍ରିତ ଅତିବିଶେଷ ଅତିଥିବୃନ୍ଦ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଗୋପାଳ ମହାପାତ୍ର, ବିରୁପାକ୍ଷ ତ୍ରିପାଠୀ, କଥାଚିତ୍ର 'କା' ପ୍ରଯୋଜିକା ସ୍ୱର୍ଗୀୟା ପାର୍ବତୀ ଘୋଷ ଙ୍କ ଭଉଣୀ କ୍ଷୀରୋଦା ନାୟକ, ବୋଉ ଫାଉଣ୍ଡେସନ ଦ୍ୱାରା ପରିକଳ୍ପିତ ଉତ୍ସବକୁ ପରିଚାଳନା କରିଥିଲେ ବିଭିନ୍ନ ରାଜ୍ୟ ବରିଷ୍ଠ ସଂଗଠନ ମୁଖ୍ୟ ଡାକ୍ତର ପ୍ରସନ୍ନ ଦାସ, ସୂର୍ଯ୍ୟମଣି ତ୍ରିପାଠୀ, ମଧୁମାଧବ ଜେନା, ନିରଞ୍ଜନ ପଣ୍ଡା, ସଂଯୁକ୍ତା ଦାଶ ଏବଂ ବୋଉ ଫାଉଣ୍ଡେସନ ସହ ପ୍ରତିଷ୍ଠାତା ସସ୍ମିତା ଦାସ , ଅତିଶ ମହାନ୍ତି ଉପସ୍ଥିତ ଥିଲେ।

## ଓଆଇଆଇପିସିଆରଏ ଆନ୍ତଃବିଭାଗୀୟ କାର୍ଯ୍ୟାନ୍ୱୟନ ସମୀକ୍ଷା ବୈଠକ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ଜଳସେଚନ ଭିତ୍ତିଭୂମିର ସୁଦୃଢ଼ୀକରଣ ସହ କୃଷି, ଉଦ୍ୟାନ କୃଷି ଓ ମତ୍ସ୍ୟଚାଷର ସମନ୍ୱିତ ବିକାଶ ନିମନ୍ତେ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ପାଇଁ ଜଳବାୟୁ ସହନଶୀଳ କୃଷି (ଓଆଇଆଇପିସିଆରଏ)ର ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଧବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସଚିବ ଗିରିଶ ଏସ୍ଏନ୍ ଉପସ୍ଥିତ ଥିଲେ।

ବୈଠକରେ ଜଳସେଚନ ସୁବିଧାକୁ କୃଷି ଉତ୍ପାଦନ ଓ ଜୀବିକା ସହ ଯୋଡ଼ିବା ପାଇଁ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜଳସେଚିତ ଅଞ୍ଚଳରେ ଡାଲି ଉତ୍ପାଦନ ବୃଦ୍ଧି ପଦକ୍ଷେପର କାର୍ଯ୍ୟାନ୍ୱୟନ ନେଇ ମଧ୍ୟ ଆଲୋଚନା ହୋଇଥିଲା। କ୍ଷୁଦ୍ର ଜଳସେଚନ ଓ ଓସିସିଏଲ୍ ଅଧୀନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଓ ଟାଙ୍କ ଉନ୍ନତିକରଣ ଓ ଟ୍ୟାଙ୍କଗୁଡ଼ିକର ଡିଜିଟାଲ ମ୍ୟାପିଂ କାର୍ଯ୍ୟର ସ୍ଥିତି ସମୀକ୍ଷା କରାଯାଇଥିଲା। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ମତ୍ସ୍ୟ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଓଆଇପିସିଆରଏ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ସବିତା ମଲ୍ଲିକ,ଇଞ୍ଜିନିୟର-ଇନ୍-ଚିଫ୍-କମ୍-ସ୍ୱତନ୍ତ୍ର ଶାସନ ସଚିବ ଇଂ ବିଘ୍ନରାଜ ପୁରୋହିତଙ୍କ ସମେତ ସମ୍ପୃକ୍ତ ବିଭାଗ ଓ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ

**ବୋଲଗଡ଼,୧୮।୯/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର ଛକଠାରୁ କଳାଙ୍ଗ ରାସ୍ତାର ସ୍ୱଳ୍ପ ବ୍ୟବଧାନରେ ଅବସ୍ଥିତ ବ୍ରଜମୋହନ ମନ୍ଦିର ସମ୍ମୁଖରେ ଥିବା ବିଦ୍ୟୁତ ଖୁଣ୍ଟଟି ବିପଦର ଆଶଙ୍କା ସୃଷ୍ଟି କରୁଛି। ମନ୍ଦିର ସମ୍ମୁଖଭାଗରେ ଥିବା ମଠ ପୋଖରୀର ପଶ୍ଚିମ ପାର୍ଶ୍ୱ ଓ ରାସ୍ତାର ପୂର୍ବ ପାର୍ଶ୍ୱରେ ଏହି ସିମେଣ୍ଟ ବିଦ୍ୟୁତ ଖୁଣ୍ଟଟି ରହି ବିଦ୍ୟୁତ ଯୋଗାଇ ଆସୁଛି। ତେବେ ଖୁଣ୍ଟଟି ଯେଉଁଠାରେ ରହିଛି, ସେଠାରେ ରାସ୍ତା ଅଣଓସାରିଆ ହୋଇଥିବାରୁ ଏହା ଏକ ବିପଦ ଜୋନ୍‌ରେ ପରିଣତ ହୋଇଛି।

ଏହି ପକ୍କା ରାସ୍ତାଟି ବଜାରଠାରୁ କଳାଙ୍ଗ-ମାଣିକାଗୋଡ଼ାକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଭାରିଯାନ, ବସ୍, ମୋଟରସାଇକେଲ ସହ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ଯାତାୟାତ କରନ୍ତି। ବହୁ ସମୟରେ ବଡ଼ ବଡ଼ ଟୁରିଷ୍ଟ ଗାଡ଼ି



ମଧ୍ୟ ଏହି ରାସ୍ତା ଦେଇ ସ୍ଥାନୀୟ ରାମମନ୍ଦିର, ମଣ୍ଡନଗିରି ଓ ଖଣ୍ଡପଡ଼ା କଣ୍ଟିଲୋ ଆଦି ଅଞ୍ଚଳକୁ ଯାତାୟାତ କରୁଥିବାରୁ ବିପଦ ବୃଦ୍ଧି ପାଉଛି। ଯାନବାହାନ ଗମନାଗମନକୁ ବିପଦମୁକ୍ତ କରିବା ପାଇଁ ଏହି ଖୁଣ୍ଟଟିକୁ ସାମାନ୍ୟ ଆଗକୁ ଉତ୍ତର ତରଫ ଦୋଳବେଦୀ ନିକଟ ଓସାରିଆ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ମଠ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ବିଦ୍ୟୁତ ବିଭାଗ ବୋଲଗଡ଼ ସେକ୍ସନ ଅଧିକାରୀଙ୍କୁ ବହୁବାର ଅବଗତ କରିଥିଲେ ମଧ୍ୟ ବିଭାଗ କୌଣସି କର୍ଣ୍ଣପାତ କରୁନାହିଁ। ଏହି ଖୁଣ୍ଟକୁ ଯଥାଶୀଘ୍ର ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଏହି ଖୁଣ୍ଟ ଯୋଗୁଁ କୌଣସି ଅଘଟଣ କିମ୍ବା ବିଦ୍ୟୁତ ଜନିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ସମ୍ପୃକ୍ତ ଅଧିକାରୀ ଦାୟୀ ରହିବେ ବୋଲି ଚର୍ଚ୍ଚା ହେଉଛି।

## ସହରାଞ୍ଚଳରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ହେବ ମଜଭୁତ

**ଭୁବନେଶ୍ୱର,୧୮।୯/ଏନ୍ଏନ୍ଏସ୍:** ରାଜ୍ୟର ସହରାଞ୍ଚଳରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ 'ସୁଯୋଗ' ପ୍ଲାଟଫର୍ମ ଜରିଆରେ ନାଗରିକଙ୍କୁ ସୁଗମ, ସୁରକ୍ଷିତ ଓ ନାଗରିକକୈନ୍ଦ୍ରିକ ପେମେଣ୍ଟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପେମେଣ୍ଟ ଆଗ୍ରିଗେଟର୍ ସେବା ଏସବିଆଇଇ-ପେ' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭାଗର ଅତିରିକ୍ତ ସଚିବ ସୁଭେନ୍ଦୁ ସାହୁ ଏବଂ ଏସ୍‌ବିଆଇ ପକ୍ଷରୁ ଡିଜିଏବ୍, ଡିଆଇଟିବି ସୁଶାନ୍ତ କୁମାର ଦାଶ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏସ୍ ବି ଆଇ ଓଡ଼ିଶା ସର୍କଲ୍‌ର ମୁଖ୍ୟ ମହାପ୍ରବନ୍ଧକ ରାକେଶ ଯାଦବ ଉପସ୍ଥିତ ଥିଲେ।

**ନିତି ଭାରତୀ** | ଗତକାଲି ମୁଁ ହସୁଥିଲି, ଆଜି ହସୁଛି ଏବଂ ଆସନ୍ତା କାଲି ବି ହସିବି । କାରଣ- କୌଣସି ଜିନିଷ ପାଇଁ କାନ୍ଦିବା ନିମନ୍ତେ ଜୀବନଟା ଖୁବ୍ ଛୋଟ । - **ସନ୍ତୋଷ କାଲ୍ୱାର**

ନିତିଦିନ NITIDIN
ଶନିବାର, ୧୯ ସେପ୍ଟେମ୍ବର ୨୦୨୬

# ଗୁଣର ଭେଦାଭେଦ



**ମୌସୁମୀ ପରିଡ଼ା**

ଶ୍ରୀମଦ୍ ଭଗବତ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମଣିଷର ଗୁଣ ସଂପର୍କରେ ବୁଝାଇଛନ୍ତି, ଯାହା ୩ ଭାଗରେ ବିଭକ୍ତ । ସତ୍ତ୍ୱ, ରଜଃ, ତମ । ସତ୍ତ୍ୱ ଗୁଣୀମାନେ କୌଣସି କଥାରେ ସହଜରେ ପ୍ରଭାବିତ ହୁଅନ୍ତିନି । ବିଚଳିତ ମନେହେଲେ ବି ବିଚଳିତ ନଥାନ୍ତି । ଶତ୍ରୁ ପ୍ରତି ବି ମାନବତା ବଜାୟ ରଖନ୍ତି । କାରଣ ସେ ସଦା ପ୍ରସନ୍ନ, ଅନୁଶାସିତ, ମାର୍ଜିତ, ପବିତ୍ର ଓ ଜ୍ଞାନ ଆହରଣରେ ଆନନ୍ଦିତ ହୁଅନ୍ତି । ଏମାନେ କୌଣସି ଅବସ୍ଥାରେ ହିଂସ୍ର ହୋଇ ପାରନ୍ତି ନାହିଁ କି କାହା କଥାରେ ପ୍ରରୋଚିତ ହୁଅନ୍ତି ନାହିଁ । ପ୍ରକୃତରେ ଏମାନଙ୍କ ବିବେକ ବେଶ୍ ସଶକ୍ତ ଓ ଏମାନେ ଅନ୍ତର୍ଜ୍ଞାନୀ ।

ଶେଷ ଦୁଇଟି ଗୁଣ ଅଧିକାଂଶଙ୍କ ଭିତରେ ମହଜୁଦ୍ ରହିଛି । ରଜୋଗୁଣ ହେଉଛି ଅତ୍ୟଧିକ ଆସକ୍ତି, କାମନା, ଲୋଭଯୁକ୍ତ ଓ ତମୋଗୁଣ ହେଉଛି ଅଜ୍ଞାନ, ଆଳସ୍ୟ ଓ ମୋହଗ୍ରସ୍ତଯୁକ୍ତ । ସେମାନେ ଅନ୍ୟ ଦ୍ୱାରା ଶୀଘ୍ର ପ୍ରରୋଚିତ ହୋଇ ଯାଆନ୍ତି । ଶ୍ରୀକୃଷ୍ଣ ମଣିଷର ଗୁଣ/ ପ୍ରକୃତିର ସ୍ୱରୂପକୁ ନେଇ ଅର୍ଜୁନଙ୍କୁ ବୁଝାଇଛନ୍ତି- 'ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ/ ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।' ଅର୍ଥାତ୍ ହେ ଅର୍ଜୁନ ! ପ୍ରତ୍ୟେକ ମଣିଷର ଶ୍ରଦ୍ଧା ତା'ର ସ୍ୱଭାବ ଓ ଗୁଣ (ସତ୍ତ୍ୱ, ରଜଃ, ତମ) ଅନୁସାରେ ହୋଇଥାଏ । ଏହି ମଣିଷ ଶ୍ରଦ୍ଧାମୟ, ଅର୍ଥାତ୍ ଯାହାର ଯେଉଁଭଳି ଶ୍ରଦ୍ଧା ଓ ବିଶ୍ୱାସ, ସେ ନିଜେ ମଧ୍ୟ ଠିକ୍ ସେହିପରି ହୋଇଥାଏ ।

ପୁଣି କହିଲେ- 'ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ/ ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ।' ଅର୍ଥାତ୍ ଅସୁର ପ୍ରବୃତ୍ତି ବା କୁସଙ୍ଗରେ ପଡ଼ିଥିବା ବ୍ୟକ୍ତିମାନେ କେଉଁ କାର୍ଯ୍ୟ କରିବା ଉଚିତ୍ ଏବଂ କେଉଁଥିରୁ ନିବୃତ୍ତ ରହିବା ଉଚିତ୍, ସେ ବିବେକ ହରାଇ ବସନ୍ତି । ସେମାନଙ୍କଠାରେ ପବିତ୍ରତା, ସଦାଚାର ଓ ସତ୍ୟତାର ଅଭାବ ଦେଖାଯାଏ ।

ଆଜିକାଲି ଗୀତା କେତେ ଜଣ ପଢ଼ନ୍ତି, ସଦାଚାର କ'ଣ କେତେ ଜଣ ବୁଝନ୍ତି ? ଲୋକେ ମନ୍ଦିରକୁ ଯାଆନ୍ତି, ଅଥଚ ଈଶ୍ୱରଙ୍କୁ ବୁଝନ୍ତିନି । ଠାକୁରଙ୍କୁ କୁଣ୍ଢେଇ ଧରନ୍ତି, କିନ୍ତୁ ବାହାରକୁ ଆସି ଅନ୍ୟର କ୍ଷତି କରିବା ଚିନ୍ତାରେ ରହନ୍ତି । ଦେବୀଙ୍କ ମନ୍ଦିରରେ ପ୍ରତିଦିନ ଯାଇ ମଥା ନୁଆଁଉ ଥିବା ଲୋକ ନିତି ନାରୀ ଜାତିର ଅପମାନ କରୁଥିବାର ଦେଖିବାକୁ ମିଳେ । ନିଜ ଘରର ମାଆ, ଭଉଣୀଙ୍କୁ ନ କରୁଥାଇ ପାରେ, ହେଲେ ବାହାରର ଝିଅ ବୋହୂଙ୍କୁ ଅପମାନ ବା ତାଚ୍ଛଲ୍ୟ କରି ବାହାଦୁରୀ ନିଏ । ଦେବୀ କ'ଣ କେବଳ ନିଜ ମାଆ ଭଉଣୀଙ୍କଠାରେ ବାସ କରନ୍ତି ?

କେତେ ଖୁସି ହୁଅନ୍ତି ତମଗୁଣୀମାନେ, ଯେବେ ସେମାନେ ମିଳିମିଶି ଅନ୍ୟ ବିଷୟରେ କୁତ୍ସା ରଟନା କରନ୍ତି, ଉଦ୍ଭଟ କାହାଣୀମାନ ପରିକଳ୍ପନା କରି ନିଜ ମନକୁ ସାନ୍ତ୍ୱନା ଦିଅନ୍ତି- ସେମାନେ ହିଁ ସଂସାରର ମାଲିକ । ଯାହା କରୁଛନ୍ତି, ଶତ ପ୍ରତିଶତ ଠିକ୍ । ସେମାନେ ଠିକ୍-ଭୁଲ୍, ନ୍ୟାୟ-ଅନ୍ୟାୟ ବିଚାରର ଉପରେ । କାରଣ ସେଇମାନେ ହିଁ ମେଳି ହୋଇ ସତ୍ୟକୁ ମିଥ୍ୟା, ମିଥ୍ୟାକୁ ସତ୍ୟ ବୋଲି ପ୍ରଚାର ପ୍ରସାର କରୁଥାନ୍ତି । ସତ୍‌ପଥରେ ଥିବା ଲୋକ କେବେ ବି ସମୂହଙ୍କୁ ଲୋଡ଼େନା । କାରଣ ସେ ଭୁଲ୍ କରି ନଥାଏ । କିନ୍ତୁ ସିଂହ ବୋଲାଉ ଥିବା ଶୃଗାଳମାନେ ସମୂହ ବିନା ଚାଲି ପାରନ୍ତିନି । କାରଣ, ସେମାନେ ବି କୌଣସି ଲୋଭର ବଶବର୍ତ୍ତୀ ହୋଇ ଭୁଲ୍ ପଥର ଆଶ୍ରୟ ନେଇଥାନ୍ତି । ମନଗଢ଼ା କାହାଣୀମାନ ଗଢ଼ି ଲୋକଙ୍କ ପଛରେ କହି ସମଧର୍ମୀମାନଙ୍କ ଆତ୍ମୀୟ ବନନ୍ତି । ସେହିଥିରେ ହିଁ ସେମାନେ ଖୁସି ପାଆନ୍ତି, କିନ୍ତୁ କାହାର ବନି ପାରନ୍ତି ନାହିଁ । ହାତୀ, ଶ୍ୱାନର ପ୍ରସଙ୍ଗ ଆମକୁ ଅଛପା ନାହିଁ । ନିଜ ସ୍ୱାର୍ଥ ଯେଉଁଠି ଖଣ୍ଡିତ ହୁଏ, ଲୋକ ଭାବନ୍ତି, ସେହି ସ୍ୱାର୍ଥ ହିଁ ସେମାନଙ୍କ ଜନ୍ମସିଦ୍ଧ ଅଧିକାର । ସେତକ ନ ପାଇଲେ ସେମାନେ ଯାତ୍ରା କଳାକାର ପାଲଟି ଯିବେ । ଯେଉଁଠି ସ୍ତାବକମାନେ ଦେଖା ହେବେ ଖଚ ମିଛର ସାହାରା ନେଇ ଦୁଃଖ ବଖାଣି ବସିବେ । ଏ ଗୁଣର ବ୍ୟକ୍ତିବିଶେଷ ନିଜ ଉନ୍ନତି ପାଇଁ କାର୍ଯ୍ୟ ନକରି ଅନ୍ୟର ଉନ୍ନତି ଦେଖି ଅଧା ଶୁଖି ଯାଆନ୍ତି । ସେମାନଙ୍କ ମତରେ, ଭଗବାନ ଦେଉଥିବା ସବୁତକ ସୁଖ, ସରକାର ଦେଉଥିବା ସବୁତକ ସୁବିଧା କେବଳ ସେହିମାନେ ହିଁ ପାଇବାକୁ ହକ୍‌ଦାର । ଯଦି ସେହି ସୁବିଧା ଅନ୍ୟ ଜଣେ ପାଇଲା ତ ତା' ବିଷୟରେ ରଚନା ଲେଖାଯିବ । ଯେତେ ମିଛ ଅଛି, ସେସବୁକୁ ଗୁନ୍ଥାଯାଇ ଲୋକଙ୍କୁ ଶୁଣାଯିବ । ଟିକେ ଚା', ପାନ କି ନିଶାଦ୍ରବ୍ୟ ବିନିମୟରେ ସମର୍ଥନ ଗୋଟାଇବାକୁ ଏମାନେ ନିମ୍ନ ସ୍ତରକୁ ଚାଲି ଯାଆନ୍ତି । ରାତି ଦିନ ଅନ୍ୟକୁ ତଳକୁ ଖସାଇବା ଚକ୍କରରେ ନିଜ ମନ, ଶରୀର ଓ ଆତ୍ମାକୁ ହିଁ କଷ୍ଟ ଦିଅନ୍ତି ।

ନିଜ ଜୀବନ, ପରିବାର, ଚିନ୍ତା ଚେତନାର ଉର୍ଦ୍ଧ୍ୱକୁ ଯଦି ସେମାନେ ଯାଇ ପାରନ୍ତେ, ତେବେ ବୁଝି ପାରନ୍ତେ ଉତୁରିଲା କ୍ଷୀରର ସ୍ଥାନ ଚୁଲିରେ ! କିନ୍ତୁ ସତ୍ ବିଚାର ସେମାନଙ୍କଠାରେ ନଥାଏ । ଓଲଟା ସେମାନେ ନିଜ ପରି ଅନ୍ୟମାନଙ୍କୁ ବନାଇ ପାରନ୍ତି । ଲୋଭ, ମୋହ, ଅଜ୍ଞାନତାର ବଶବର୍ତ୍ତୀ ହୋଇ ଟିକେ କ'ଣ ସ୍ୱାର୍ଥ ହାସଲ କରିବା ପାଇଁ ବଗକୁ କଳା ବୋଲି କହି ଭାଟ ପାଲଟି ଯାଆନ୍ତି । ଦୁଇ ପ୍ରକାରର ଲୋକ ଥାଆନ୍ତି । ପ୍ରଥମ ପ୍ରଜାତିର ଲୋକମାନଙ୍କ କାମ ନଥାଏ ବୋଲି ଅନ୍ୟର ଆଲୋଚନା କରନ୍ତି । ଦ୍ୱିତୀୟ ପ୍ରଜାତିର ଲୋକମାନଙ୍କ ମୁଣ୍ଡରେ ଅନେକ ଚିନ୍ତା ଥାଏ ବୋଲି ସେମାନେ କିଏ କ'ଣ କହିଲା ନ କହିଲା- ସେସବୁକୁ ଧ୍ୟାନ ଦିଅନ୍ତି ନାହିଁ । ନିଜ କାମରେ ଲାଗି ପଡ଼ନ୍ତି ।

ପୁଣି କିଛି ଅର୍ଥଲିପ୍ସୁ ଭାରି ପରିଶ୍ରମୀ ଦେଖେଇ ହୁଅନ୍ତି, କିନ୍ତୁ କିପରି ଅସତ୍ ଉପାୟରେ ଅର୍ଥ ରୋଜଗାର କରିବେ, ତା'ର ଓର ଉଣ୍ଡି ମିଛ ବିଲ୍ ଦ୍ୱାରା ରାଜକୋଷରୁ ଅର୍ଥ ତୋଷରପାତ କରୁଥାନ୍ତି । ସେଭଳି ବ୍ୟକ୍ତିମାନେ ମେଳିହୋଇ ବ୍ୟାଖ୍ୟା କରନ୍ତି ଅନ୍ୟମାନଙ୍କ ଜୀବନଶୈଳୀକୁ । କିଏ କ'ଣ ପିନ୍ଧିଲା, କେମିତି ଆସିଲା, କାହା ସହ କଥା ହେଲା, କ'ଣ କଥା ହେଲା, କେତେ ସମୟ କଥା ହେଲା- ଏସବୁ ଉଣ୍ଡିବା ସେମାନଙ୍କ ମୁଖ୍ୟ କାର୍ଯ୍ୟ । ଏସବୁ ନକଲେ ସେମାନଙ୍କ ହଜମ ପ୍ରକ୍ରିୟା ଚାଲେନା । ଅନ୍ୟମାନଙ୍କ ଉପରେ ଉଦ୍ଭଟ କାହାଣୀ ବନେଇବା ସମ୍ମାନଜନକ ନା ହାସ୍ୟାସ୍ପଦ; ପୁଣି ତାକୁ ଚାଲ୍ ବୋଲି କହି ଆତ୍ମବଡ଼ିମା ଦେଖେଇବା ବୋକାମି ନା ସମୟର ଅପଚୟ- ସେକଥା ବୁଝିବାକୁ ସେମାନଙ୍କ ମୁଣ୍ଡ ନଥାଏ । ନିଜ ମନକୁ ଖୁସି କରିବାକୁ ଅନ୍ୟର ସାହାରା ଲୋଡୁଥିବା ଲୋକମାନେ ବଡ଼ ଅସହାୟ ! ଏହି ରଜୋଗୁଣୀ ଓ ତମୋଗୁଣୀମାନେ ଏକାଠି ହୋଇ ସତ୍ତ୍ୱଗୁଣୀମାନଙ୍କର କ୍ଷତି ସାଧନ କରିବାରେ ଲାଗି ପଡ଼ନ୍ତି । ନିର୍ଦ୍ଦୋଷ ପ୍ରମାଣ କରିବାକୁ ଠାକୁରଙ୍କୁ ଛୁଇଁବାକୁ ବି କୁଣ୍ଠା ନଥାଏ ଏମାନଙ୍କର ।

ଆଚାର, ବ୍ୟବହାରରେ ପୀଡ଼ା ଦେବାର ସମସ୍ତ ଚେଷ୍ଟା ଜାରି ରଖନ୍ତି ତମୋ ଓ ରଜୋଗୁଣୀମାନେ । ଆଉ କିଛିଙ୍କୁ ଏସବୁ ଦେଖି ମଜା ଲାଗେ । ଏହା ହିଁ ସେମାନଙ୍କ ଆମୋଦପ୍ରମୋଦର ବିଷୟବସ୍ତୁ । ମନୋବିଜ୍ଞାନ ଅନୁସାରେ, ମଣିଷର ବ୍ୟକ୍ତିତ୍ୱ ତା'ର ସଙ୍ଗତ, ଧାରଣା ଓ ଶ୍ରଦ୍ଧାର ପ୍ରତିଫଳନ । ଏହାକୁ ତିନୋଟି ସିଦ୍ଧାନ୍ତ ଆଧାରରେ ବ୍ୟାଖ୍ୟା କରାଯାଏ । ପ୍ରଥମଟି ହେଲା- ସୋସିଆଲ ଲର୍ଣ୍ଣିଂ ଥିଓରୀ (ସାମାଜିକ ଶିକ୍ଷା ଗ୍ରହଣ ସିଦ୍ଧାନ୍ତ), ଯାହାଦ୍ୱାରା ଆଖପାଖର ଲୋକଙ୍କ ବ୍ୟବହାର ଓ ସଙ୍ଗତ ପ୍ରଭାବରେ ମଣିଷ ଶିକ୍ଷା କରେ । ଜଣେ ଯଦି ସବୁବେଳେ ନକାରାତ୍ମକ କଥା ଅନ୍ୟ ମୁଣ୍ଡରେ ଭର୍ତ୍ତି କରିବ, ସେ ତାହା ହିଁ ସତ୍ୟ ଭାବିବ । ଯେପରି ଦୁର୍ଯ୍ୟୋଧନ ଓ କର୍ଣ୍ଣର ସଂପର୍କ । ଦ୍ୱିତୀୟଟି ହେଲା- ସଂଜ୍ଞାନାତ୍ମକ ମନୋବିଜ୍ଞାନ ବା କଗ୍ନିଟିଭ ମନୋବିଜ୍ଞାନ, ଯାହାର ଅର୍ଥ ହେଉଛି ଆମର ଚିନ୍ତା ହିଁ ଆମ ଭାବନା ଓ ବ୍ୟବହାରକୁ ନିୟନ୍ତ୍ରଣ କରେ, ଯେପରି ଅର୍ଜୁନ ମହାଭାରତ ଯୁଦ୍ଧରେ କେବଳ କୃଷ୍ଣଙ୍କ ସାଥ୍ ଚାହିଁଥିଲେ । କିନ୍ତୁ ଦୁର୍ଯ୍ୟୋଧନ ଚାହିଁଥିଲେ କୃଷ୍ଣଙ୍କ ପ୍ରବଳ ପରାକ୍ରମୀ ନାରାୟଣୀ ସେନା । ସେମାନଙ୍କ ମନ ଅନୁସାରେ କୃଷ୍ଣ ଦୁର୍ଯ୍ୟୋଧନଙ୍କୁ ତାଙ୍କ ବିଶାଳ ସେନା ଓ ଅର୍ଜୁନଙ୍କୁ ନିଜକୁ ଦେଇଦେଲେ । ଫଳ କ'ଣ ହେଲା, ଆମେ ସମସ୍ତେ ଜାଣିଛେ ।

ତୃତୀୟଟି ହେଲା- ପ୍ରତିବିମ୍ବିତ ଧାରଣା ବା ମିରର୍ ନ୍ୟୁରନ୍ସ ସିଷ୍ଟମ୍, ଅର୍ଥାତ୍ ଆମେ ଯେଉଁମାନଙ୍କ ସହ ଅଧିକ ସମୟ ବିତାଇ ଥାଉ, ଆମ ମସ୍ତିଷ୍କ ସେହିମାନଙ୍କ ହାବଭାବ, ଚିନ୍ତାଧାରାକୁ ଅନୁକରଣ କରିଥାଏ । ଯେପରି କୃଷ୍ଣ-ଅର୍ଜୁନ ଓ କର୍ଣ୍ଣ-ଦୁର୍ଯ୍ୟୋଧନ ସଂପର୍କ । ପ୍ଲାଟୋଙ୍କ ମତରେ- ଭଲ ଲୋକଙ୍କ ସହିତ ସମୟ ବିତାଅ । କାରଣ ସଙ୍ଗତ ହିଁ ଚରିତ୍ର ନିର୍ମାଣ କରିଥାଏ । କିଛି ଲୋକଙ୍କୁ ଜ୍ଞାନ ପିତା ଲାଗେ । ସେମାନେ ହସିକି ଉଡ଼େଇ ଦେବେ । କାରଣ ଯେ କୌଣସି ଘଟଣାକୁ ଆମେ ଭିନ୍ନ ଭାବେ ଚିତ୍ରଣ କରିଥାଉ । ଧରାଯାଉ, ଅଧା ଗ୍ଲାସ୍ ପାଣି ରଖା ଯାଇଛି । ଜଣେ କହିପାରେ- ପାଣି ଅଛି, ଆଉ ଜଣେ କହିପାରେ ଅଧା ଅଛି, କେହି ଶୁଦ୍ଧତା ଉପରେ ପ୍ରଶ୍ନ ଉଠାଇ ପାରେ ତ କେହି କେଉଁଠୁ ଆସିଛି ଓ କେଉଁ ପାତ୍ରରେ ରଖା ହୋଇଛି ବୋଲି ତର୍ଜମା କରିପାରେ । ଏଠି ଲୋକଙ୍କ ମାନସିକତା ଅଲଗା । କିନ୍ତୁ ସତ୍ୟ ଉପରେ ଯେତେ ଧୂଳି ପକାଇଲେ ବି ତା' ଉଜ୍ଜ୍ୱଳତା କେବେ ନା କେବେ ଫୁଟିକି ଦିଶିବ ।


ସେଇ ଏକା ମାଟିରେ ଲଙ୍କା, କଲରା, ଅଁଳା, ତେନ୍ତୁଳି, ଓଉ, ସେଓ, ସପେଟା, ଆମ୍ବ ଫଳେ । ପ୍ରକୃତିରେ ଯେଉଁ ବିବିଧତା ଭରି ରହିଛି, ମଣିଷମାନଙ୍କ ମଧ୍ୟରେ ବି ସେଭଳି ବିବିଧତା ରହିଛି । କିନ୍ତୁ ସେ ବିବିଧତା କାହାର କ୍ଷତି ନକରୁ । ନହେଲେ ନିଉଟନ୍‌ଙ୍କ ତୃତୀୟ ନିୟମ ସମସ୍ତେ ବୁଝନ୍ତି । ଆମ ଗାଉଁଲି ଢଗରେ କୁହାଯାଏ- ଯିଏ ଅନ୍ୟ ପାଇଁ ଗାତ ଖୋଳିବ, ସେ ନିଜେ ଆଗେ ସେହି ଗାତରେ ପଡ଼ିବ । କିନ୍ତୁ ପ୍ରଶ୍ନ ହେଉଛି, ସେ ଲୋକ ଗାତରେ ପଡ଼ିଲା ପରେ ବି ବୁଝି ପାରିବ ତ କେଉଁ ଅପକର୍ମ ପାଇଁ ଗାତରେ ପଡ଼ିଲା ବୋଲି ? ଉତ୍ତର ହେବ-ନା । କାରଣ ବିବେକବାନ୍ ମଣିଷ ଠିକ୍-ଭୁଲ୍‌ର ବିଚାର କରିପାରେ । ଅବିବେକୀମାନଙ୍କ ସ୍ୱାର୍ଥପରତା ସେମାନଙ୍କୁ ଅନ୍ଧ ବନାଇ ରଖିଥାଏ । ଅନ୍ୟର କ୍ଷତି ସାଧନ କରିବାରେ ଯେଉଁମାନଙ୍କ ଆତ୍ମତୃପ୍ତି, ସେମାନେ ଗାତରେ ପଡ଼ି ବି ଅନ୍ୟକୁ ନିନ୍ଦୁଥିବେ । ଯେଉଁମାନେ ଅନ୍ୟର ପ୍ରରୋଚନାରେ ପଡ଼ି ଆଜି ଜଣକ ବିରୁଦ୍ଧରେ ତ କାଲି ତା' ସପକ୍ଷରେ ଆଲୋଚନା କରନ୍ତି, ସେମାନେ କି ପ୍ରଜାତିର ଜାଣିବା ଉଚିତ୍ ।

ଘଟଣାଟିଏ- ଗୋଟେ ବୟସ୍କ ଦମ୍ପତି ନିର୍ଦ୍ଦିଷ୍ଟ କଲୋନୀରେ ରହନ୍ତି । ପାଖରେ ରଖିଥାନ୍ତି ଗୋଟେ ବିଦେଶୀ କୁକୁର । ସକାଳୁ ମର୍ଣ୍ଣିଂୱାକ୍‌ରେ ସେଇ ବାଟ ଦେଇ କିଛି ଲୋକ ଯାଆନ୍ତି । ଠିକ୍ ପାଞ୍ଚଟା ବେଳେ କୁକୁରଟା ଭୁକେ ଖୁବ୍ ଜୋର୍‌ରେ । ରାତିରେ ଭଲକି ନିଦ ହେଉ ନଥିବାରୁ ପାହାନ୍ତିଆର ଗାଢ଼ ନିଦଟା ଭାଙ୍ଗିଯାଏ ଦମ୍ପତିଙ୍କର । ସେମାନେ ବାହାରକୁ ଯାଇ ଦେଖନ୍ତି କିଛି ନଥାଏ । କୁକୁରକୁ ଟିକେ ଆଉଁସା ଘଷା କରି ଶାନ୍ତ କରାନ୍ତି । ସେଭଳି ପ୍ରାୟ ସପ୍ତାହେ ଧରି ଚାଲିଲା । ପଡ଼ିଶା ଲୋକଙ୍କୁ ପଚାରିବାରୁ ସେମାନେ କହିଲେ- ଆପଣଙ୍କ ଘରେ ପ୍ରେତ ରହୁଛି । ଆମେ ଦେଖି ଆସୁଛୁ । କାଳେ ଡରିବେ ବୋଲି କହି ପାରୁନୁ । ଏକଥା ଶୁଣି ସେମାନଙ୍କ ମନ ଦବିଯାଏ । ଝିଅ ବିଶାଖାପଟନମ୍‌ରୁ ସବୁବେଳେ ଡାକେ ତା' ପାଖକୁ । ପୁଅ କାନାଡାରୁ କହେ ଘର ବିକି ଚାଲିଆସ । ଜୀବନ ମୂଲ୍ୟବାନ୍, ଘର ନୁହେଁ ।

ପୁଣି କିଛି କୁକୁର ମେଳି ହୋଇ ଗେଟ୍ ବାହାରେ ଭୁକିଲେ । ବୃଦ୍ଧ ଦମ୍ପତି ଘର ବିକି ଝିଅ ପାଖକୁ କିଛି ଦିନ, ପୁଅ ପାଖକୁ କିଛି ଦିନ ଯାଇ ରହିଲେ । ପରେ ଜଣା ପଡ଼ିଲା ଯେ ନିର୍ଦ୍ଦିଷ୍ଟ ସମୟରେ କୁକୁର ପାଖକୁ ମାଂସ ଫିଙ୍ଗାଯାଏ ଗେଟ୍ ସେପଟୁ । କୁକୁର ସେତକ ଖାଇଦିଏ । ଘର ମାଲିକ ଜାଣି ପାରନ୍ତିନି । ପୁଣି କିଛି ମାଂସ ଅନ୍ୟ କୁକୁରଙ୍କୁ ଡାକି ସେହି ସମୟରେ ଦିଆଯାଏ । ଦିଆ ନଗଲେ ସେମାନେ ସେଇଠି ଭୁକନ୍ତି । କାରଣ ହେଉଛି- ସେ ଘରଟା ପଡ଼ୋଶୀଙ୍କର କିଣିବାର ଥାଏ । ତେଣୁ କାହାଣୀ ବନାଇବାକୁ କେତେ ବା ସମୟ ଲାଗେ ! ବୟସାଧିକ୍ୟ କାରଣରୁ ବୃଦ୍ଧ ଦମ୍ପତି ବି ଏସବୁ ଝାମେଲାରେ ନ ପଶି ସେମାନଙ୍କୁ ଅନିଚ୍ଛାରେ ବାପ ଜେଜେ ଅମଳର ଘର ବିକି ଚାଲି ଯାଆନ୍ତି ।

କ୍ଷମତା, ମୋହ, ଲାଳସା, ସ୍ୱାର୍ଥପରତା, ଈର୍ଷାପରାୟଣତା ଆମ ସମାଜରେ କ୍ୟାନ୍‌ସର୍ ପରି ବ୍ୟାପି ଗଲାଣି, ଯାହାର ବିଲୋପ ଅସମ୍ଭବ । ଏଠି ତମୋଗୁଣୀମାନେ ଗୋଟେ ଲେଖାଏଁ ରକ୍ତବୀର୍ଯ୍ୟ ପାଲଟି ଯାଇଛନ୍ତି, ଯାହାଙ୍କ ଚିନ୍ତା ଚେତନା ନୂତନ ରକ୍ତବୀର୍ଯ୍ୟ ସୃଷ୍ଟି କରି ସାରିଲାଣି ! ରକ୍ତବୀର୍ଯ୍ୟମୟ ସଂସାରରେ ସତ୍ତ୍ୱଗୁଣୀଙ୍କ ପାଇଁ ସ୍ଥାନ କାହିଁ !

ମୋ: ୯୪୩୭୩୧୭୦୨୬




# ସମୁଦ୍ରରେ ସଂଘର୍ଷ

ଆରବ ସାଗରର ଆନ୍ତର୍ଜାତିକ ଜଳରାଶିରେ ଭାରତୀୟ ଏବଂ ପାକିସ୍ତାନୀ ନୌବାହିନୀ ଜାହାଜର ସଂଘର୍ଷ ହେଉଛି ପ୍ରଥମ ସର୍ବସାଧାରଣ ଭାବରେ ଜଣା ସାମରିକ କାର୍ଯ୍ୟାନୁଷ୍ଠାନ-ସମ୍ପର୍କିତ ଘଟଣା, ଯେଉଁଥିରେ ଏହି ଦୁଇ ପଡ଼ୋଶୀ ଦେଶ ମେ' ୨୦୨୫ରେ ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ପରସ୍ପର ସହିତ ଚାରି ଦିନ ପର୍ଯ୍ୟନ୍ତ ଗଭୀର ଶତ୍ରୁତାରେ ସମ୍ପୃକ୍ତ ହୋଇଥିଲେ । ଉପରୋକ୍ତ ଘଟଣା ସେପ୍ଟେମ୍ବର ୧୫ ତାରିଖ ଦିନ ସନ୍ଧ୍ୟାରେ ଘଟିଥିଲା, ଯେତେବେଳେ ପାକ୍ ନୌବାହିନୀର ତଟୀୟ ପାଟ୍ରୋଲିଂ ଜାହାଜ ହୁନାଇଁ ଦ୍ରୁତ ଗତିରେ ଆସି ଭାରତୀୟ ନୌବାହିନୀର ଏକ ଜାହାଜ ସହିତ ଜୋର୍‌ରେ ଧକ୍କା ଦେଇଥିଲା । ଭାରତର ଏହି ଜାହାଜ ଉତ୍ତର ଆରବ ସାଗରରେ ତା'ର ରୁଟିନ୍ ବା ନିୟମିତ ନିରୀକ୍ଷଣ ମିଶନ୍ ଅନୁସାରେ କାର୍ଯ୍ୟ କରୁଥିଲା । ଏକ ଅଣପେସାଦାର ଏବଂ ଅସୁରକ୍ଷିତ ଢଙ୍ଗରେ ପରିଚାଳନା କରାଯାଉଥିବା ଯୋଗୁଁ ଏହି ପାକିସ୍ତାନୀ ଜାହାଜ ଭାରତୀୟ ନୌବାହିନୀର ଜାହାଜ ସଙ୍ଗେ ମାଡ଼ ହୋଇଥିଲା । ପରିଣତି ସ୍ୱରୂପ, ପାକିସ୍ତାନୀ ଜାହାଜଟିର ଭୀଷଣ କ୍ଷତି ହୋଇଥିବା କୁହାଯାଉଛି, ଯେତେବେଳେ କି ଭାରତୀୟ ଜାହାଜ ତା' ଉପରେ ନ୍ୟସ୍ତ କରାଯାଇଥିବା ଚିରାଚରିତ କାର୍ଯ୍ୟକୁ ସ୍ୱାଭାବିକ ଭାବରେ ସମ୍ପାଦନ କରିଥିଲା । ଏହା ପରେ ଭାରତର ସମ୍ପୃକ୍ତ ମନ୍ତ୍ରଣାଳୟ ପାକିସ୍ତାନ ହାଇ କମିଶନ୍‌ର ସମ୍ପୃକ୍ତ ବିଭାଗର ପ୍ରଭାରୀ ସାଦ୍ ୱାରୈଚ୍‌ଙ୍କୁ ଡକାଇ ଥିଲେ ଏବଂ ତାଙ୍କ ସମ୍ମୁଖରେ ଏହାର 'ତୀବ୍ର ପ୍ରତିବାଦ' ଉପସ୍ଥାପନ କରିଥିଲେ । ତେବେ ଏହି ସଂଘର୍ଷ ପାକିସ୍ତାନୀ ସେନାର ଶାନ୍ତି-ଭଙ୍ଗକାରୀ ବା ଟ୍ରିଗର୍-ହାପି ମନୋବୃତ୍ତି କାରଣରୁ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି କେତେ କ୍ଷଣଭଙ୍ଗୁର ଅବସ୍ଥାରେ ରହିଛି, ତାହା ସୂଚାଇଛି । ନିଜର ପ୍ରତିକ୍ରିୟା ପ୍ରକାଶ କରି ପାକିସ୍ତାନ କହିଛି ଯେ ଏହାର ସମ୍ପୃକ୍ତ ଯୁଦ୍ଧତରୀଟି ଦ୍ୱିବାର୍ଷିକ ଯୁଦ୍ଧାଭ୍ୟାସ ସିସ୍ପାର୍କ୍-୨୬ର ଏକ ଅଂଶ ଭାବରେ ଉପରୋକ୍ତ ଆନ୍ତର୍ଜାତିକ ଜଳରାଶିରେ ଥିଲା । ତେବେ ଭାରତ ପାକିସ୍ତାନ ଉପରେ ଏଥିରେ ଦୋଷ ଲଦିଛି ଏବଂ କହିଛି ଯେ ୧୯୯୧ର ଏକ ରାଜିନାମା ଅନୁସାରେ ଇସଲାମାବାଦ ନୂଆଦିଲ୍ଲୀକୁ ଏହି ସମରାଭ୍ୟାସ ସମ୍ପର୍କରେ କିଛି ହେଲେ ସୂଚନା ଦେଇ ନଥିଲା ।

ଭାରତଠାରୁ ଅଲଗା ହୋଇ ଏକ ନୂଆ ରାଷ୍ଟ୍ର ଭାବରେ ପ୍ରତିଷ୍ଠିତ ହେବା ପରଠାରୁ ପାକିସ୍ତାନ ଏହି ଉପମହାଦେଶରେ ସଂଘର୍ଷ ବା ଯୁଦ୍ଧର ଏକ ପ୍ରମୁଖ କାରଣ ହୋଇ ରହି ଆସିଛି । ଆତଙ୍କବାଦ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର ଯୁଦ୍ଧ ଶେଷ ହେବା ପରେ ପାକିସ୍ତାନ ଯଦିଓ କମ୍‌ଜୋର ସ୍ଥିତିରେ ରହିଥିଲା, ସମ୍ପ୍ରତି ୱାଶିଂଟନ୍ ଏବଂ ବେଜିଂ ସହିତ ଏହାର ନୂତନ ଭାବେ ପ୍ରତିଷ୍ଠିତ ଗୁରୁତ୍ୱ ଯୋଗୁଁ ନିଜର ଔଦ୍ଧତ୍ୟ ଉପରେ ଏହାର ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥିବା ମନେହୁଏ । ପୁନଶ୍ଚ, ଏଇ ମାତ୍ର କିଛି ଦିନ ପୂର୍ବେ ନୂଆକରି ସମ୍ପାଦିତ ମକ୍କା ଚୁକ୍ତି- ଯେଉଁଥିରେ ସାଉଦି ଆରବ, ପାକିସ୍ତାନ ଏବଂ ତୁର୍କୀ ସଦସ୍ୟ ରାଷ୍ଟ୍ର ଭାବରେ ସ୍ୱାକ୍ଷର କରିଛନ୍ତି- ପଶ୍ଚିମ ଏସିଆରେ ରାୱଲପିଣ୍ଡିକୁ ଏକ ବଡ଼ ଭୂମିକା ପ୍ରଦାନ କରିଥିବା ମଧ୍ୟ ଅନୁମାନ କରାଯାଏ । ପାକିସ୍ତାନ ଦକ୍ଷିଣପୂର୍ବ ଏସିଆ ଚୁକ୍ତି ସଂଗଠନ (ସିଟୋ) ଏବଂ କେନ୍ଦ୍ରୀୟ ଚୁକ୍ତି ସଂଗଠନ (ସେଣ୍ଟୋ) ଭଳି ବୃହତ୍ତର ପାଶ୍ଚାତ୍ୟ ସାମରିକ ମେଣ୍ଟଗୁଡ଼ିକର ଏକ ଅଂଶ ଭାବରେ ସଦାସର୍ବଦା ରହି ଆସିଥିବାରୁ ଭାରତ ଏହାକୁ ନେଇ ଆତ୍ମସନ୍ତୁଷ୍ଟିରେ ବସିଯିବା ଉଚିତ ନୁହେଁ । ଶୀତଳ ଯୁଦ୍ଧ ଯୁଗର ସମୟ ଭଳି ସ୍ଥିର ଭାବରେ ବସି ନ ରହି ପାକିସ୍ତାନ ଦୁଇ ଗୋଟି ଶତ୍ରୁ ମନୋଭାବାପନ୍ନ କ୍ଷମତା କେନ୍ଦ୍ର- ୱାଶିଂଟନ୍ ଏବଂ ବେଜିଂ- ସହିତ ଏହାର ସମ୍ପର୍କକୁ ବଢ଼ାଇବା କ୍ଷେତ୍ରରେ ନିଜର କୂଟନୀତିକୁ ଉପଯୁକ୍ତ ଭାବରେ ପରିଚାଳନା କରିବାରେ ସକ୍ଷମ ହୋଇ ଆସିଛି ଏବଂ ଏକ ନୂଆ ସାମରିକ ଗୋଷ୍ଠୀ ତିଆରି କରିବାରେ ସଫଳ ହୋଇ ପାରିଛି ।

ଅନ୍ୟ ଏକ ଚିନ୍ତନ ଗୋଷ୍ଠୀଙ୍କ କହିବା ଅନୁସାରେ, ପାକିସ୍ତାନ ସହିତ ଆମେରିକାର ସମ୍ପର୍କ ସବୁବେଳେ କାରବାରମୂଳକ ରହି ଆସିଛି ଏବଂ ସମ୍ପ୍ରତି ଏହି ଦୁଇ ଦେଶଙ୍କ ମଧ୍ୟରେ ନୂତନ ଭାବେ ପ୍ରତିଷ୍ଠିତ ଘନିଷ୍ଠତା କେବଳ ଇରାନ୍ ସହିତ ୱାଶିଂଟନ୍ କଥାବାର୍ତ୍ତା କରିବା ପାଇଁ ଜଣେ ପୋଷ୍ଟ୍‌ମ୍ୟାନ୍ ବା ଡାକବାଲା ଆବଶ୍ୟକ କରୁଥିବା ଯୋଗୁଁ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ, ବେଜିଂ ପାକିସ୍ତାନ ସହିତ ଯୋଡ଼ି ହେବାର ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ମୁଖ୍ୟତଃ ଭାରତ ପାଇଁ ଏହା ଏକ ପ୍ରତିବାଦାତ୍ମକ ଶକ୍ତି ଭାବରେ ଅବତୀର୍ଣ୍ଣ ହେବାର ଭୂମିକା । ଯେଉଁ ଦିନ ଭାରତ ଏବଂ ଚୀନ୍ ସେମାନଙ୍କର ସୀମା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ପାରିବେ, ସେହି ଦିନ ହିଁ ପାକିସ୍ତାନ ବେଜିଂରେ ଏହାର ସ୍ୱତନ୍ତ୍ର ସିଲିଂ ପ୍ରସ୍ତାବ (ୟୁଏସ୍‌ପି) ହରାଇ ବସିବ । ସେହିଭଳି ତ୍ରି-ରାଷ୍ଟ୍ରୀୟ ମକ୍କା ମେଣ୍ଟ ମଧ୍ୟ ଅସ୍ଥାୟୀ ହୋଇଥିବା ମନେହୁଏ, କାରଣ ଏହା ଗଠିତ ହୋଇଛି ଇରାନ୍ ପ୍ରତି ସାଉଦି ଆରବର ଭୟ କାରଣରୁ । ରିୟାଦ୍ ଆମେରିକା ସହିତ ଏକ ବେସାମରିକ ଆଣବିକ ରାଜିନାମା ସମ୍ପାଦନ କରି ସାରିଛି, ଯାହା ଆରବ ଉପଦ୍ୱୀପରେ ୟୁରାନିୟମ୍‌ର ସମୃଦ୍ଧୀକରଣ ଉପରେ ନିଷେଧାଦେଶ ଜାରି କରେନାହିଁ । ସାଉଦି ଆରବ ଯଦି ଅଣୁବୋମାଟିଏ ତିଆରି କରେ, ତା'ହେଲେ ଏହାକୁ ପାକିସ୍ତାନ ସହିତ ହୋଇଥିବା ଏକ ସାମୂହିକ ସୁରକ୍ଷା ବ୍ୟବସ୍ଥାଜନିତ ଚୁକ୍ତିରେ ବାନ୍ଧି ହୋଇ ରହିବାର ଆବଶ୍ୟକତା ପଡ଼ିବ ନାହିଁ । ତେଣୁ ଏଭଳି ପରିପ୍ରେକ୍ଷୀରେ ନୂଆଦିଲ୍ଲୀକୁ ନିଜର ଚାଲ୍ ଉପଯୁକ୍ତ ଢଙ୍ଗରେ ଚଳାଇବାର ଆବଶ୍ୟକତା ରହିଛି, ଯେଉଁଥିରେ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଏହା ନିଜେ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସେଥି ସହିତ ଅଭ୍ୟସ୍ତ ହୋଇ ଆସିଥିବା ହମ୍‌ବଡ଼ା ନୀତିର କ୍ୱଚିତ୍ କୌଣସି ସ୍ଥାନ ରହିଛି । ଏହା ତେଣୁ ବିଭିନ୍ନ ରାଷ୍ଟ୍ର ସହିତ ନିଜର ବିବାଦଗୁଡ଼ିକୁ ତୁଟାଇବା ସଙ୍ଗେ ସଙ୍ଗେ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଏବଂ ସମୟ ସହିତ ତାଳ ଦେଇ ଚାଲିବା ଉଚିତ ।

# ସ୍ମୃତି ନୁହେଁ ଏ ତ ଅଶ୍ରୁ-ଅନଳ

**ଲକ୍ଷ୍ମୀକାନ୍ତ ମହାନ୍ତି**

ରାଜନୀତିରେ ରଣ-ଭେରୀ ଓ ସାହିତ୍ୟରେ ସାହାନାଇର ଉଚ୍ଚାଙ୍ଗ ସ୍ୱରକୁ ଧ୍ୱନିତ କରିବାରେ ସମକାଳରେ ଯେଉଁ କେତେଜଣ ବିଶିଷ୍ଟ-ବଶିଷ୍ଠ ଓଡ଼ିଶାର ପୁଣ୍ୟଧାମରେ ଲକ୍ଷଣୀୟ ଥିଲେ, ବିଷ୍ଣୁ ଥିଲେ ସେଇ ବରେଣ୍ୟଙ୍କ ଭିତରୁ ଅନ୍ୟତମ ଗୈରିକ ସନ୍ଥ । ପ୍ରାୟତଃ ସବୁ କ୍ଷେତ୍ରରେ ପ୍ରତିକୂଳତାକୁ ଅତିକ୍ରମଣ କରି ଅନୁକୂଳତାରେ ନିଜକୁ ରଖିବାର ମହାମନ୍ତ୍ରକୁ ସେ ଅଙ୍ଗୀକାର ଭାବେ ଆପଣେଇ ନେଇଥିଲେ । ରାଜନୀତିରେ ପ୍ରତିଶ୍ରୁତିର ପରିପୂରଣ ଓ ସାହିତ୍ୟରେ ସମ୍ବେଦନଶୀଳତାକୁ ଉଚ୍ଚକିତ କରିବା ଥିଲା ତାଙ୍କ ଦିବ୍ୟ-ଦର୍ଶନ । ସଂଘର୍ଷ ଭିତରୁ ସେ ସାଉଁଟି ଥିଲେ ଶାନ୍ତିର ଅପୂର୍ବ ଆହ୍ଲାଦ । ସେବା ଭିତରୁ ସେ ଅନଳ ସ୍ନାନ କରି ପାଇଥିଲେ ପରମ ତୃପ୍ତି, ସାହିତ୍ୟର ରସୋଚ୍ଛ୍ୱାସରୁ ସେ ଉତ୍ପାଦନ କରିଥିଲେ ମାନବିକତାର ଅଖଣ୍ଡ ପ୍ରେମ ଓ ଜନସେବା ପାଇଁ ଉତ୍‌କୁଳିତ ବେଶ୍ ପ୍ରଶସ୍ତ ହୃଦୟ ।

'ସାହିତ୍ୟ ପାଇଁ ତାଙ୍କର ଜିନ୍ଦାବାଦ, ରାଜନୀତି ପାଇଁ ବି ଜିନ୍ଦାବାଦର ସମ୍ମୋହନ ଥିଲା ତାଙ୍କର ଭାବ-ଭୋଳା ବ୍ୟକ୍ତିସତ୍ତାର ପରିଚାୟକ । ଏଇଥିପାଇଁ ତାଙ୍କୁ କୁହାଯାଏ- ସେ ଥିଲେ 'ସାହିରାଜ'; ସାହିତ୍ୟ+ରାଜନୀତିର ମୂର୍ଦ୍ଧଣ୍ୟ ମଣିଷ । ପ୍ରତିପକ୍ଷଙ୍କ କ୍ଷମତାସୀନ ରାଜନୀତିକ ପଶାପାଲିର ଊର୍ଦ୍ଧ୍ୱକୁ ଯାଇ ବିଧାୟକ ଭାବେ ନିଜର ଆଶାତୀତ ଜିତାପଟକୁ ସେ ଜନତାଙ୍କ ଜିତାପଟ ଭାବେ ହିଁ ଉପଲବ୍ଧି କରିଥିଲେ । ତାଙ୍କ ବୃତ୍ତିଗତ ଜୀବନର ଆରମ୍ଭ ହୋଇଥିଲା ସାମ୍ବାଦିକତା ପେସାରୁ । ସାହିତ୍ୟ ସେଇ ସମୟରୁ ତାଙ୍କ ହାତ ଧରି ଚାଲିଥିଲା ଜୀବନର ଅନ୍ତିମ କ୍ଷଣ ଯାଏଁ । ରାଜନୀତିରେ ସେ ଥିଲେ ସବୁ ସମୟରେ ଜନଗଣଙ୍କ ପାଇଁ ପ୍ରତିବେଦିତ ଜଣେ ଉଦାର ରାଜନେତା । ସାହିତ୍ୟ ପାଇଁ ସେ ଥିଲେ ସମର୍ପିତ ବ୍ୟକ୍ତିସତ୍ତା ।

ବିଧାୟକ ଭାବେ ସେ ନିଜର ଦଳୀୟ ଆଦର୍ଶର ପ୍ରଖ୍ୟାପକ ଥିଲେ ଓ ବିଧାନସଭାରେ ସେ ସେଇ ଆଦର୍ଶର ପକ୍ଷ ହିଁ ରଖୁଥିଲେ । ପ୍ରତିପକ୍ଷ କ୍ଷମତାସୀନଙ୍କୁ କେତେବେଳେ ସେ ଅସମ୍ମାନ କି ଅବୋଧ ଯୁକ୍ତିରେ ପରଖି ନ ଥିଲେ; ଗଠନମୂଳକ ସମ୍ଭାଷଣରେ ସେ ରାଜ୍ୟ ରାଜନୀତିରେ ଥିଲେ ଏକ ପ୍ରତିଧ୍ୱନିତ-ବଳିଷ୍ଠ ଶବ୍ଦବାଦୀ । ବିଧାନସଭାରେ ବିରୋଧୀ ଦଳର ଉପନେତା ଭାବେ ତାଙ୍କ ତର୍କ-ବିତର୍କର ବିଶିଷ୍ଟତା ବିଧାନସଭା ବାହାରେ ବି ଧ୍ୱନିତ ହେଉଥିଲା । କେବଳ ନିଜ ଅଞ୍ଚଳର ମଣିଷଙ୍କ ସମସ୍ୟା ନୁହେଁ; ସମଗ୍ର ଓଡ଼ିଶା ଏବଂ ସମକାଳୀନ ରାଜନୀତିକ ସଂକଟକୁ ସେ ପ୍ରସଙ୍ଗକ୍ରମେ ଉପସ୍ଥାପିତ କରୁଥିଲେ ବିଧାନ କକ୍ଷରେ । ବିଧାୟକ ଭାବେ ତାଙ୍କ ଭୂମିକା ଥିଲା- ବିଚାରବନ୍ତ ଜଣେ ବିଧାୟକଙ୍କର ସାଧାରଣ ଜନତାଙ୍କ ପାଇଁ ପ୍ରତିବେଦିତ ବୈଶ୍ୱାନରିକ ସ୍ୱରକୁ ପ୍ରତିଧ୍ୱନିତ କରିବା । ସେ ସ୍ୱର ଏତେ ଉତ୍ତପ୍ତ ଥିଲା ଯେ ତାହାର ତାପ-ଉତ୍ତାପ ସାରା ରାଜ୍ୟରେ ହିଁ ଅନୁଭୂତ ହେଉଥିଲା । ରାଷ୍ଟ୍ରବାଦୀ ଚିନ୍ତା ଓ ଚେତନାକୁ ସେ ସାରା ଜୀବନ ବିଜ୍ଞପିତ କରି ନାହାନ୍ତି; ତାହାର ଉପଲବ୍ଧି କରାଇଛନ୍ତି ଜଣେ ନିଷ୍ପାପର ଜନସେବକ ଭାବେ । ବିଷ୍ଣୁଙ୍କ ରାଜନୀତିକ ଜୀବନ ସୀମିତ- ଆୟୁରେଖା ଭିତରେ ସୀମିତ; କିନ୍ତୁ ଦର୍ଶନ ଦୃଷ୍ଟିରୁ ଅସ୍ତମିତ ନୁହେଁ, ବରଂ ପ୍ରଖର ଓ ପ୍ରବଳ । ସେ ଥିଲେ ରାଜନୀତିରେ ଅଜାତଶତ୍ରୁ, ସାହିତ୍ୟରେ ସମ୍ବେଦନଶୀଳ କବିଆତ୍ମା ଓ ଗଦ୍ୟାତ୍ମକ ପରିଭାଷାରେ ପ୍ରଚ୍ଛନ୍ନ ବିପ୍ଳବୀ ।

ଏହି କ୍ରମରେ କୁହାଯାଇପାରେ- 'ଅନେକ ନେତା ଆସିଲେଣି, ଗଲେଣି । ଆସୁଥିବେ, ଯାଉଥିବେ; ହେଲେ ଯେଉଁମାନଙ୍କ ରକ୍ତରେ ସାହିତ୍ୟ ଥିଲା- ରାଜନୀତିକୁ ବାଦ୍ ଦେଲେ ସେମାନେ ସାହିତ୍ୟ ହେତୁ ବେଶୀ ଚର୍ଚ୍ଚିତ ହୋଇ ରହିଗଲେ । ଏଇ ପର୍ଯ୍ୟାୟର ରାଜନେତା- ସାହିତ୍ୟିକମାନେ ହେଉଛନ୍ତି ଯଥାକ୍ରମେ ଡକ୍ଟର ହରେକୃଷ୍ଣ ମହତାବ, ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱଭୂଷଣ ହରିଚନ୍ଦନ, ପଞ୍ଚାନନ କାନୁନ୍‌ଗୋ, ନୀଳମଣି ରାଉତରାୟ ପ୍ରମୁଖ । ରାଜନୀତିରେ ଉତ୍କୃଷ୍ଟ ନୀତି ହିଁ ବାସ୍ତବତଃ ଜଣେ ରାଜନେତାର ପ୍ରକୃତ ପରିଚୟ । ଏ ନୀତିଟି ଏବେ ବିରଳ । ଉଚ୍ଚାରଣ ଓ ଆଚରଣ ଭିତରେ ପ୍ରଭେଦ ନ ରଖି ଚଳି ପାରୁଥିବା ନେତାଏ ଆଜିକାଲି ହିଁ ସଫଳ ରାଜନେତା । ବିଷ୍ଣୁଙ୍କ କ୍ଷେତ୍ରରେ ରାଜନୀତି ଥିଲା 'ସେବା' ପାଇଁ ଏକ ଚୟନୀକୃତ କ୍ଷେତ୍ର । ସେଥିପାଇଁ ତ ସେ ତାଙ୍କ ଅଳ୍ପାୟୁ ରାଜନୀତିକ ଯାତ୍ରାରେ ସଫଳ ରାଜନେତାର ଭାଗ୍ୟ ଅର୍ଜନ କରିଥିଲେ । ତାଙ୍କର ଏ ପ୍ରଭାବରେ ଅନେକ ପ୍ରଲୁବ୍ଧ; ତାଙ୍କ 'ଅଙ୍ଗଜ' ବି । କଥାରେ ଅଛି- 'ପିତୃମାତୃ ସୁକୃତରୁ ପୁତ୍ର ହୁଏ ସୁଖୀ'; 'ପିତା ଗୁଣେ ପୁତ୍ର' । ଧାମନଗରର ରାଷ୍ଟ୍ରବାଦୀ ରାଜନୀତି ତ ଏହା ହିଁ ପ୍ରମାଣିତ କରିଛି ବିଷ୍ଣୁଙ୍କ ଅବର୍ତ୍ତମାନରେ । ତାଙ୍କ କଥା-କାହାଣୀ, ଚାହାଣି-ଚଳଣି, ଭାଷଣ-ମନ୍ତ୍ର ସବୁ କିଛି ଯେମିତି ଆପଣାଛାଏଁ ପିତୃ ସୂତ୍ରେ ଅର୍ପିତ ହୋଇ ଯାଇଛି ତାଙ୍କ ସୁଯୋଗ୍ୟ ପୁତ୍ର ସୂର୍ଯ୍ୟବଂଶୀ ସୂରଜଙ୍କ ପାଖକୁ । ଗୋଟିଏ କଥାରେ କହିଲେ, ବିଷ୍ଣୁଙ୍କ ରାଜନୀତିର ଏ ଉତ୍ତରଣ କେବଳ ମିଥ୍ୟା ପ୍ରତିଶ୍ରୁତିର ବିବର୍ଜନ ଓ ବିସର୍ଜନ ପାଇଁ ହିଁ ସମ୍ଭବ ହୋଇଛି; ଏଥିପାଇଁ ତ ସେ ଅବିକଳ୍ପ, ରାଜନେତା, ସମ୍ବେଦନଶୀଳ ଶବ୍ଦଶିଳ୍ପୀ, ନିରହଙ୍କାରୀ ବ୍ୟକ୍ତିସତ୍ତା' (ଜଣେ ସାହିରାଜଙ୍କ ଚକ୍ରବର୍ତ୍ତୀପଣ- ଡକ୍ଟର ନୃସିଂହ ଷଡ଼ଙ୍ଗୀ, ପଞ୍ଚବଟୀ, ପୂଜା ବିଶେଷାଙ୍କ, ୨୦୨୫, ପୃଷ୍ଠା- ୨୭୯/୨୮୦) ।



ଶ୍ରାଦ୍ଧବାର୍ଷିକୀ ଅବସରରେ

ସାହିତ୍ୟିକ ଭାବେ ବିଷ୍ଣୁ ଅପ୍ରସିଦ୍ଧ ନୁହନ୍ତି । କୁହାଯାଏ- 'ଜଣେ ସାହିତ୍ୟିକର ଚେହେରାରେ ରାଜନୀତି ଖୋଲପା ହୋଇପାରେ; ମାତ୍ର ଯେତେବେଳେ ଏହା ମାନସିକ ସ୍ତରରେ ଅଙ୍ଗୀଭୂତ ହୋଇଯାଏ, ସେତେବେଳେ ରାଜନୀତିର କର୍ମବାଦ ଓ ସାହିତ୍ୟର ମତବାଦର ଶାସ୍ତ୍ରୀୟ ଆଲିଙ୍ଗନକୁ ଲକ୍ଷ୍ୟ କରିହୁଏ । ବିଷ୍ଣୁ ଥିଲେ ଏଇ ଦ୍ୱୈତ ଭାବବୋଧ ବା ଚେତନାଗତ ମାନସ-ମନ୍ଥନର ବୈୟାକରଣିକ; ଯାହାଙ୍କ ସାହିତ୍ୟରେ ରାଜନୀତିକ ସେବା-ମନ୍ତ୍ର ମାନବିକ ସମ୍ବେଦନଶୀଳତାର ଉଚ୍ଚାଙ୍ଗ ଦର୍ଶନ ନେଇ ଉତ୍ତରିତ ହୋଇଥିଲା- ସଫଳ ଭାବରେ, ସାର୍ଥକ ରୂପରେ ।

ବିଷ୍ଣୁଙ୍କ ସଂପାଦନାରେ 'ଘାସଫୁଲ' ପତ୍ରିକା ଥିଲା ତାଙ୍କ ସାରସ୍ୱତ ଅଭିଯାତ୍ରାର ଆର୍ଦ୍ରଭୂମି । 'ଘାସଫୁଲ'ର ସାହିତ୍ୟ ଉତ୍ତାପରେ ସେ ନିଜେ ତାତିଥିଲେ, ଏ ମାଟି, ଏ ଭାଷାକୁ ତତେଇ ଥିଲେ; ଯେଉଁଥିରେ 'ଘାସଫୁଲ' ଚମ୍ପାଫୁଲର ମହକ ବିସ୍ତାରରେ ସମର୍ଥ ହୋଇଥିଲା । 'ଘାସଫୁଲ' ଥିଲା ତାଙ୍କ ସାହିତ୍ୟିକ ଆବେଗର ଆର୍ଦ୍ରଭୂମି; ଯେଉଁଥିରୁ ବିଷ୍ଣୁଙ୍କ ନିଖୁଣ କବିତ୍ୱ ଓ ଗଦ୍ୟାତ୍ମକ ପରିଭାଷା ବେଶ୍ ଲକ୍ଷ୍ୟଣୀୟ ଭାବେ ଉତ୍ତରିତ ହୋଇଥିଲା । 'ରାଜନୀତିର ଛପର ତଳୁ ସେ 'ଘାସଫୁଲ'କୁ ଫୁଟାଇ ନଥିଲେ, ବରଂ ଘାସଫୁଲର ବଗିଚାରେ ସେ 'ରାଜନୀତି'ର ଫୁଲପକା ଚେହେରାଟିଏ ଆଙ୍କିଥିଲେ ।'

ବିଷ୍ଣୁ ଥିଲେ ସାରସ୍ୱତ ନିରାଜକ । ଏକାଧାରରେ କବି ଓ ସ୍ତମ୍ଭକାର । ତାଙ୍କର କବିତା ପୁସ୍ତକ- 'ନିର୍ମାଲ୍ୟ ଆକାଶ ତଳେ', 'ନିଃସ୍ୱ ମାଟିର ସ୍ୱର', 'ନଈ ପାଣି ନଈକୁ ଯା' ଓ 'ଆଲୋମୟ ଅପ୍‌ସରା' ବେଶ୍ ଆବେଗିକ ଭାବସ୍ନାତ, ଯେଉଁଠି ସମୁଦାୟ ଭାବ ବନ୍ଧା ପଡ଼ିଛନ୍ତି କବିଙ୍କ ସ୍ୱଚ୍ଛ ଭାବାଦର୍ଶରେ, ସେବା ଧର୍ମରେ, ମାନବିକତାର ସର୍ମପିତ ଆବେଗରେ । 'ନିଃସ୍ୱ ମାଟିର ସ୍ୱର'ର ଦ୍ୱିତୀୟ ସଂସ୍କରଣରେ ମୁଦ୍ରିତ 'ନିଜ କଥା' କବିଙ୍କ ଅନ୍ତର୍ନିହିତ ଭାବସତ୍ତାକୁ ଉତ୍‌କୁଳିତ କରେ । ଯଥା- 'ଦିନ ସାରା ରାଜନୀତି, ସାହିତ୍ୟ ମୋ ପାଇଁ ସାରା ରାତି' ନ୍ୟାୟରେ ଜଣକୁ ଛାଡ଼ିଲେ ବି ମୋର ପରିଚୟ ନିରର୍ଥକ, ଯଦିଓ ସେ ଦୁଇଟି ପ୍ରାୟତଃ ବିପରୀତମୁଖୀ ।' ଅଥଚ ଛାଇ ଓ ଶରୀର ପରି ଏଇ ଦୁଇ ପ୍ରବୃତ୍ତିକୁ ବିଷ୍ଣୁ ସଫଳ ରୂପେ ଏକୀଭୂତ କରି ପାରିଥିଲେ ଆପଣାର ପ୍ରଖର ଇଚ୍ଛାଶକ୍ତିରେ । ବହିଟିର ଉତ୍ସର୍ଗ ବେଶ୍ କାରୁଣ୍ୟଦୀପ୍ତ; ପିତୃଋଣ ପରିଶୋଧ ପାଇଁ ଚିରଋଣୀ ପୁତ୍ର ବାବୁଲି (ସୂର୍ଯ୍ୟବଂଶୀ)ଙ୍କ ଉତ୍ସର୍ଗୀକୃତ ପ୍ରତିବେଦନରେ, ଯଥା- ଲୁହରେ ଭିଜି ଭିଜି ହଜି ଯାଇଥିବା ମୋ 'ବୋଉ', ଏକାକୀତ୍ୱରେ ସିଝି ସିଝି ଯାଉଥିବା ବାପା'ଙ୍କୁ ।

'ନଈ ପାଣି ନଈକି ଯାଆ' କବିତା ସମଗ୍ରରେ ଅଛି ଜୀବନ୍ମୟ ସ୍ୱର । ଅବହେଳିତ ମଣିଷ ପାଇଁ ପ୍ରଚୁର ସମ୍ବେଦନଶୀଳତା । ଅଛି ଗୋଟିଏ କୋମଳ କବିପ୍ରାଣ ସତ୍ତ୍ୱେ ବୈଶ୍ୱାନରୀୟ ଉତ୍ତପ୍ତ କିଛି ପ୍ରତିକ୍ରିୟା । ଗୋଟିଏ କଥାରେ କହିଲେ, ଏହା ହେଉଛି ବିଷ୍ଣୁଙ୍କ- 'ଜୀବନ୍ତ ଶବ୍ଦାବଳୀର ସମାହାର । କବି ବିଷ୍ଣୁ ସେଠୀଙ୍କ ଅବର୍ତ୍ତମାନରେ ତାଙ୍କରି ପ୍ରତିରୂପ ।' 'ଆଲୋମୟ ଅପ୍‌ସରା' ତାଙ୍କ ଅବର୍ତ୍ତମାନରେ ପ୍ରକାଶିତ ତାଙ୍କ ଉତ୍ତରଣଶୀଳ କାବ୍ୟ ଚେତନାର ପ୍ରତିଲିପି । ଏଥିରେ ଅଛି କବିଙ୍କ 'ଜୀବନର ସୂକ୍ଷ୍ମ ଅନୁଭବ, ଯାତନା, ଯନ୍ତ୍ରଣା ଓ ସମାଜର ବ୍ୟବଚ୍ଛେଦ । କବିତାରେ ନିଜର ଅଭିବ୍ୟକ୍ତିକୁ ବ୍ୟକ୍ତ କରିବାର କୋମଳ ସମ୍ମୋହିନୀ କବିଙ୍କୁ ନେଇଯାଏ ଗାଁରୁ ଗଙ୍ଗା, ଖଳାରୁ ଖମାର, ନଗଡ଼ାରୁ ନକ୍ଷତ୍ର । କବିତା ତାଙ୍କୁ ପୂର୍ଣ୍ଣ କରେ, ଶୂନ୍ୟ କରେ, ପ୍ରସାରିତ କରେ, ସମ୍ମୋହିତ କରେ ।'

ସାମାଜିକ ସାଂସ୍କୃତିକ ବିଚାର-ବିମର୍ଶ ତଥା ନିଷ୍କର୍ଷଗତ ବିବେଚନାକୁ ନେଇ ପ୍ରକାଶିତ ତାଙ୍କର ଏକମାତ୍ର ଆଲେଖ୍ୟ (ଫିଚର) ପୁସ୍ତକ ହେଉଛି 'ଶିରୋଧାର୍ଯ୍ୟ-ଶିରୋନାମା' (୨୦୨୧) । ଏ ଗ୍ରନ୍ଥକୁ ଗବେଷଣା ଦୃଷ୍ଟିରୁ ବିଚାର କଲେ, ଏହା ହେବ ସମସାମୟିକ ଜୀବନ, ଜଗତର ଏକ ପ୍ରତିକ୍ରିୟାନିଷ୍ଠ ଭାବକୋଷ; ଯେଉଁଠି କବିତାର ଲାଳିତ୍ୟ ସହ ଗଦ୍ୟାଭାଷର ପୁରୁଷାର୍ଥ ସମନ୍ୱିତ ହୋଇ ପ୍ରଚଳିତ ବ୍ୟବସ୍ଥାର ମୁଖା ଉନ୍ମୋଚନର ବଡ଼ପଣଟିକୁ ପ୍ରଦର୍ଶିତ କରି ପାରିଛି ।

ବିଷ୍ଣୁଙ୍କ ପଦ୍ୟ ଓ ଗଦ୍ୟ ଭିତରେ ଅଛି ଏକ ସୂକ୍ଷ୍ମ ବିଷାଦବୋଧ; ଜଣେ ରାଜ-ଯୋଗୀର ବିରଳ ଉତ୍ତପ୍ତ ଭାଷ୍ୟ । ଏ ବିଷାଦ ଓ ଅବିକଳ୍ପ ଉତ୍ତାପ ତାଙ୍କ ରାଷ୍ଟ୍ରବାଦୀ ଜାତୀୟ ସ୍ୱାଭିମାନରୁ ଉତ୍ପାଦିତ । ଜଣେ କବି ନେତା ହେଲେ ପରିଣତି ବୋଧେ ଏଇଆ ହୁଏ ଯେ- ସେ ନିଜର ଆବେଗ ଓ ଭାବନାକୁ ନିଜ ହୃଦୟରେ କି ମନରେ ମାରିଦେଇ ପାରେନା । ରାଜନୀତିର ବିବିଧ ପ୍ରସଙ୍ଗକୁ ଲୋକାଭିମୁଖୀ କରିବାକୁ ତାଙ୍କୁ ଅନ୍ୟ କୌଣସି ଅବଲମ୍ବନ ଗ୍ରହଣ କରିବା ଅପେକ୍ଷା 'ସାହିତ୍ୟ' ପରି ଅବଲମ୍ବନଟିଏ ମିଳିଯିବା ନିହାତି ସ୍ୱାଭାବିକ ମନେହୁଏ । ବିଷ୍ଣୁ ଥିଲେ ଏଇ ଚିନ୍ତନର ଧାରକ । ତେଣୁ ସେ ଥିଲେ ରାଜନୀତିର ମହାଯୁଦ୍ଧରେ ଜଣେ ସମର୍ଥ ଯୋଦ୍ଧା, ସାହିତ୍ୟରେ ବି ନିଜ ମୁତାବକ ଜଣେ ଆତ୍ମଗଢ଼ା ମଣିଷ । ଅଥଚ ଏବେ ସେ ଅବର୍ତ୍ତମାନ; ପୁଞ୍ଜିଭୂତ ଦୁଃଖର କାରକ ପାଲଟିଛନ୍ତି- ଅବହେଳିତ ବର୍ଗଙ୍କ ପାଇଁ, ଚଳଚଞ୍ଚଳ ସାହିତ୍ୟର ଉତ୍ତରିତ ମାର୍ଗ ପାଇଁ ।

'କିବା କାଳ ଥିଲା ଛଅଟି ଦଶନ୍ଧିର ଜୀବନ ଭୋଗ (୫/୬/୬୧-୧୯/୯/୨୨) । ବୋଧହୁଏ ଏହି ସଂକ୍ଷିପ୍ତ ଜୀବନ ହିଁ ଥିଲା ତାଙ୍କ ବ୍ୟକ୍ତିସତ୍ତାର ସମସ୍ତ ଭଲପ୍ରବଣତାର, ସମସ୍ତଙ୍କୁ ଭଲ ପାଇବାର, ନିଜକୁ ସବୁଠାରୁ ଭିନ୍ନ ଦର୍ଶାଇବାର ଓ ସବୁଠାରୁ ବିସ୍ମୟ ବିଭୋରତାରେ ରାଜନୀତି ଓ ସାହିତ୍ୟକୁ ଏକତ୍ର ଭୋଗିବାର । ବିଷ୍ଣୁଙ୍କ ବ୍ୟକ୍ତିତ୍ୱ ବିଶେଷଣର କୌଣସି ବର୍ଗ ବନ୍ଧନୀ ଭିତରେ କେବେ ସମାହିତ ନୁହେଁ, ବରଂ ଏକାନ୍ତ ସତ୍ୟ ଓ କଠୋର ବାସ୍ତବତାରେ ଅଭିମନ୍ତ୍ରିତ ଗୋଟିଏ ନିଦା ବୈଦିକ ଶ୍ଳୋକ, ଯାହାର ଧ୍ୱନି ଏବେ ବି ଗୁଞ୍ଜରିତ ଓଡ଼ିଶା ମାଟିରେ ।' 'ସାହିତ୍ୟ ପାଇଁ ସାରା ରାତି, ବିଷ୍ଣୁଙ୍କ ସାହିତ୍ୟ ସଙ୍ଗତି' ପୁସ୍ତକରୁ ସାମଗ୍ରିକ ଭାବେ କହିଲେ- ତାଙ୍କ ଛାଇ ଓ ଦେହ ସବୁବେଳେ ଥିଲା ଅଭିନ୍ନ; ଯାହା ଏବେ ବି ଦୃଶ୍ୟାୟନ ତାଙ୍କ ରାଜନୀତିକ ଓ ସାହିତ୍ୟ ସାଧନାର ତପସ୍ୟା ଭିତରେ ।

ମହାପ୍ରୟାଣ ଦିବସରେ ଏ ଆଲେଖ୍ୟ ଏକ ସ୍ମୃତି ଅର୍ଘ୍ୟ ନୁହେଁ, ସମର୍ପିତ ଅଶ୍ରୁ-ଅନଳର ଶବ୍ଦପୁଞ୍ଜ ମାତ୍ର; ଘେନିବା ହେବେ; ସବୁ କ୍ଷେତ୍ରରେ ଗ୍ରହଣୀୟ ଅଜାତଶତ୍ରୁ, ହେ ମହାନ୍ ଆତ୍ମା ।

ମୋ: ୯୯୩୮୩୦୭୮୨୧

### ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା

# ରକ୍ତହୀନତା ରୋଗୀଙ୍କୁ ତଡ଼ିଦେଲେ କର୍ମଚାରୀ



**ରାୟଗଡ଼ା,୧୮।୯/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜଣେ ରକ୍ତହୀନତା ନାବାଳିକାଙ୍କୁ ଡିଏଚ୍ଏଚ୍ କର୍ତ୍ତୃପକ୍ଷ ଚିକିତ୍ସା ନକରି ତଡ଼ି ଦେଇଥିବାରୁ ଗୋଟିଏ ପରିବାର ଅନ୍ୟ ଉପାୟ ନପାଇ ନାଗାବଳୀ ନଦୀରେ ଆତ୍ମାହୁତି ପାଇଁ ଯାଉଥିବା ସୂଚନା ମିଳିଛି। କିନ୍ତୁ ଏନେଇ ସାମାଜିକ କର୍ମୀ ବଳରାମ ପଣ୍ଡା ଖବରପାଇ ହସ୍ତକ୍ଷେପ କରି ଆତ୍ମାହୁତି ନକରିବା ପାଇଁ ପ୍ରବର୍ତ୍ତାଇବା

**ପରିବାରର ଆତ୍ମାହୁତି ଉଦ୍ୟମ**

ସହ ପୁନର୍ବାର ପରିବାରଙ୍କୁ ଡିଏଚ୍ଏଚ୍ ଫେରାଇ ଆଣି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସୂଚନାରୁ ଜଣାପଡ଼ିଛି କାଶୀପୁର ବ୍ଲକ୍ କାହ୍ନୁଗୁଡ଼ା ଗ୍ରାମର ଜଣେ ୧୬ ବର୍ଷୀୟା ନାବାଳିକା ପଦ୍ମାବତୀ ମାଝୀଙ୍କ ରକ୍ତରେ ହିମୋଗ୍ଲୋବିନ୍ ଓ ପ୍ଲେଟଲେଟ୍ସର ଗୁରୁତର ଭାବେ କମିଯାଇଥିବା ସତ୍ତ୍ୱେ ତାଙ୍କୁ ମେଡିକାଲ୍‌ରୁ ଜୋରଜବରଦସ୍ତି ଡିସଚାର୍ଜ କରାଯାଇଥିଲା। ଏନେଇ ପଦ୍ମାବତୀଙ୍କ ବାପା ଶଙ୍କର ମାଝୀ ଅଭିଯୋଗ କରି କହିଛନ୍ତି ସେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ଡାକ୍ତରଖାନା କର୍ମଚାରୀ ତାଙ୍କ ସ୍ତ୍ରୀ ଏବଂ ଝିଅକୁ ଜବରଦସ୍ତି ଡିସଚାର୍ଜ କରି ତଡ଼ି ଦେଇଥିଲେ। ଏଭଳି ଦୁର୍ବ୍ୟବହାର ଓ ଅବହେଳାରେ ନିରାଶ ହୋଇ ସମ୍ପୂର୍ଣ୍ଣ ପରିବାର ନାଗାବଳୀ ନଦୀକୁ ଆତ୍ମହତ୍ୟା କରିବାକୁ ଯାଉଥିଲେ। ପ୍ରକାଶଥାଉକି ଗତ ୧୬ ତାରିଖ ପଦ୍ମାବତୀ ଜ୍ୱରରେ ପୀଡ଼ିତ ହୋଇ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିଲେ। ପରୀକ୍ଷାରୁ ତାଙ୍କର ହିମୋଗ୍ଲୋବିନ୍ ୮.୬ ଥିବାବେଳେ ପ୍ଲେଟଲେଟ୍ ମାତ୍ର ୬୩ ହଜାରକୁ କମି ଯାଇଥିଲା। ଶୁକ୍ରବାର ରକ୍ତ ପରୀକ୍ଷା ବେଳେ ହିମୋଗ୍ଲୋବିନ୍ କମି ୭.୨ ହୋଇଥିଲା। ନାବାଳିକା ଜଣକ ଦୁର୍ବଳ ଥିବା ଖୋଦ୍ ଡାକ୍ତର କହୁଥିବାବେଳେ ରାୟଗଡ଼ା ମେଡିକାଲ୍‌ରୁ ତାଙ୍କୁ ବଳପୂର୍ବକ ଡିସ୍‌ଚାର୍ଜ କରିଦିଆଗଲା। ଏପରିକି ଡିଏଚ୍ଏଚ୍ କର୍ମଚାରୀ ପରିବାର ଲୋକେ ପ୍ରତିବାଦ କରିବାରୁ ଏହା ଶୋଇବା ପାଇଁ ଲଜ୍ ନୁହେଁ କହି ଦୁର୍ବ୍ୟବହାର କରି ବାହାର କରିଦେଇଥିବା ନେଇ ପୀଡ଼ିତାଙ୍କ ବାପା ଶଙ୍କର ମାଝୀ ଅଭିଯୋଗ କରିଛନ୍ତି। ସିଡିଏମ୍ଓ ନିଜେ ଏହି ଗୁରୁତର ଭୁଲ୍ ସ୍ୱୀକାର କରି ତଦନ୍ତ ସହ ନାବାଳିକାଙ୍କୁ ପୁନର୍ବାର ମେଡିସିନ୍ ୱାର୍ଡରେ ଭର୍ତ୍ତି କରିବାକୁ ନିର୍ଦ୍ଦେଶ ଦେବା ସହ ରକ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସିଡିଏମ୍ଓଙ୍କ ହସ୍ତକ୍ଷେପ ପରେ ନାବାଳିକାଙ୍କ ଚିକିତ୍ସା ପୁଣି ଆରମ୍ଭ ହୋଇଛି। ଜଣେ ଗୁରୁତର ରୋଗୀଙ୍କ ପ୍ରତି ଏପରି କଦର୍ଯ୍ୟ ବ୍ୟବହାର କରିଥିବା ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ବଳରାମ ପଣ୍ଡା ଦାବି କରିଛନ୍ତି। ଏନେଇ ମେଡିସିନ୍ ସ୍ପେସିଆଲିଷ୍ଟ ଗୌରୀ ଶଙ୍କର କହିଛନ୍ତି ଯେ ନାବାଳିକାଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବାବେଳେ ତାଙ୍କ ଚିକିତ୍ସା ଚାଲିଛି। ଡାକ୍ତରଖାନାର ଜଣେ ନର୍ସ ନାବାଳିକାଙ୍କ ସ୍ୱାସ୍ଥ୍ୟ ଠିକ୍ ହୋଇଯାଇଥିବା ନେଇ ଡାକ୍ତରଙ୍କୁ ସୂଚନା ଦେବାସହ ଡିସଚାର୍ଜ କରିବାକୁ କହିଥିବା ଜଣାପଡ଼ିଛି।

## ମୋଦୀଙ୍କ ଜନ୍ମଦିନରେ ସବୁଠି ଦୀପଦାନ



**ବଲାଙ୍ଗୀର,୧୮।୯/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଲୋଇସିଂହା ଅଞ୍ଚଳରେ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ପରିବେଶ ମଧ୍ୟରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ନେତୃତ୍ୱରେ ବିଭିନ୍ନ ପ୍ରମୁଖ ମନ୍ଦିରଗୁଡ଼ିକରେ ଏହି ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଶୁଭାରୋଗ୍ୟ, ଦୀର୍ଘାୟୁ ଓ ନିରନ୍ତର ଦେଶସେବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଭିନ୍ନ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ଦୀପ ପ୍ରଜ୍ୱଳନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଓ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିଥିଲେ। ଦୀପର ଆଲୋକ ମାଧ୍ୟମରେ ଦେଶର ପ୍ରଗତି, ସମୃଦ୍ଧି ଓ ଶାନ୍ତି ପାଇଁ ମଧ୍ୟ ଶୁଭକାମନା ଜଣାଯାଇଥିଲା। ଏହି ଅବସରରେ ଆଗଲପୁରର ଶିବ ମନ୍ଦିର, ଡୁଡୁକାର ସାନଟିକରା ଶିବ ମନ୍ଦିର, କୁଶମେଲର କୁଟୁରାପାଲି ଜଗନ୍ନାଥ ମନ୍ଦିର, ଲୋଇସିଂହାର ରାମ ମନ୍ଦିର, ଯୋଗିସୁର୍ଡ଼ା ଶିବ ମନ୍ଦିର, ସାଉନ୍ତପୁର ବିଲେଇସର୍ଡ଼ା ଜଗନ୍ନାଥ ମନ୍ଦିର, ଭଦ୍ରାପାଲି ଶିବ ମନ୍ଦିର ଓ ଦଶପୁର ଶ୍ରୀରାମ ମନ୍ଦିରରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଥିଲା। ଏହାସହ ସାମାଜିକ ଅନୁଷ୍ଠାନ ଡିବିରୀ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଟେଷ୍ଟ ପେପର୍ ବଣ୍ଟା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଦେଶ ବିକାଶର ଏକ ନୂତନ ଯାତ୍ରା ଅତିକ୍ରମ କରୁଛି। ଦେଶର ସାଧାରଣ ଲୋକଙ୍କ କଲ୍ୟାଣ, ଗରିବ ଓ ବଞ୍ଚିତ ବର୍ଗଙ୍କ ସଶକ୍ତିକରଣ, ଦେଶକୁ ଏକ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଜୀବନ, ଦୀର୍ଘାୟୁ ଓ ଦେଶସେବାରେ ତାଙ୍କର ଅବିରତ ଯାତ୍ରା ପାଇଁ ଆମେ ସମସ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସହ ତାଙ୍କ ଦ୍ୱାରା ଦିଆଯାଇଥିବା ଜନସେବାର ସଙ୍କଳ୍ପକୁ ଆଗକୁ ନେବା ଆମର ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ। 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ମାଧ୍ୟମରେ ଲୋଇସିଂହା ଅଞ୍ଚଳରେ ଆଧ୍ୟାତ୍ମିକତା, ସେବା ଓ ଜନକଲ୍ୟାଣର ଭାବନାକୁ ଆହୁରି ଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା। ସେହିପରି ବଲାଙ୍ଗୀର ସଦରମହକୁମାସ୍ଥିତ ପ୍ରସିଦ୍ଧ ବାବା ଲୋକନାଥ ମନ୍ଦିରରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡ଼ମ୍ବରର ସହ ସମ୍ପାଦିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ବୁଦ୍ଧିଜୀବୀ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହାସହ ସ୍ୱେଚ୍ଛାସେବୀ ମା'ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ।

● **ପାଟଣାଗଡ଼:** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ହରିଶଙ୍କରରେ ମହିଳାମାନେ ସାମୂହିକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥିରୂପେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସିଡିପିଓ ଅମିତ ପଣ୍ଡା, ଏଲ୍ଏମ୍‌ବିପିଏମ୍ ପଙ୍କଜିନୀ ତରାଶିଆ, ବିଜେପି ଖପ୍ରାଖୋଲ ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ ଓ ଲାଠୋର ମଣ୍ଡଳ ସଭାପତି ବିକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୋଦୀଜିଙ୍କ ସୁସ୍ଥ ନିରାମୟ ଜୀବନ କାମନା କରି ହରିଶଙ୍କର ବାବାଙ୍କଠାରେ ଦୀପ ଜାଳିଥିଲେ। ସେହିପରି ପାଟଣାଗଡ଼ରେ ଥିବା ବିଭିନ୍ନ ମନ୍ଦିରରେ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ କାମନା କରି ପାଟଣାଗଡ଼ର ଇଷ୍ଟ ଦେବୀ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ, ମା' ଦକ୍ଷତି, ପ୍ରଭୁ ଜଗନ୍ନାଥ ଓ ପଞ୍ଚମୁଖୀ ହନୁମାନ ମନ୍ଦିରରେ ବି ପାଟଣାଗଡ଼ ମିଶନଶକ୍ତିର ମହିଳାଙ୍କ ସହ ବିଡିଓ ସୁମନ କୁମାର ମିଞ୍ଜ, ବଲାଙ୍ଗୀର ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବଲ୍ଲଭ ଧରୁଆଙ୍କ ସମେତ ବହୁ ବିଜେପି କର୍ମୀ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଶତାଧିକ ମହିଳା ଯୋଗ ଦେଇଥିଲେ। ଲକ୍ଷ୍ମୀ ନାରାୟଣ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଭୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସେହିପରି ଧଣ୍ଡାମୁଣ୍ଡା ମନ୍ଦିର ସମ୍ମୁଖରେ ମହିଳାମାନେ ସାମୂହିକ ଭାବେ ଦୀପ ଜଳାଇ ଦୀର୍ଘଜୀବନ କାମନା କରିଥିଲେ। ବିଜେପି ଖପ୍ରାଖୋଲ ମଣ୍ଡଳ ପକ୍ଷରୁ ଇଷ୍ଟ ଦେବୀ ମା' ଡୁମେରତଲେନ୍‌ଙ୍କଠାରେ ମଧ୍ୟ ଦୀପ ଜଳାଇ ଦୀର୍ଘଜୀବନ କାମନା କରିଥିଲେ।





● **ଟିଟିଲାଗଡ଼:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ଏହାର ଅଂଶସ୍ୱରୂପ ଟିଟିଲାଗଡ଼ ଅଞ୍ଚଳରେ ମଧ୍ୟ ଦୀପ ପ୍ରଜ୍ୱଳନ କରାଯାଇଛି। ଟିଟିଲାଗଡ଼ ଠିକାଦାର ପଡ଼ାସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପ୍ରଥମେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ କାମନା କରି ଦୀପ ଲଗାଇ ମିଠା ବାଣ୍ଟି ଶୁଭେଚ୍ଛା ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଦୀପ ଜଳାଇ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରିଛନ୍ତି। ସନ୍ଧ୍ୟାରେ ଲୋକମାନେ ନିଜ ଘର, ଦୋକାନ ଓ ବିଭିନ୍ନ ସ୍ଥାନରେ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଦୀପ ପ୍ରଜ୍ୱଳନ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ଥ ଓ ମଙ୍ଗଳମୟ ଜୀବନ କାମନା କରାଯାଇଛି। ଦୀପ ପ୍ରଜ୍ୱଳନ ସହ ଅନେକ ସ୍ଥାନରେ ମିଠା ବଣ୍ଟନ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ସାଂସଦ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ନଗର ସଭାପତି ସୁନୀଲ ଆଚାର୍ଯ୍ୟ, ଟିଟିଲାଗଡ଼ ବିକାଶ ସେନା ସଭାପତି ଇଂ ଅମ୍ଳାନ ଷଡ଼ଙ୍ଗୀ, ନଗର ସାଧାରଣ ସମ୍ପାଦକ ଶିବାନନ୍ଦ ପାଣିଗ୍ରାହୀ, ଅରବିନ୍ଦ ପାଣିଗ୍ରାହୀ, ମହେନ୍ଦ୍ର ଠାକୁର ଓ ପ୍ରକାଶ ଅଗ୍ରୱାଲ୍‌ଙ୍କ ସହ ଶତାଧିକ କର୍ମୀ ସାମିଲ୍ ହୋଇଥିଲେ।



## ଛତାମଖନାରେ ନୂଆଁଖାଇ ଭେଟଘାଟ୍



**ବଲାଙ୍ଗୀର,୧୮।୯/ଏନ୍ଏନ୍ଏସ୍:** ନୂଆଁଖାଇ କେବଳ ପଶ୍ଚିମାଞ୍ଚଳ ନୁହେଁ ବର୍ତ୍ତମାନ ଆମ ଦେଶ ସୀମା ପାର କରି ବିଶ୍ୱସ୍ତରରେ ପହଞ୍ଚିଛି। ଏହି ତିହାର ମାଧ୍ୟମରେ ନିଶ୍ଚିତଭାବେ ଆମେ ସମାଜରେ ଥିବା କୁସଂସ୍କାର, ଅସ୍ପୃଶ୍ୟତା ଓ ଅରାଜକତାକୁ ଦୂର କରିପାରିବା ବୋଲି ନିଜ ପୈତୃକ ଗ୍ରାମ ଛତାମଖନାରେ ଅନୁଷ୍ଠିତ ନୂଆଁଖାଇ ପର୍ବ ପରବର୍ତ୍ତୀ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର କହିଛନ୍ତି। ଛତାମଖନାର ଆମ୍ବେଦକର କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ ଛତାମଖନା ଏକ ଆଦର୍ଶ ଗ୍ରାମ। ଛତାମଖନା ଗ୍ରାମର ଅବଦାନ ଅନେକ। ଏହି ଗାଁ ଦେଶର ସମ୍ବିଧାନ ପ୍ରଣେତା ସଭାର ସଭ୍ୟ ଯୁଧୀଷ୍ଠିର ମିଶ୍ରଙ୍କୁ ଜନ୍ମ ଦେଇଛି। ଏହି ଗାଁ ରାଜ୍ୟକୁ ଆଇନମନ୍ତ୍ରୀ ତଥା ଜାତୀୟ ଆଇନ କମିଶନ ସଦସ୍ୟ ଦେଇଛି। ଏହାସହ ଝାରଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମଧ୍ୟ ଏହି ଗାଁର। ତେଣୁ ଛତାମଖନା ଅବଦାନ କେହି ଭୁଲିଯିବା କଥା ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏଥିରେ ସମ୍ମାନିତ ଅତିଥିଭାବେ ଯୁବନେତା ଶୁଭ୍ରାଂଶୁ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଗାଁର ଛୋଟ ଛୋଟ ଛୁଆଙ୍କ ଦ୍ୱାରା ଛତାମଖନା ଗାଁର ନାମକରଣକୁ ନେଇଥିବା ଲୋକକଥା ଉପରେ ଏକ କ୍ଷୁଦ୍ର ନାଟିକା ପ୍ରଦର୍ଶନ କରିଥିଲେ। ହରି ଶିକାଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ରାଜେଶ ଶିକା, ମନୋରମା, ନାରାୟଣ, ବେଦବ୍ୟାସ, ସୂର୍ଯ୍ୟକାନ୍ତ, ହେମନ୍ତ, ବିରେନ, ଜିତେନ ଓ ଦିଲ୍ଲୀପ ବିହାରିଙ୍କ ସମେତ ଆମ୍ବେକର କ୍ଲବ୍‌ର ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ଜିଲ୍ଲା ଯୋଜନା କମିଟି ବୈଠକ

## ପାନୀୟଜଳ, ବିଜୁଳି, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତିକୁ ଅଗ୍ରାଧିକାର



**ନବରଙ୍ଗପୁର,୧୮।୯/ଏନ୍ଏନ୍ଏସ୍:** ଜିଲ୍ଲା ଯୋଜନା କମିଟିର ୨୪ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଜିଲ୍ଲାପରିଷଦ ଅଧକ୍ଷ ମୋତିରାମ ନାୟକ, ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଡିଓମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଅଧକ୍ଷ ଶ୍ରୀ ମାଝୀ କେବିକେ ବିକାଶ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସହ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାନୀୟଜଳ, ବିଜୁଳି ଓ ସଡ଼କ ଭଳି ମୌଳିକ ସୁବିଧାର ବିକାଶ ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ପାଇଁ ଆବଶ୍ୟକ ପ୍ରକଳ୍ପର ତାଲିକା ପ୍ରସ୍ତୁତ କରି ଅନୁମୋଦନ ପରେ ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ତାଲିକାଭୁକ୍ତ ପ୍ରକଳ୍ପଗୁଡ଼ିକର ଫିଜିବିଲିଟି ରିପୋର୍ଟ ଶୀଘ୍ର ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାର ବୟନ ଶିଳ୍ପର ବିକାଶ ସହ ବୁଣାକାରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲା ମୁଖ୍ୟାଳୟରେ ବୟନ ଶିଳ୍ପ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଖୋଲିବା ନେଇ ଆଲୋଚନା ହୋଇଥିଲା। ଏଥିସହ ଗୋଶାଳାର ସଫଳ କାର୍ଯ୍ୟାନ୍ୱୟନ, ମାଛ ଓ ଚିଙ୍ଗୁଡ଼ି ଚାଷକୁ ପ୍ରୋତ୍ସାହନ ପାଇଁ ଉପଯୋଗୀ ପୋଖରୀ ଓ ବନ୍ଧର ତାଲିକା ପ୍ରସ୍ତୁତି, କ୍ରୀଡ଼ା ଭିତ୍ତିଭୂମି, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଷ୍ଟାଡିୟମ୍ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ ଆଗେଇ ନେବାକୁ ଗୁରୁତ୍ୱ ଦିଆଯାଇଥିଲା। ପରେ ମାତ୍ରାଧିକ ବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା। କ୍ଷତିଗ୍ରସ୍ତ ରାସ୍ତାଘାଟ, ବ୍ରିଜ୍ ଓ କଲଭର୍ଟ ଆଦିର ଯଥାଶୀଘ୍ର ମରାମତି କରି ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସେବା ସଙ୍କଳ୍ପ ଅଭିଯାନ : ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ




**ମାଲକାନଗିରି,୧୮।୯/ଏନ୍ଏନ୍ଏସ୍:** ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟଗୁଡ଼ିକରେ ସେବା ସଙ୍କଳ୍ପ ଅଭିଯାନ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆୟୋଜିତ ହୋଇଯାଇଛି। ବିକଶିତ ଭାରତର ସଂକଳ୍ପ ଏବଂ ୨୫ ବର୍ଷର ସେବା ମୂଲ୍ୟବୋଧକୁ ଆଧାର କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ଭାବନା, ନାଗରିକ କର୍ତ୍ତବ୍ୟ ଓ ନେତୃତ୍ୱ ଗୁଣର ବିକାଶ ପାଇଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରାଯାଇଛି । ଜିଲ୍ଲାର ବ୍ଲକ୍ ଶିକ୍ଷାଧିକାରୀ, ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସହଯୋଗରେ ଏହି ଅଭିଯାନ ଜିଲ୍ଲାର କୋଣଅନୁକୋଣରେ ଏକ ଜନଆନ୍ଦୋଳନର ରୂପ ନେଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି ଯେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ସେବା ସଙ୍କଳ୍ପ ଅଭିଯାନ ମାଧ୍ୟମରେ କେବଳ ପ୍ରତିଯୋଗିତା ନୁହେଁ, ବରଂ କୋମଳମତି ଛାତ୍ରଛାତ୍ରୀଙ୍କ ମନରେ ୨୫ ବର୍ଷର ସୁଶାସନ ଓ ସେବାର ବାର୍ତ୍ତା ପହଞ୍ଚାଇବା ସହ ବିକଶିତ ଭାରତ ଗଠନ ପାଇଁ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ପ୍ରତ୍ୟେକ ବିଦ୍ୟାଳୟରୁ ବିଦ୍ୟାର୍ଥୀମାନେ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ବିକଶିତ ଭାରତ ଏବଂ ବିଗତ ୨୫ ବର୍ଷର ସେବା ସଫଳତା ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ବ୍ଲକ୍ ଓ ଜିଲ୍ଲାସ୍ତରରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟସ୍ତରରେ ଶିକ୍ଷାର ମାନ ବୃଦ୍ଧି ସହ ସାମଗ୍ରିକ ବିକାଶ ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର ଏହି ମିଳିତ ଉଦ୍ୟମକୁ ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

## ଛାତ୍ରୀଙ୍କ ନିଶାମୁକ୍ତି ଶପଥପାଠ

**ବଲାଙ୍ଗୀର,୧୮।୯/ଏନ୍ଏନ୍ଏସ୍:** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତି ସମ୍ପର୍କିତ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟଙ୍କ ନିର୍ଦ୍ଦେଶକ୍ରମେ ତଥା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଆବାହକତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୁର୍ବେଦିକ ମହାବିଦ୍ୟାଳୟର ସ୍ୱାସ୍ଥ୍ୟବୃତ୍ତ ଏବଂ ଯୋଗ ବିଭାଗର ସହକାରୀ ପ୍ରଫେସର୍ ତଥା ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ଡଃ ସ୍ନେହଲତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶା ବ୍ୟବହାରର କୁପରିମାଣ ସମ୍ପର୍କରେ ଉପସ୍ଥିତ ଅଧ୍ୟାପକ ତଥା ଛାତ୍ରୀଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ରଖିଥିଲେ। ମଞ୍ଚାସୀନ ଅଧକ୍ଷ ଡକ୍ଟର ଅରବିନ୍ଦ କୁମାର ଓଝା, ବିଭୂତି ଭୂଷଣ ସାହୁ ଓ ରଶ୍ମିରେଖା ଭୋଇ ପ୍ରମୁଖ ନିଶା ସେବନର ଭୟଙ୍କର ପରିଣତି ସମ୍ପର୍କରେ ନିଜ ମତରଖି ଏଥିନିମିତ୍ତ ସଚେତନତାର ବାର୍ତ୍ତାବହ ହେବାକୁ ଆମନ୍ତ୍ରଣ କରିଥିଲେ। ଇଂରାଜୀ ଅଧ୍ୟାପିକା ଡ଼କ୍ଟର ଅନୁରାଧା ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଶପଥପାଠ କରାଇବାରେ ସହଯୋଗ କରିଥିଲେ। ସଭା ପ୍ରାରମ୍ଭରେ ସଂସ୍କୃତ ଅଧ୍ୟାପକ ଅଜିତ୍ କୁମାର ପଣ୍ଡା ମଞ୍ଚ ପରିଚାଳନା ଭାର ବହନ କରିଥିବାବେଳେ ଜାତୀୟ ସେବା ଯୋଜନାର ସଂଯୋଜିକା ଡ଼କ୍ଟର ମିନତୀ ଦେବତା ଧନ୍ୟବାଦ ଦେଇଥିଲେ।

## ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ପକ୍ଷରୁ ଶବବାହକ ଗାଡ଼ି ପ୍ରଦାନ



**ମାଲକାନଗିରି,୧୮।୯/ଏନ୍ଏନ୍ଏସ୍:** ମାନବିକତା ଓ ସାମାଜିକ ଦାୟିତ୍ୱବୋଧର ପରିଚୟ ଦେଇ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ମାଲକାନଗିରି ଜିଲ୍ଲା ପ୍ରଶାସନକୁ ଏକ ଶବବାହକ ଗାଡ଼ି ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଏହି ଗାଡ଼ିକୁ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଥିଲେ। ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏବଂ ବ୍ୟାଙ୍କର ବ୍ରହ୍ମପୁର ମଣ୍ଡଳ ମୁଖ୍ୟ ପ୍ରତାପ କୁମାର ବୈରିଗଞ୍ଜନ ଉପସ୍ଥିତ ଥିଲେ। ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏହି ସହାୟତା ଯୋଗାଇ ଦିଆଯାଇଛି। ଜିଲ୍ଲାର ଦୁର୍ଗମ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ମୃତଦେହ ପରିବହନ କ୍ଷେତ୍ରରେ ସାଧାରଣ ଲୋକଙ୍କୁ ସମ୍ମୁଖୀନ ହେବାକୁ ପଡୁଥିବା ସମସ୍ୟାର ସମାଧାନ କ୍ଷେତ୍ରରେ ଏହି ଶବବାହକ ଗାଡ଼ି ବିଶେଷ ସହାୟକ ହେବ। ବ୍ୟାଙ୍କର ଏହି କାର୍ଯ୍ୟକୁ ଜିଲ୍ଲାବାସୀ ସାଧୁବାଦ ଜଣାଇଛନ୍ତି।

### ଅବକାରୀ ବିଭାଗର ଦୋମୁହାଁ ନୀତି

# ଗାଁ ଗାଁରେ ଚୋରାମଦ କାରବାର, ମୂଳ ଉତ୍ସ ଉପରେ ନିରବତା

**ରାୟଗଡ଼ା,୧୮।୯/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାରେ ଅବକାରୀ ବିଭାଗର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠିଛି। ଗୋଟିଏପଟେ ଗାଁ ଗାଁରେ ଖୋଲାଖୋଲି ଚୋରା ବିଦେଶୀମଦ କାରବାର ଚାଲିଥିବା ନେଇ ଅଭିଯୋଗ ହୋଇଥିବାବେଳେ ଅନ୍ୟପଟେ ଛୋଟ ଓ ଗରିବ ଲୋକଙ୍କ ଉପରେ ଅବକାରୀ ଚଢ଼ଉକୁ ନେଇ ବିଭାଗର ଏହି ଦୋମୁହାଁ କାର୍ଯ୍ୟପ୍ରଣାଳୀକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି। ଜିଲ୍ଲା ସଦର ମହକୁମାରୁ ଗ୍ରାମାଞ୍ଚଳର ପାନ ଦୋକାନ, ଗଳିକନ୍ଦି ଓ ବିଭିନ୍ନ ସ୍ଥାନରେ ଲାଇସେନ୍ସପ୍ରାପ୍ତ ବ୍ୟବସ୍ଥା ବାହାରେ ବିଦେଶୀମଦ ବିକ୍ରି ହେଉଥିବା ନେଇ ସ୍ଥାନୀୟ ମହଲରୁ ଅଭିଯୋଗ ଆସୁଛି। ଏପରିକି ଚୋରା ମଦ ସହ ନକଲି ମଦର କାରବାର ନେଇ ମଧ୍ୟ ଅଭିଯୋଗ ରହିଛି। ତେବେ ଏତେ ବ୍ୟାପକ ଅଭିଯୋଗ ସତ୍ତ୍ୱେ ଏହି କାରବାରର ମୂଳ ଉତ୍ସ କାହିଁକି ଧରାପଡୁନି ସେନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ବିଷମକଟକ ଅବକାରୀ ବିଭାଗ ପକ୍ଷରୁ ଦୁର୍ଗୀ ସଦର ଅଞ୍ଚଳରେ ଚଢ଼ଉ କରାଯାଇ ବିପୁଳ ପରିମାଣର ବିଦେଶୀମଦ ଜବତ ଘଟଣା ଅନେକ ପ୍ରଶ୍ନ ସାମ୍ନାକୁ ଆଣିଛି। ଗ୍ରାମାଞ୍ଚଳର ଗୋଟିଏ ସ୍ଥାନରେ ଯଦି ଏତେ ପରିମାଣର ବିଦେଶୀ ମଦ ମହଜୁଦ୍ ଥିଲା, ତେବେ ଏହା କେଉଁଠୁ ଆସିଥିଲା, କେଉଁ ମଦ ଦୋକାନରୁ ଏହାର

**ଦୁର୍ଗୀରୁ ବିପୁଳ ମଦ ଜବତ ପରେ ଉଠିଲା ପ୍ରଶ୍ନ**

ଯୋଗାଣ ହୋଇଥିଲା, ଏହା କିଏ ପରିବହନ କରିଥିଲା ଓ ଏହି କାରବାର ପଛରେ ଥିବା ବଡ଼ ଯୋଗାଣକାରୀଙ୍କ ପର୍ଯ୍ୟନ୍ତ ବିଭାଗ ପହଞ୍ଚିଛି କି ନାହିଁ ସେନେଇ ଏସବୁ ପ୍ରଶ୍ନର ଉତ୍ତର ଏବେ ସାଧାରଣ ଲୋକ ଜାଣିବାକୁ ଚାହୁଁଛନ୍ତି। ଅଞ୍ଚଳର ବାରମ୍ବାର ଅଭିଯୋଗ ପରେ ଚଢ଼ଉ କରି ମଦ ଜବତ କରିଦେଇ ବିଭାଗ ତଦନ୍ତ ଶେଷ କରିଦେଇଛି। ଜବତ ମଦର ବ୍ୟାଚ୍ ନମ୍ବର, ବିଲ୍, ଷ୍ଟକ୍ ରେଜିଷ୍ଟର୍, ବିକ୍ରି ହିସାବ, ପରିବହନ ତଥ୍ୟ ଓ ସମ୍ପୃକ୍ତ ମଦ ଦୋକାନର ସିସିଟିଭି ଫୁଟେଜ୍ ଯାଞ୍ଚ କରାଗଲେ ମଦର ଉତ୍ସ ଠାବ କରିବା ସମ୍ଭବ ବୋଲି ସ୍ଥାନୀୟ ମହଲରେ ମତପ୍ରକାଶ ପାଇଛି। ଏହି ମଦ ଯଦି ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ଚୋରା ବଜାରକୁ ପହଞ୍ଚିଥାଏ ତେବେ ସେହି ଦୋକାନରେ ସରକାରୀ ଷ୍ଟକ୍ ରେଜିଷ୍ଟର୍ ଓ ବିକ୍ରି ରେକର୍ଡରେ ତା'ର ଚିହ୍ନ ରହିବା ସ୍ୱାଭାବିକ। ତେଣୁ ମୂଳ ଉତ୍ସ ଉପରେ ତଦନ୍ତ ହେଉଛି କି ନାହିଁ ସେନେଇ ବିଭାଗକୁ ସ୍ପଷ୍ଟ କରିବାକୁ ପଡ଼ିବ। ଅନ୍ୟପଟେ ଜିଲ୍ଲାର ମଦ ଦୋକାନଗୁଡ଼ିକରେ ସିସିଟିଭି ଓ ନିରୀକ୍ଷଣ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଯଦି ଚୋରା ମଦ ଗାଁଗୁଡ଼ିକରେ ସହଜରେ ପହଞ୍ଚୁଛି ତେବେ ଏହି ନିରୀକ୍ଷଣ ବ୍ୟବସ୍ଥାର ବାସ୍ତବ କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଏସବୁ ମଧ୍ୟରେ ଗରିବ ଓ ଆଦିବାସୀ ପରିବାର ଦେଶୀ ମଦ ପ୍ରସ୍ତୁତ କରୁଥିବା ଅଭିଯୋଗରେ ଅବକାରୀ ବିଭାଗ ଚଢ଼ଉ କରି ମାମଲା ରୁଜ୍ଜୁ ଓ ଗିରଫଦାରୀ କରୁଥିବାବେଳେ ବଡ଼ ପରିମାଣର ଚୋରା ବିଦେଶୀ ମଦ ଯୋଗାଣର ମୂଳ ଶୃଙ୍ଖଳା ଉପରେ କେତେ କଠୋର ପଦକ୍ଷେପ ନିଆଯାଉଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏପରିକି କେତେକ ମହଲରେ ମଦ ଦୋକାନୀ ଓ ଅବକାରୀ ବିଭାଗର କେତେକ କର୍ମଚାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଭଳି ଗୁରୁତର ଅଭିଯୋଗ ଉଠିଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏହି ଅଭିଯୋଗକୁ ଗୁରୁତର ସହ ନେଇ ଆବଶ୍ୟକ ତଦନ୍ତ କରାଗଲେ ସବୁକଥା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ଏନେଇ ରାୟଗଡ଼ା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ କହିଛନ୍ତି ଯେ ବର୍ତ୍ତମାନ ବିଷମକଟକରେ ସମସ୍ତ ମଦ ଦୋକାନ ବନ୍ଦ ରହିଛି। ତେଣୁ ମଦ ବିଭିନ୍ନ ଜାଗାରୁ ଆସୁଥିବାର ସୂଚନା ରହିଛି। ଏହାର ନିର୍ଦ୍ଦିଷ୍ଟ ଉତ୍ସ ଚିହ୍ନଟ କରିବା ସହଜ ନୁହେଁ। ହାଇକୋର୍ଟଙ୍କ ସ୍ଥଗିତା ଦେଶ ରହିଛି। ତେଣୁ ଅନୁମତି ନମିଳିବାରୁ ଏହା ଖୋଲିପାରୁ ନାହିଁ। ଅନ୍ୟପଟେ ମଦକୁ ନେଇ ଲୋକଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ନହେବା ପାଇଁ ପରିସ୍ଥିତି ଉପରେ ନଜର ରଖି ଆମେ ସର୍ବଦା ସତର୍କ ରହିଛୁ ବୋଲି ଶ୍ରୀ ଧଳସାମନ୍ତ କହିଛନ୍ତି।

# ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଭେଟିଲା ଆଠଗଡ଼ ମିଡିଆ ହାଉସ୍



**ଆଠଗଡ଼,୧୮।୯/ଏନ୍ଏନ୍ଏସ୍:** ଅଗ୍ରଣୀ ସାମ୍ବାଦିକ ସଂଘ ମିଡିଆ ହାଉସ୍ ନୂତନ ଉପଜିଲ୍ଲାପାଳ ଅନିମେଷ ପ୍ରଧାନଙ୍କୁ ଭେଟି ସ୍ୱାଗତ କରିବା ସହିତ ଆଠଗଡ଼ରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛି। ମିଡିଆ ହାଉସ୍‌ର ସଭାପତି ବରିଷ୍ଠ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା ଏବଂ ସମ୍ପାଦକ ଦିଲ୍ଲୀପ କୁମାର ଦାସଙ୍କ ନେତୃତ୍ୱରେ ହାଉସ୍‌ର ସମସ୍ତ ସଭ୍ୟ ଆଠଗଡ଼ର ଆରାଧ୍ୟ ଦେବତା ବାବା ଧବଳେଶ୍ୱରଙ୍କ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ଥିବା ଦୀର୍ଘ ଦିନର ଦାବି ସରକାରଙ୍କ ନାଲିଫିତା ତଳେ ଚାପିହୋଇ ରହିଥିବାରୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ କହିଥିଲେ। ଏହାସହ ସାମ୍ବାଦିକ ବିଜୟ କୁମାର ନାୟକ ଭୁବନେଶ୍ୱରରୁ ମୁଣ୍ଡଲୀ ଭାୟା ଆଠଗଡ଼ ଦେଇ ଯାଉଥିବା ସମସ୍ତ ଯାତ୍ରୀବାହୀ ବସ୍‌ଗୁଡ଼ିକ ବୀରକିଶୋରପୁର ଛକରେ ନରହି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଠଗଡ଼ ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରି ଯାତ୍ରୀଙ୍କୁ ନେବାକୁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ସେହିପରି ସମ୍ପାଦକ ଶ୍ରୀ ଦାସ ଆଠଗଡ଼ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଡାକ୍ତର ଅଭାବ ସାଙ୍ଗକୁ ବିଶେଷଭାବେ ଡାକ୍ତରଙ୍କ ଅନୁପସ୍ଥିତି ହେଉଥିବାରୁ ନରସିଂହପୁର, ବଡ଼ମ୍ବା, ତିଗିରିଆ ଓ ଆଠଗଡ଼ ବ୍ଲକ୍‌ର ହଜାର ହଜାର ରୋଗୀ ନାହିଁ ନଥିବା ହିନସ୍ତା ହେଉଥିବାରୁ ଏହାର ପ୍ରତିକାର କରିବାକୁ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଏହି ସମସ୍ତ ଦାବିଗୁଡ଼ିକ ଉପଜିଲ୍ଲାପାଳ ଶ୍ରୀ ପ୍ରଧାନ ଶୁଣିବା ସହିତ ଏଦିଗରେ ଉପସ୍ଥିତ ସାମ୍ବାଦିକ ଓ ଜନସାଧାରଣଙ୍କ ସହଯୋଗ ମିଳିଲେ ନିଶ୍ଚିନ୍ତ କାର୍ଯ୍ୟକାରୀ କରିବାକୁ ସେ ପ୍ରଥମେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମିଡିଆ ହାଉସ୍ ପକ୍ଷରୁ ଉପଜିଲ୍ଲାପାଳ ପ୍ରଧାନଙ୍କୁ ଉତ୍ତରୀୟ ଓ ଶ୍ରୀରାମଙ୍କ ଏକ ଫଟୋଚିତ୍ର ଅର୍ପଣ କରାଯାଇଥିଲା। ଏହି ସାକ୍ଷାତ ସମୟରେ ମିଡିଆ ହାଉସ୍‌ର ଉପସଭାପତି ସ୍ୱରାଜ ପଣ୍ଡା, ଶୈଳେନ୍ଦ୍ର ପଟ୍ଟନାୟକ, ମହେଶ୍ୱର ବେହେରା, ରଞ୍ଜିତ ରାଉତ, ପରମାନନ୍ଦ ମୁଦୁଲି ଓ ମାନସ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରୟାଲସ୍ ବ୍ରିକ୍ସରେ ବିଶ୍ୱକର୍ମା ପୂଜା

**ବୟାଳିଶମୌଜା,୧୮।୯/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜାସ୍ଥିତ ରୟାଲସ୍ ବ୍ରିକ୍ସ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଦାୟିତ୍ୱରେ ଥିବା ଆଇନଜୀବୀ କେଶବ ଚନ୍ଦ୍ର କରଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ତଥା ୪୨ମୌଜା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ।


**OFFICE OF THE EXECUTIVE ENGINEER**
**GROUND WATER DEVELOPMENT DIVISION-I**
**HP BUILDING, UNIT-8,**
**DELTA SQUARE, BHUBANESWAR-751012 (Phone No. 2561040(O)**
email : executiveengineerhpbbsr@gmail.com

32001/665/2627

**"e" Procurement Notice No. 1091 of 2026-27 Dt. 11.09.2026**
**Bid Identification No. GWD DIV-I BBSR-12/26-27**

Executive Engineer, GWD Division-I, Delta square, Unit-8, Bhubaneswar on behalf of Hon'ble Governor of Odisha invites on-line percentage rate tender through 'e' procurement in Single cover system for execution of the following work.


| | | | |
|---|---|---|---|
| 1. | Nature of the work | : | Civil work |
| 2. | Name of the work | : | Installation of 3 nos. of Rooftop Rainwater Harvesting structures at Baman High school, Bologarh, Khordha for FY 2026-27 |
| 3. | Approximate amount put to tender | : | Rs.7.77 lakhs (Excluding GST) |
| 4. | Period of completion | : | 1 (One) calendar Month |
| 5. | Class of contractor | : | "C" & "D" class contractor |
| 6. | Date & time of availability of bid document in the portal | : | Dt.21.09.2026 at 11.00 AM to 01.10.2026 up to 11.00 AM |
| 7. | Last date & time of receipt of bids in the portal | : | Dt.01.10.2026 up to 11.00 AM |
| 8. | Date, time & place of opening of technical / Financial bids | : | Dt.01.10.2026 at 11.30 AM in O/o the EE GWD Divn-I |
| 9. | Name & address of the officer inviting bid | : | Office of the Executive Engineer, Ground water development Division-I HP Administrative Building, Unit-8, Delta square, Bhubaneswar - 751012 |

Further details can be seen from the Govt. website www.tendersodisha.gov.in
Any addendum / corrigendum / cancellation of tender can also be seen in the said website.

Sd/- Executive Engineer
GWD Division-I, Bhubaneswar

OIPR-32001/32331/1/26-27/0007


# ନୟାଗଡ଼ ଜଙ୍ଗଲରେ କଳା ବାଘଙ୍କ ସଂଖ୍ୟା ବୃଦ୍ଧି



**ନୟାଗଡ଼,୧୮।୯/ଏନ୍ଏନ୍ଏସ୍:** ନୟାଗଡ଼ ବନଖଣ୍ଡ ତଥା ମହାନଦୀ ବନ୍ୟପ୍ରାଣୀ ଖଣ୍ଡ ସାତକୋଶିଆ ଅଭୟାରଣ୍ୟରେ ୬ରୁ ୭ଟି କଳା ବାଘ ରହିଥିଲା। ତେବେ ନୟାଗଡ଼ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାବେଳେ ଏବେ କଳା ବାଘ ସଂଖ୍ୟାରେ ବି ବୃଦ୍ଧି ଘଟିଛି। ଆଗରୁ ୧୦ରୁ ଊର୍ଦ୍ଧ୍ୱ କଳା ବାଘ ରହିଥିଲେ। ଏବେ ଏହାର ସଂଖ୍ୟା ବୃଦ୍ଧି ପାଇଥିବା ନେଇ ବନ ବିଭାଗ କ୍ୟାମେରାରେ କଏଦ ହେବା ପରେ ଏହା ଶୁଭ ସୂଚନା ମିଳିଛି। ନୟାଗଡ଼ ବନଖଣ୍ଡ ଓ ସାତକୋଶିଆ ଅଭୟାରଣ୍ୟରେ କଳା ବାଘ ସହିତ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ହାତୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ହାତୀଙ୍କ ସଂଖ୍ୟା ୩୩ ଥିବାବେଳେ ଏବେ ହାତୀଙ୍କ ସଂଖ୍ୟା ୪୮ରେ ପହଞ୍ଚିଥିବା ନେଇ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନା ନାୟକ ସୂଚନା ଦେଇଛନ୍ତି। ତେଣୁ ନୟାଗଡ଼ ଜଙ୍ଗଲରେ ହାତୀ ଓ ବାଘଙ୍କ ସଂଖ୍ୟା ସହିତ କଳା ବାଘ ବୃଦ୍ଧି ପାଉଥିବା ନେଇ ଡିଏଫ୍‌ଓ ଖୁସି ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ଜଙ୍ଗଲରେ ଏବେ କଳା ବାଘ ବୁଲୁଥିବାର ଏକ ରୋମାଞ୍ଚକର ଦୃଶ୍ୟ ଦେଖିବାକୁ ମିଳୁଛି। ଗୟଳ, ହରିଣ, ଠେକୁଆ, ସମ୍ବର ଓ ବାରହା ପ୍ରଭୃତି ବନ୍ୟଜନ୍ତୁ ଆଶାତୀତ ଭାବେ ବୃଦ୍ଧି ପାଉଥିବାବେଳେ ନୟାଗଡ଼ର ରକ୍ଷି, ବଳରାମ ପାହାଡ଼ ପାଦଦେଶରେ ବାରହା, କୋଟରା ବୁଲୁଥିବା ଏବଂ ସହର ମଧ୍ୟସ୍ଥଳକୁ ବାରହା ଖାଦ୍ୟ ଅନ୍ୱେଷଣରେ ପଶି ଆସୁଥିବା ଦୃଶ୍ୟମାନ ହେଉଛି। ପରିବେଶବିତ୍‌ମାନେ ଏହାର ସୁରକ୍ଷା ଉପରେ ଧ୍ୟାନ ଦେବାକୁ ଡିଏଫ୍‌ଓ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଚାରିଛକ,୧୮।୯/ଏନ୍ଏନ୍ଏସ୍:** ନିମାପଡ଼ା ତହସିଲ୍ ଅନ୍ତର୍ଗତ ନିମାପଡ଼ା, ଚାରିଛକ ଓ ଆଖପାଖ ଅଞ୍ଚଳରେ ବୁଲା ଷଣ୍ଢ, ଅଣ୍ଡିରା ବାଛୁରୀ ଦାଉରୁ ଫସଲ ରକ୍ଷା ଏବଂ ସଡ଼କ ସୁରକ୍ଷା ଦାବି କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମାପଡ଼ା ତହସିଲଦାର୍ ମନୋଜ ପ୍ରଧାନ ଓ ବିଡିଓ ଡ଼. ଅଭିଜିତ ଷଡ଼ଙ୍ଗୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ବର୍ଷ ସେପ୍ଟେମ୍ବର ୧୫ ତାରିଖରେ ନିମାପଡ଼ା ତହସିଲ୍ ଅନ୍ତର୍ଗତ ଆମ୍ଭୋର ଛକ ନିକଟରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଶାସନକୁ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ସେତେବେଳେ ତହସିଲଦାର୍ ବୁଲା ବାଛୁରୀଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସମ୍ପୂର୍ଣ୍ଣ ଗୋଟିଏ ବର୍ଷ ବିତିଯାଇଥିଲେ ବି ସ୍ଥାନୀୟ ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ନେଲେନାହିଁ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ବର୍ତ୍ତମାନ ନିମାପଡ଼ା ଓ ଚାରିଛକ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ବୁଲା ଅଣ୍ଡିରା ବାଛୁରୀ ଓ ଷଣ୍ଢ ଧାନ ଏବଂ ପନିପରିବା ଫସଲ ନଷ୍ଟ କରୁଛନ୍ତି। ଚାଷୀମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି କ୍ଷେତରେ ପରିଶ୍ରମ କରୁଥିବାବେଳେ ବୁଲା ଷଣ୍ଢ ଓ ବାଛୁରୀ ସବୁ ନଷ୍ଟ କରିଦେଉଥିବାରୁ ଚାଷୀମାନେ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ସରକାର ଓ ଜିଲ୍ଲା ପ୍ରଶାସନ ଆସନ୍ତା ୧୦ ଦିନ ମଧ୍ୟରେ ଏହି ଅଣ୍ଡିରା ବାଛୁରୀଗୁଡ଼ିକୁ ସୁରକ୍ଷିତ ଜଙ୍ଗଲ ଅଞ୍ଚଳ କିମ୍ବା ଗୋଶାଳାକୁ ସ୍ଥାନାନ୍ତରିତ ନକଲେ ଚାଷୀମାନେ ବାଧ୍ୟହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କୃଷକ ମୋର୍ଚ୍ଚା ପକ୍ଷରୁ କୃଷ୍ଣ ଚନ୍ଦ୍ର ରାଉତ, ଭରତ ପ୍ରଧାନ ଓ ବିନୟ ପ୍ରଧାନ ପ୍ରମୁଖ ଜଣାଇଛନ୍ତି।


25001/1159/2627

**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
e-mail : eerwngp@rediffmail.com

Letter No. 5095 Date : 05.09.2026

**e-Procurement Notice**

| | | |
|---|---|---|
| Name of the work | : | Building Works |
| Total No of works | : | 22 (Twenty Two) Nos. |
| Approx. Estimated cost | : | Rs.2.54 lakhs to Rs.8.47 lakhs |
| Class of contractor | : | "C" & "D" Class Contractor |
| Period of completion | : | 1 (One) calendar month |

| Procurement Officer | Bid Identification No. | No. of Works | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|---|
| | | | From | To | Technical Bid | Financial Bid |
| 1 | 2 | 5 | 3 | 4 | 6 | |
| Rural Works Division-I, Nabarangpur | EERWNGP-Online-06/2026-27 | 22 (Twenty Two) No's. | 19.09.2026 at 10.00 AM | 29.09.2026 up to 05.00 PM | 30.09.2026 at 11.00 AM | |

For details can be seen from the Government website www.tendersorissa.gov.in

Sd/- Executive Engineer
Rural Works Division-I, Nabarangpur

OIPR-25001/25092/1/26-27/0006


# ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ଅଷ୍ଟପ୍ରହରୀ

**ନୟାହାଟ,୧୮।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟସ୍ଥିତ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରେ ବିଶ୍ୱର ମଙ୍ଗଳ ନିମନ୍ତେ ମହାବିପତ୍ତି ନାଶନ ମହାମନ୍ତ୍ର 'ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ' ନାମରେ ଅଷ୍ଟମପ୍ରହରୀ ଅନୁଷ୍ଠିତ ହୋଇଛି। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରର ଭକ୍ତ ଆନନ୍ଦ ବହିଦାର ଓ ଅନୁପମା ବହିଦାରଙ୍କ ମାନସିକ ପୂରଣ ପରେ ଗୁରୁଦେବଙ୍କ ପ୍ରେରଣା ପାଇଁ ପୀଠକୁ ଛୁଟି ଆସିଥିଲେ। ଏହି ଅବସରରେ ଗତକାଲି ଅଧିବାସ ପର୍ବ ଓ ଶ୍ରୀ ଗୁରୁଦେବଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ କୀର୍ତ୍ତନ ଭାଇମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ପୂର୍ଣ୍ଣ ନନ୍ଦ ଦାସ, ବାବାଜୀ ଶିବାନନ୍ଦ, ରବିନ୍ଦ୍ର ଦାସ ଓ ଗୁରୁ କୃଷ୍ଣ ଭାଇ ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଘୋଷଣା ପ୍ରସଙ୍ଗ: ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କଟକ,୧୮।୯/ଏନ୍ଏନ୍ଏସ୍:** ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଘୋଷଣା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଆବେଦନକୁ ଗ୍ରହଣ କରି ମାମଲା ରୁଜୁ କରିବା ପରେ ଆଗାମୀ ଅକ୍ଟୋବର ୮କୁ ପ୍ରାରମ୍ଭିକ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ସଙ୍ଗୀତ ଗୁରୁ ତୀର୍ଥାନନ୍ଦ ମହାନ୍ତିଙ୍କ ସମେତ ୧୧ ଜଣ ଆବେଦନକାରୀ ରହିଛନ୍ତି। ଏହି ପ୍ରସଙ୍ଗକୁ ବିଚାର କରି ହାଇକୋର୍ଟ ଆବଶ୍ୟକ ଆଦେଶ ପ୍ରଦାନ କରିବା ନିମନ୍ତେ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

# କେନାଲ୍‌କୁ ଓଲଟିଲା ସ୍କୁଲ୍ ଭ୍ୟାନ୍

**ସାଲେପୁର,୧୮।୯/ଏନ୍ଏନ୍ଏସ୍:** ସାଲେପୁର ଥାନା ଅନ୍ତର୍ଗତ କୋଲଣପୁରରେ ଭାରସାମ୍ୟ ହରାଇ କେନାଲ୍‌କୁ ସ୍କୁଲ୍ ଭ୍ୟାନ୍ ଓଲଟିଲା। ସାଲେପୁର ଶିଶୁ ବିଦ୍ୟାମନ୍ଦିରର ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଭ୍ୟାନ୍‌ଟି କୋଲଣପୁର ଯାଉଥିବାବେଳେ ହଠାତ୍ ଭାରସାମ୍ୟ ହରାଇ କେନାଲ୍‌କୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଦୌଡ଼ାଦୌଡ଼ି ହୋଇ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ପରେ ସମସ୍ତଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି। ଏହି ଦୁର୍ଘଟଣାରେ ୭ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ କିଛି ଛାତ୍ରଛାତ୍ରୀଙ୍କ ହାତ ଭାଙ୍ଗିଥିବା ସୂଚନା ରହିଛି। ପରେ ପରିବାର ଲୋକେ ଆଉ କିଛି ଛାତ୍ରଛାତ୍ରୀଙ୍କୁ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସା କରାଉଥିବା ଜଣାପଡ଼ିଛି। ଉକ୍ତ ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭ୍ୟାନ୍‌ଟି ବିପଦଜନକ ଭାବେ ଆବଶ୍ୟକତାଠାରୁ ଅଧିକ ଛାତ୍ରଛାତ୍ରୀ ନେଇ ଯାଉଥିବାରୁ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି। ସାଲେପୁର ଅଞ୍ଚଳରେ ଅନେକ ବେସରକାରୀ ଶିକ୍ଷାନୁଷ୍ଠାନ ବିପଦଜନକ ଭାବେ ଛାତ୍ରଛାତ୍ରୀଙ୍କୁ ଗାଡ଼ିରେ ନେବା ଆଣିବା କରାଉଥିବା ଦେଖିବାକୁ ମିଳୁଛି। ସ୍କୁଲ୍ ଗାଡ଼ି ପାଇଁ ରହିଥିବା ସରକାରଙ୍କ ନିୟମ ପାଳନ ହେଉନଥିବା ଦେଖାଯାଇଛି। ଏଭଳି ଅଘଟଣ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତତ୍ପରତା ଦେଖାଯାଉଥିଲେ ସୁଦ୍ଧା ପର ମୁହୂର୍ତ୍ତରେ ପୂର୍ବ ଭଳି ବିପଦପୂର୍ଣ୍ଣ ଅବସ୍ଥାରେ ବହୁ ସ୍କୁଲ୍ ଗାଡ଼ି ଯିବାର ନଜିର ରହିଛି। ଏହି ଦୁର୍ଘଟଣା ପରେ ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କୁ ନେବାଆଣିବା କରୁଥିବା ଗାଡ଼ିଗୁଡ଼ିକ ପ୍ରତି ଧ୍ୟାନ ଦେବାକୁ ଅଭିଭାବକମାନେ ସରକାରଙ୍କ ପରିବହନ ବିଭାଗ ଓ ପ୍ରଶାସନ ପାଖରେ ଦାବି କରିଛନ୍ତି।


**GOVERNMENT OF ODISHA** 19001/253/2627
**OFFICE OF THE PANCHAYAT SAMITI, TANGARPALI SUNDARAGADA**
E-mail ID:ori-tangarpali@gramsat.nic.in
**"e"-Procurement Notice**
ଓଡ଼ିଶା ସରକାର **Bid Identification No-01/ 2026-27 of Panchayat Samiti Tangarpali.**
Letter No. 3657 Dt.09.09.2026

| | | | |
|---|---|---|---|
| 1. | The Block Development Officer, Tangarpali on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Building Works** as detailed in DTCN. | | |
| 2. | Nature of Work | :- | Building Works (including EI & PH) |
| 3. | No. of work. | :- | 01 (One) No |
| 4. | Tender Cost | :- | Rs.10,000/- |
| 5. | Class of Contractor | :- | 'B' |
| 6. | Availability of bid document in the website | :- | From 10:00A.M.Date-:18.09.2026 to 05:00 P.M Date-30.09.2026 |
| 7. | Date of opening of Bid | :- | 11:00A.M. on Dt.01.10.2026 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender can also be seen in the said website only. | | |

Sd/- Block Development Officer,
Tengarpali

OIPR-19001/19342/1/26-27/0001


# କାର୍ ଦୁର୍ଘଟଣାରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ଗୁରୁତର

**କୋଣାର୍କ,୧୮।୯/ଏନ୍ଏନ୍ଏସ୍:** କୋଣାର୍କ-ଗୋପ ମୁଖ୍ୟରାସ୍ତା ବନାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷାଙ୍କ ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ବ୍ୟକ୍ତିଗତ କାର୍ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଛି। ଫଳରେ ଅଧ୍ୟକ୍ଷାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ସେ ଗୁରୁତର ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନରେ କୋଣାର୍କ ଅଧ୍ୟକ୍ଷା ବନାଖଣ୍ଡିସ୍ଥିତ ପେଟ୍ରୋଲ୍ ଟାଙ୍କିରେ ନିଜ କାର୍‌ରେ ତେଲ ପକାଇ ଏନ୍ଏସି କାର୍ଯ୍ୟାଳୟକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବନାଖଣ୍ଡି ପଞ୍ଚାୟତ ସମ୍ମୁଖ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ଏହି ଦୁର୍ଘଟଣାରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏହି ଦୁର୍ଘଟଣା ଗାଡ଼ିଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକ ସାମାନ୍ୟ ଭାବେ ଆହତ ହୋଇଛନ୍ତି। ଚାଳକର ଅସାବଧାନତା ଯୋଗୁ ଏହି ଦୁର୍ଘଟଣା ଘଟିଛି ବୋଲି ସୂଚନା ମିଳିଛି। ଖବରପାଇ କୋଣାର୍କ ଏନ୍ଏସି କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ଅଧ୍ୟକ୍ଷାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ସେଠାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟଙ୍କ ସମେତ ସମସ୍ତ କାଉନସିଲର୍ ଓ କର୍ମଚାରୀମାନେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ୬ ନମ୍ବର ହସ୍ପିଟାଲ୍‌କୁ ଆମ୍ବୁଲାନ୍ସରେ ସ୍ଥାନାନ୍ତରିତ କରିଥିଲେ।


**ZILLA SWASTHYA SAMITI, DHENKANAL**

**REQUEST FOR PROPOSAL (RFP) FOR OPERATION AND MANAGEMENT OF HAND HELD (HH) X-RAYS FOR SCREENING OF TB UNDER NATIONAL TB ELIMINATION PROGRAMME (NTEP), DHENKANAL**

Sealed proposals are invited from eligible bidders for selection of agencies for operation and management of hand held (HH) X-rays for screening of TB under National TB Elimination Programme (NTEP) in Dhenkanal district. Interested bidder may submit offers in detail as per prescribed format. Details regarding application format, terms and conditions may be downloaded from **https://dhenkanal.odisha.gov.in.** The bid in the prescribed format along with all relevant documents should reach to the office of the undersigned on or before 29.09.2026 within 05 P.M through Regd. Post / Speed Post / Courier only. The tender will open at 03.30 P.M on 30.09.2026. The undersigned reserves the right to reject any or all the tenders without assigning any reason thereof.

Sd/-
CDM & PHO-cum-District Mission Director
District Health Mission, Dhenkanal

OIPR-10001/10059/1/26-27/0012 10001/554/2627



**AFFIDAVIT**

By virtue of an affidavit sworn before the Executive Magistrate, Berhampur, on 014.09.2026, I, Hina Gouda, S/o Late Raghu Gouda, resident of At-Kataka Nagar, Lathi, P.O.-Lathi, P.S.-B. Sadar, Dist.-Ganjam, Odisha, Pin-760002, do hereby solemnly affirm and declare that I have changed the name of my minor daughter from Selina Gouda to Sanaya Gouda. Henceforth, my daughter shall be known as Sanaya Gouda for all purposes and in all records, documents and transactions. I further declare that the above statement is true and correct to the best of my knowledge and belief.

Deponent
Hina Gouda

**AFFIDAVIT**

By virtue of an Executive Magistrate affidavit on dt. 13.08.2026 I, Parshuram Majhi, S/o- Sharat Majhi, Vill - Baigadia, Po- Sarasada, Ps- Bhandaripokhari, Dist - Bhadrak declare that I have changed my daughter's name from Rojalin Majhi to Supriya Majhi. Henceforth my daughter shall be known as **Supriya Majhi** for all purposes.


# ବେଳାଭୂମି ସଫେଇ ଅଭିଯାନ




**ପୁରୀ,୧୮।୯/ଏନ୍ଏନ୍ଏସ୍:** ସମୁଦ୍ର ଏକ ପବିତ୍ର ସ୍ଥଳ। ସମୁଦ୍ର, ସମୁଦ୍ର କୂଳ ସେହିପରି ସୌନ୍ଦର୍ଯ୍ୟ ଓ ଆକର୍ଷଣର କେନ୍ଦ୍ର ହୋଇଥାଏ। ହଜାର ହଜାର ପର୍ଯ୍ୟଟକ ସେଥିପାଇଁ ଦୈନିକ ସମୁଦ୍ର କୂଳରେ ପହଞ୍ଚିଥାନ୍ତି। ସମୁଦ୍ରଙ୍କୁ ମଧ୍ୟ ମହାପ୍ରଭୁଙ୍କ ଶ୍ୱଶୁରଙ୍କ ଘର ବୋଲି କୁହାଯାଏ। ଏହି ପବିତ୍ରତା ପାଇଁ ସମୁଦ୍ର ଆଳତୀ ମଧ୍ୟ ଅନୁଷ୍ଠିତ ହୋଇଥାଏ। ତେଣୁ ଏହାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସୂଚନା ଓ ଲୋକସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆହ୍ୱାନ ଦେଇଛନ୍ତି। ପୁରୀ ଷ୍ଟର୍ଲିଂ ନିକଟ ସମୁଦ୍ର କୂଳରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ଅଭିଯାନର ଅଂଶବିଶେଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ତାଜ ହୋଟେଲ୍‌ର କର୍ମଚାରୀମାନେ ଯୋଗ ଦେଇଥିଲେ। ଷ୍ଟର୍ଲିଂ ଛକରୁ ତାଜ ହୋଟେଲ୍ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


Chola Enter a better life
**CHOLAMANDALAM INVESTMENT AND FINANCE COMPANY LIMITED**
**Corporate Office :** Chola Crest, C54 & 55, Super B-4, Thiru Vi Ka Industrial Estate, Guindy, Chennai - 600032, T.N.

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି (କେବଳ ଇ-ବିଡିଂ ମାଧ୍ୟମରେ ବିକ୍ରୟ)**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬) ଏବଂ ୯(୧) ଅଧୀନରେ ଜାରି କରାଯାଇଥିବା ସ୍ଥାବର ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ବିଜ୍ଞପ୍ତି।

[illegible] https://www.cholamandalam.com ଏବଂ www.auctionfocus.inରେ ଦିଆଯାଇଥିବା ଲିଙ୍କ୍ ଦେଖନ୍ତୁ।

| | [A] | [B] | [C] | [D] | [E & F] | [G] |
|---|---|---|---|---|---|---|
| କ୍ର. ନଂ | ଋଣ ଆକାଉଣ୍ଟ ନଂ / ଋଣଗ୍ରହୀତା / ବନ୍ଧକଦାତା / ଜାମିନଦାରଙ୍କ ନାମ ଓ ଠିକଣା | [illegible] | ସ୍ଥାବର ସମ୍ପତ୍ତି (ସୁରକ୍ଷିତ)ର ବିବରଣୀ | ଅଧିଗ୍ରହଣ ପ୍ରକାର | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) / ଇଏମ୍‌ଡି (ଟଙ୍କାରେ) | ନିଲାମ ତାରିଖ ଓ ସମୟ |
| ୧. | ଋଣ ଆକାଉଣ୍ଟ ନଂ: LAP3ANG000104017 [illegible] | ୨୨,୪୦,୫୬୧/- [illegible] ୧୪-୧୦-୨୦୨୫ ସୁଦ୍ଧା | [illegible] | [illegible] | ୪୯,୦୬,୮୦୦/- [illegible] / ୪,୯୦,୬୮୦/- [illegible] | ୨୩-୧୦-୨୦୨୬ [illegible] |
| | [illegible] | | | | [illegible]: ୧୦,୦୦୦/- | |
| | [illegible]: ୨୨.୧୦.୨୦୨୬ [illegible] | | | | | |

[illegible] puravmishra@chola.murugappa.com, [illegible] sashikumarj@chola.murugappa.com [illegible]

ତାରିଖ: ୧୮.୦୯.୨୦୨୬
ସ୍ଥାନ: ଅନୁଗୁଳ, ଓଡ଼ିଶା

ସ୍ୱାକ୍ଷର/-
ଅଧିକୃତ ଅଧିକାରୀ
ଚୋଲାମଣ୍ଡଳମ୍ ଇନ୍‌ଭେଷ୍ଟମେଣ୍ଟ ଏବଂ ଫାଇନାନ୍ସ କମ୍ପାନୀ ଲିମିଟେଡ୍

## ପ୍ରଥମ ପୃଷ୍ଠାରୁ

## ନରାଜରେ ହେବ ...

ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଏବଂ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସହଜ ହୋଇଛୁ । 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ସହ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଗନ୍ତବ୍ୟ ଭାବେ ଉପରେ କେନ୍ଦ୍ରୀଭୂତ ରହିଛି । ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବାକୁ ଚାହୁଁଛୁ, ଯେଉଁଠାରେ ବିଶ୍ୱସ୍ତରୀୟ ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ ଉଦ୍ଭାବନ, ନବସୃଜନ ଏବଂ ବିକାଶ କରିପାରିବେ । ଓଡ଼ିଶା ପାଭିଲିୟନରେ ପ୍ରଦର୍ଶିତ ହୋଇଥିବା 'ସାଣ୍ଡ ଟୁ ସିଲିକନ୍' (ବାଲିରୁ ସିଲିକନ୍) ପ୍ରଦର୍ଶନୀ ରାଜ୍ୟର ଏହି ନୂତନ ଯାତ୍ରାକୁ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରୁଛି । ଏହି ପ୍ରଦର୍ଶନୀ ରାଜ୍ୟର ପରିଚୟକୁ ସିଲିକନ୍ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା ଭଳି ସେକ୍ଟରରେ ଏହାର ବର୍ଦ୍ଧିତ ମହତ୍ତ୍ୱାକାଂକ୍ଷା ସହିତ ସଂଯୋଗ କରି ରାଜ୍ୟର ସେମିକଣ୍ଡକ୍ଟର ଯାତ୍ରାକୁ ଏକ ସ୍ୱତନ୍ତ୍ର ଓଡ଼ିଆ ଅଭିବ୍ୟକ୍ତି ପ୍ରଦାନ କରୁଛି । ଏହା ଓଡ଼ିଶାର 'ମାଇନ୍ ଇକୋନୋମି' (ଖଣି ଅର୍ଥନୀତି)ରୁ 'ମାଇଣ୍ଡ ଇକୋନୋମି' (ଜ୍ଞାନ ଅର୍ଥନୀତି) ଆଡ଼କୁ ଅଗ୍ରସର ହେବାର ବୃହତ୍ତର ଦୂରଦୃଷ୍ଟି ସହିତ ମଧ୍ୟ ଓତପ୍ରୋତ ଭାବେ ଜଡ଼ିତ । କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବ୍ୟତୀତ, ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି । ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି । ଏହି ସଂଶୋଧନ ଜରିଆରେ, ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ଆଇଏସ୍‌ଏମ୍-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫% ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ପ୍ରୋତ୍ସାହିତ ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଅନ୍ତର୍ଜାତୀୟ ପେଟେଣ୍ଟ ଏବଂ ଗବେଷଣା ତଥା ବିକାଶ ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ମତ ପ୍ରକାଶ କରି କହିଛନ୍ତି ଯେ, ଓଡ଼ିଶା ଏହାର ନୀତିଗତ ଢାଞ୍ଚାକୁ ଆଇଏସ୍‌ଏମ୍ ୨.୦ ସହିତ ସମନ୍ୱୟ କରିବାରେ ଜଣେ ଅଗ୍ରଣୀ ରାଜ୍ୟ ହୋଇଥିବାବେଳେ ଉପକରଣ, ସାମଗ୍ରୀ, ଗ୍ୟାସ୍ ଏବଂ ଯୋଗାଣ ଶୃଙ୍ଖଳା ଭଳି କ୍ଷେତ୍ରଗୁଡ଼ିକରୁ ମଧ୍ୟ ବ୍ୟାପକ ସହାୟତା ଯୋଗାଉଛି । ଏହା ସହିତ, ଆମେ ବିଶେଷଜ୍ଞ ପ୍ରତିଭା (ଟ୍ୟାଲେଣ୍ଟ) ନିର୍ମାଣ ଏବଂ କମ୍ପାନୀଗୁଡ଼ିକୁ ରାଜ୍ୟରେ ସେମାନଙ୍କ କାର୍ଯ୍ୟ ଆରମ୍ଭ କରିବା ଓ ସେଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ଆବଶ୍ୟକ ସମସ୍ତ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାରେ ନିବେଶ କରୁଛୁ । 'ସେମିକନ୍ ଇଣ୍ଡିଆ ୨୦୨୬' ରେ ଓଡ଼ିଶା ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ନିଜକୁ ପ୍ରତିଷ୍ଠା କରୁଛି, ଯାହା ଏକ 'ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି ।

## ପେଟରେ ପଶିଗଲା ...

ଡାଳଟି ବିଚିତ୍ରଙ୍କ ଶରୀରରେ ପଶି ରହିଥିବାରୁ ସେ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରୁଥିଲେ । ଚିତ୍କାର ଶୁଣି ତାଙ୍କ ପାଖରେ କିଛି ଲୋକ ପହଞ୍ଚି ତାଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ । କିନ୍ତୁ ତାଙ୍କ ଦେହରେ ଡାଳଟି ଅଟକି ରହିଥିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି ।

## ୧୪ ଆଇଏଏସ୍‌ଙ୍କୁ ...

ବନ୍ଦୋବସ୍ତ ଓ ଏକତ୍ରୀକରଣ ବିଭାଗର ଅତିରିକ୍ତ କମିଶନର ମଧୁସ୍ମିତା ନାୟକ ବର୍ତ୍ତମାନର ପଦବୀରେ ନିୟୋଜିତ ରହିବେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ସେହି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି । ଶ୍ରମ ଓ ରାଜ୍ୟ ବୀମା (ଇଏସଆଇ) ବିଭାଗର ସ୍ୱତନ୍ତ୍ର ସଚିବ ମଧୁସ୍ମିତା ନାୟକଙ୍କୁ ଶ୍ରମ ଓ ରାଜ୍ୟ ବୀମା ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯିବା ସହ ସେ ଭୁବନେଶ୍ୱର ଇଏସ୍‌ଆଇ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ ବବିତା ମହାନ୍ତିଙ୍କୁ ସେହି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ସେହି ବିଭାଗର ଯୁଗ୍ମ ସଚିବ, ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଜ୍ୟୋତି ରଞ୍ଜନମିଶ୍ରଙ୍କୁ ଶିଳ୍ପ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଇଡକୋର ମୁଖ୍ୟ ମହାପ୍ରବନ୍ଧକ ସୁରେନ୍ଦ୍ର କୁମାର ପଣ୍ଡା ନିଜ ପଦବୀରେ ବଜାୟ ରହିବେ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ସଚିବ ଶୁଭ୍ରା ମହାନ୍ତିଙ୍କୁ ସେହି ବିଭାଗର ଯୁଗ୍ମ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସଂଘମିତ୍ରା ଶତପଥୀଙ୍କୁ ସେହି ବିଭାଗର ଯୁଗ୍ମ ସଚିବ ଏବଂ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ହିମାଂଶୁ ଶେଖର ବେହେରାଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି ।

## ବଦଳିଲା ୱାର୍ଡ ...

ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ପାଇଁ ମଧ ସଂଶୋଧିତ ସମୟସୀମା ଧାର୍ଯ୍ୟ କରାଯାଇଛି । ୨୪ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡ଼ିକ ପକ୍ଷରୁ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ସୂଚନା ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ, ୱାର୍ଡ ସୀମା ଦର୍ଶାଉଥିବା ସ୍କେଚ୍ ମାନଚିତ୍ର ଏବଂ ମହାନଗର ନିଗମର ସଂକଳ୍ପ ସହିତ ଗୃହ ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରାଯିବ । ମହାନଗର ନିଗମଗୁଡ଼ିକ କ୍ଷେତ୍ରରେ ୫ ଅକ୍ଟୋବର ୨୦୨୬ରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କରେ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯିବ । ଏ ସମ୍ବନ୍ଧରେ ଆପତ୍ତି ଓ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ୧୪ ଅକ୍ଟୋବର ୨୦୨୬ ରହିଛି । ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ମହାନଗର ନିଗମର ମହାନଗର ନିଗମ କମିଶନରମାନଙ୍କୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ଆବଶ୍ୟକ ସୂଚନା ଓ ଦଲିଲ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ସମ୍ପୃକ୍ତ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ଡରାଇଲାଣି ବାତ୍ୟା ...

ବିଶ୍ୱାସ କରିବା ସହ ସୁରକ୍ଷିତ ରହିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଲଗାଣ ବର୍ଷା, ଝଡ଼ତୋଫାନ କିମ୍ବା ଭୀଷଣ ବର୍ଷା ; କୌଣସି ବି ପରିସ୍ଥିତିର ମୁକାବିଲା ନିମନ୍ତେ ରାଜ୍ୟସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଥାଉ କି, ବିଗତ ଦୁଇ ମାସ ମଧ୍ୟରେ ପ୍ରାୟ ୧୧ଟି ଡିପ୍ ଡିପ୍ରେସନ ଏବଂ ୪ଟି ଲଘୁଚାପ ସୃଷ୍ଟି ହୋଇଥିଲା ଫଳରେ ଲଗାଣ ବର୍ଷା ପରିସ୍ଥିତି ସୃଷ୍ଟି ହୋଇଥିଲା । ସେହିପରି ଚଳିତ ବର୍ଷ ବନ୍ୟାରେ ବିଭିନ୍ନ କ୍ଷୟକ୍ଷତିର ଆକଳନ ସମାପ୍ତ ହୋଇ କ୍ଷତିପୂରଣ ବଣ୍ଟନ କାର୍ଯ୍ୟ ଇତିମଧ୍ୟରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରାୟ ୨୨୬ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା ବେଳେ କ୍ଷତିଗ୍ରସ୍ତ ଘର, ଫସଲ ହାନି, ପନିପରିବା ନଷ୍ଟ, ପୋଷାକପତ୍ର, ବାସନକୁସନ ସେଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଖୁବ୍ ଶୀଘ୍ର ସମସ୍ତ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ଶେଷ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି । ସେହିପରି ବାଲିଚର ମାଡି ଯାଇଥିବା ଚାଷଜମିର ପୁନରୁଦ୍ଧାର ନିମନ୍ତେ ବ୍ୟବସ୍ଥା କରାଯାଉଛି । ସହରାଞ୍ଚଳରେ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ସର୍ଭେ ଏବଂ ପରିଚାଳନା ସଂକ୍ରାନ୍ତରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆଇଆଇଟି ରୁର୍କୀ ସହ ସମନ୍ୱିତ ହୋଇ କାର୍ଯ୍ୟ କରିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଛି । ବୈଠକରେ ସ୍ପେଶାଲ୍ ରିଲିଫ୍ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଓସ୍କାର ପାଇଁ ...

ଅଧ୍ୟକ୍ଷ ପି. ଶେଷାଦ୍ରି ପ୍ରକାଶ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶେଷାଦ୍ରି କହିଛନ୍ତି, 'ଏହି ବର୍ଷ ପ୍ରତିଯୋଗିତାରେ ୪ଟି ମରାଠୀ, ୧୪ଟି ହିନ୍ଦୀ ଏବଂ ଅନ୍ୟାନ୍ୟ ଭାଷାର ସିନେମା ସାମିଲ ଥିଲା । ସବୁ ଚଳଚ୍ଚିତ୍ର ଉଚ୍ଚକୋଟୀର ଥିଲା । ଭାରତୀୟ ସିନେମା ତଥା ମରାଠୀ ସିନେମା ଜଗତ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ । ଏଥର 'ଗୋନ୍ଧଲ'କୁ ଆଧିକାରିକ ମନୋନୟନ ଭାବେ ବଛାଯାଇଛି ।' ସେ ଆହୁରି ମଧ କହିଛନ୍ତି, 'ଗତ ୧୦ ଦିନ ମଧ୍ୟରେ ଆମେ ବିଭିନ୍ନ ଭାଷାର ୩୩ଟି ଚଳଚ୍ଚିତ୍ର ଦେଖିଛୁ । ଅନେକ ଭଲ ସିନେମାକୁ ନେଇ ଆଲୋଚନା ହୋଇଥିଲା । 'ଗୋନ୍ଧଲ' ବ୍ୟତୀତ 'ଅଙ୍ଗ' ଏବଂ 'ଇକ୍କିସ୍' ଶ୍ରେଷ୍ଠ ୩ଟି ଚଳଚ୍ଚିତ୍ର ତାଲିକାରେ ଥିଲେ ।'

## ହାତୀ ଦାନ୍ତ ସହ ...

ମଧ୍ୟରୁ ହାତୀର ଚର୍ବଣ ଦାନ୍ତ(ପ୍ରାୟ ୩ କିଗ୍ରା ୧୮ ଗ୍ରାମ) ଜବତ କରାଯାଇଥିଲା । ଏନେଇ ତାଙ୍କୁ ପୁଲିସ ଗିରଫ କରିବା ସହ ହାତୀ ଦାନ୍ତ ଓ ବାଇକକୁ ଜବତ କରି ସ୍ଥାନୀୟ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରଛି । ଉପରୋକ୍ତ ଘଟଣା ସମ୍ପର୍କରେ ଜଙ୍ଗଲ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।

### ଷଷ୍ଠ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକ

# ସଭାମଞ୍ଚ ତଳେ ଧାରଣାରେ ବିଧାୟକ

**କେନ୍ଦ୍ରାପଡ଼ା,୧୮।୯/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଷଷ୍ଠ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିବା ବେଳେ ବିଜେଡି ବିଧାୟକମାନେ ହୋହଲ୍ଲା କରିଥିଲେ । ରାଜନଗରର ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଚାଲିଥିବା ସଭାମଞ୍ଚ ତଳେ ଧାରଣା ଦେଇଥିଲେ । ସେ ଅଭିଯୋଗ କରିଥିଲେ ଯେ ସରକାରୀ ଅଧିକାରୀମାନେ ପ୍ରୋଟୋକଲ(ବିଧି ବ୍ୟବସ୍ଥା)

**ପ୍ରୋଟକଲ୍ ଉଲ୍ଲଙ୍ଘନ କରୁଛନ୍ତି ସରକାରୀ ଅଧିକାରୀ**

କ'ଣ ତାହା ଜାଣି ପାରୁ ନାହାଁନ୍ତି । ତାଙ୍କ ନିର୍ବାଚନ ମଣ୍ଡଳୀରେ ବିଧାୟକ ପାଣ୍ଠିରେ ନିର୍ମିତ ଏକ ରାସ୍ତା କାର୍ଯ୍ୟର ଉଦ୍‌ଘାଟନ ପାଇଁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ କୁହାଗଲା ଉଦ୍‌ଘାଟନକୁ ଘୁଞ୍ଚାଇ ଦିଆଯାଇଛି । ତାଙ୍କୁ ଉଦ୍‌ଘାଟନରେ ସାମିଲ ନ କରିବା ପାଇଁ ସରକାରୀ ଅଧିକାରୀମାନେ ଯୋଜନା କରିଥିଲେ । ସେହିପରି ବିନା କୌଣସି ଚିଠିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଜେପି କର୍ମୀମାନେ ସଭା ମଞ୍ଚରେ ବସୁଛନ୍ତି । ସାଂସଦଙ୍କ ପ୍ରତିନିଧି ବୋଲି ନିଜକୁ ପରିଚୟ ମଧ ଦେଉଛନ୍ତି । ତେଣୁ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଜିଲ୍ଲାରେ କେତେ ଜଣ ପ୍ରତିନିଧି ରହିଛନ୍ତି ତାହା ସେ ସ୍ପଷ୍ଟ କରନ୍ତୁ । ଏହାସହ ଯେଉଁ ବ୍ୟକ୍ତିଙ୍କୁ ଯେଉଁଦିନ ସାଂସଦଙ୍କ ପ୍ରତିନିଧି ଭାବେ କୌଣସି ବୈଠକକୁ ପଠାଯାଉଛି ସେ ନେଇ ସାଂସଦ ନିଜେ ଚିଠି କରନ୍ତୁ । ବିନା କୌଣସି ଚିଠିରେ ଯିଏ ପାରିଲା ସିଏ ସାଂସଦଙ୍କ ପ୍ରତିନିଧି କହି ବୈଠକରେ ବସୁଛନ୍ତି । ଏହାଦ୍ୱାରା ବୈଠକର ମର୍ଯ୍ୟାଦା ହାନି ହେଉଛି । ଏହିଭଳି ଭାବେ ପ୍ରୋଟୋକଲର ଉଲ୍ଲଙ୍ଘନ କରାଯାଉଛି ।



ଜିଲ୍ଲାପାଳ ରଘୁରାମ ଆର. ଆୟର ଏ ନେଇ ଦୁଃଖ ପ୍ରକାଶ କରିବା ସହ ଏହିଭଳି ଘଟଣାର ପୁନରାବୃତ୍ତି ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେବାପରେ ଓ କେନ୍ଦ୍ରାପଡା ବିଧାୟକ ଏବଂ ଜିଲ୍ଲା ପରିଷଦ ସଭାପତିଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ,ସଭ୍ୟା ଓ ବ୍ଲକ ଅଧ୍ୟକ୍ଷ,ଅଧ୍ୟକ୍ଷାମାନେ ଅନୁରୋଧ କରିବା ପରେ ବିଧାୟକ ଶ୍ରୀ ସାହୁ ଧାରଣାରୁ ଉଠି ନିଜ ସିଟରେ ଯାଇ ବସିଥିଲେ । ବିଧାୟକ ଶ୍ରୀ ସାହୁ ଆହୁରି କହିଥିଲେ ଯେ କୌଣସି ଉନ୍ନୟନ କାର୍ଯ୍ୟରେ ୫୦ରୁ ୫୨ ପ୍ରତିଶତ ଲେସରେ ଟେଣ୍ଡର ପଡୁଛି । ଏହାଦ୍ୱାରା ସେହି କାମ କିପରି ହୋଇପାରିବ । ଫଳରେ ଠିକାଦାର ଅଧା କାମ କରି ଛୁ ମାରୁଛନ୍ତି । ଏଥିପାଇଁ ସରକାର ଦାୟୀ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ । ସେହିପରି ୮ ନଂ. ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ କହିଥିଲେ ଯେଉଁ ଠିକାଦାର ୫୦ ପ୍ରତିଶତରୁ ଅଧିକ ଲେସ୍‌ରେ ଟେଣ୍ଡର ପକାଉଛନ୍ତି ସେମାନଙ୍କର ମେସିନ, ଶ୍ରମିକ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଆସବାବପତ୍ର ରହିଛି ବୋଲି ସେମାନଙ୍କ ଠାରୁ ଏକ ସତ୍ୟପାଠ ସଂପୃକ୍ତ ବିଭାଗ ଟେଣ୍ଡର ଦେବା ପୂର୍ବରୁ ରଖିବା ଉଚିତ । ଫଳରେ କେତେବେଳେ ଯଦି ଠିକାଦାର ଫେରାର ହୋଇଯିବେ ତେବେ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବା ସହ ତାଙ୍କ ଲାଇସେନ୍ସ ରଦ୍ଦ ହୋଇପାରିବ । ଏହାପରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ସାଂସଦଙ୍କ ପ୍ରତିନିଧି ସୁନାକାର ବେହେରାଙ୍କ ସମେତ ଜିଲ୍ଲାପାଳ ରଘୁରାମ ଆର. ଆୟର ଏବଂ ସମସ୍ତ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଦସ୍ୟସଦସ୍ୟା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକ ଆରମ୍ଭରେ ସଭାପତି ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ସାମଗ୍ରିକ ବିକାଶ, ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି, ଶିକ୍ଷକ ଉପଲବ୍ଧତା, ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିବେଶ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ନିର୍ବାଚିତ ପ୍ରତିନିଧିମାନେ ଆଲୋଚନା କରିଥିଲେ । ବିଭିନ୍ନ ଆଦର୍ଶ ବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରି କାର୍ଯ୍ୟଗୁଡ଼ିକୁ ଶୀଘ୍ର ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଲୋକଙ୍କ ଆବଶ୍ୟକତା ସହିତ ଜଡ଼ିତ ଉନ୍ନୟନ କାର୍ଯ୍ୟରେ ବିଳମ୍ବ ନହେବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଥିଲା ।

### ତୁଳଙ୍ଗ ପଞ୍ଚାୟତରେ ସାର ବଣ୍ଟନରେ ଅନିୟମିତତା

# ସମ୍ପାଦକଙ୍କ ବିରୋଧରେ ଚାଷୀଙ୍କ ଅଭିଯୋଗ

**ଜଗତ୍‌ସିଂହପୁର,୧୮।୯/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ତୁଳଙ୍ଗ ପଞ୍ଚାୟତରେ ସାର ବଣ୍ଟନରେ ଅନିୟମିତତା କରା ଯାଇଥିବା ପଞ୍ଚାୟତର ଚାଷୀମାନେ ଗୁରୁବାର ଜିଲ୍ଲାପାଳ ଜେ ସୋନାଲଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗରେ ତୁଳଙ୍ଗ ପଞ୍ଚାୟତର ଚାଷୀ ଚିତ୍ତ ରଞ୍ଜନ ଦାସ, ଲକ୍ଷ୍ମୀଧର ମହାରଣା, କୈଳାସ ଚନ୍ଦ୍ର ଦାସ, ଚନ୍ଦନ ତ୍ରିପାଠୀ, ପରମାନନ୍ଦ ସେଠୀ, ଅରୁଣ କୁମାର ତାରେଣିଆ, ଧ୍ରୁବ ଚରଣ ଓଝା, ଧିରେନ୍ଦ୍ର କୁମାର ଦାସ, ବୀର କିଶୋର ଦାସ, ଧ୍ରୁବ ଚରଣ ଦାସ, ନଗେନ୍ଦ୍ରନାଥ ରାଉତ, ପ୍ରଦୀପ୍ତ କିଶୋର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ସାମଲ, ମନୋଜ ଦାସ, ରବିନ୍ଦ୍ରନାଥ ସ୍ୱାଇଁ, ଚନ୍ଦନ ଦାସ, ଶୁଭ ନାରାୟଣ ରାଉତ, ରାକେଶ କୁମାର ନାୟକ, ସୁବାସ ଦାସଙ୍କ ସହିତ ବହୁ ଚାଷୀ ଏହି ଅନିୟମିତତା ପ୍ରଚ୍ଛଦପଟରେ ତୁଳଙ୍ଗ ପଞ୍ଚାୟତ ସେବା ସମବାୟ ସମିତିର ସମ୍ପାଦକ ହରେକୃଷ୍ଣ ମଲ୍ଲିକଙ୍କ ଯୋଗୁ ହୋଇଥିବା ଅଭିଯୋଗ କରିଛନ୍ତି । ତେଣୁ ଜିଲ୍ଲାପାଳ ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଇ, ଅଭିଯୁକ୍ତଙ୍କୁ ଉଚିତ୍ ଦଣ୍ଡ ଦେବା ସହିତ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ନିବେଦନ କରିଛନ୍ତି । ମିଳିଥିବା ଅଭିଯୋଗରୁ ଜଣାଯାଇଛି ଯେ, ତୁଳଙ୍ଗ ପଞ୍ଚାୟତ ସେବା ସମବାୟ ସମିତିର ସମ୍ପାଦକ ହରେକୃଷ୍ଣ ମଲ୍ଲିକ ଦାୟିତ୍ୱରେ ରହିବା ସହିତ ତାଙ୍କୁ ନିକଟସ୍ଥ ଗରାମ ପଞ୍ଚାୟତ ସେବା ସମବାୟ ସମିତିର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଛନ୍ତି । ହଲେ ଚଳିତ ଖରିଫ୍ ଚାଷ ନିମନ୍ତେ ଗତ ଜୁଲାଇ-୨୦୨୬ ମାସରେ ତୁଳଙ୍ଗ ସେବା ସମବାୟ ସମିତିକୁ ଚାଷୀମାନଙ୍କ ପାଇଁ ୩୦୦ବସ୍ତା ଡି.ଏପି ଓ ୨୨୨ବସ୍ତା ୟୁରିଆ ସାର ସରକାର ଯୋଗାଇ ଦିଆଯାଇଥିଲା । ହେଲେ ସେଗୁଡିକୁ ସମିତିର ସମ୍ପାଦକ ସରକାରଙ୍କ ମାର୍ଗଦର୍ଶନକୁ ଉଲଙ୍ଘନ କରି ହାତ ଚିକ୍କଣ କରିଥିବା ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି । ସାର ବଣ୍ଟନରେ ପ୍ରଥମେ ସମିତିରୁ ଋଣ ନେଇ ଚାଷ କରୁଥିବା ଚାଷୀମାନଙ୍କ ଅଗ୍ରାଧିକାର ଭିତିରେ ଦିଆ ଯିବା କଥା । ଦ୍ୱିତୀୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଏବଂ ତୃତୀୟରେ ଆବଶ୍ୟକ ସ୍ଥଳେ ବଡ଼ ଚାଷୀମାନଙ୍କୁ ସାର ଯୋଗାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ନିୟମ ରହିଛି । ହେଲେ ଏଠାରେ ସମ୍ପାଦକ ମହୋଦୟ ସରକାରଙ୍କ ଏ ସମସ୍ତ ନିୟମକୁ ଫୁ କରି ବଡ ଚାଷୀମାନଙ୍କୁ ଟ୍ରାକ୍ଟର ମାଧ୍ୟମରେ ଜଣଙ୍କା ପିଛା ୪ ରୁ ୬ବସ୍ତା ଲେଖାଏ ସାର ଯୋଗାଇବା ନେଇ ପଂଚାୟତର କ୍ଷୁଦ୍ର ମଧ୍ୟାମ ଓ ନାମମାତ୍ର ଚାଷୀମାନେ ହତାସ ହୋଇଥିବା ଅଭିଯୋଗ କରିଛନ୍ତି । ତେବେ ଏ ସମ୍ପର୍କରେ ସମ୍ପୃକ୍ତ ଚାଷୀମାନେ ସମ୍ପାଦକ ଶ୍ରୀ ମଲ୍ଲିକଙ୍କୁ ପଚାରି ଥିଲେ ମଧ୍ୟ ୨ୟ ପର୍ଯ୍ୟାୟ ସାର ଆସିଲେ ଦିଆଯିବ ବୋଲି କହିଥିଲେ । ୨ୟ ପର୍ଯ୍ୟାୟରେ ସାର ଆଉ ଆସିଲା ନାହିଁ । ଯାହାଫଳରେ କ୍ଷୁଦ୍ର ମଧ୍ୟମ ଓ ନାମକୁମାତ୍ର ଚାଷୀମାନେ ସାର ବିନା ହତାସ ହେବା ସହିତ ତାଙ୍କର ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନଥିବା ଅଭିଯୋଗ କରିଛନ୍ତି । ଏଥି ସହିତ ଯେଉଁ ହାତଗଣତି ଚାଷୀମାନେ ସାର ଲିଙ୍କ ଜରିଆରେ ପାଇଛନ୍ତି, ସେମାନେ ସେହି ସମବାୟ କେନ୍ଦ୍ରରୁ ଡିଏପି ବସ୍ତା ପ୍ରତି ୧୩୫୦ଟଙ୍କା ଓ ୟୁରିଆ ବସ୍ତା ପ୍ରତି ୨୭୦ଟଙ୍କା ମୋଟ ୨ବସ୍ତା ପ୍ରତି ୧୬୨୦ଟଙ୍କା ଦେଇଛନ୍ତି । ମାତ୍ର ସରକାରୀ ୟୁରିଆ ବସ୍ତା ପ୍ରତି ଟ୨୬୬.୫୦ପ ଥିବା ବେଳେ, ସମ୍ପାଦକ ବସ୍ତା ପ୍ରତି ଅଧିକ ଟ୩.୫୦ପ ନେଇଥିବା ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ତେଣୁ ଜିଲ୍ଲାପାଳ ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଇ ଅଭିଯୁକ୍ତଙ୍କ ନିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଖଟିଖିଆ ଚାଷୀମାନେ ଗୁହାରୀ କରିଛନ୍ତି ।

# ମୋଦୀଙ୍କ ଜନ୍ମଦିନ ଅବସରରେ ଜଳିଲା 'ଆଶୀର୍ବାଦ ଦୀପ'



**ଜଗତ୍‌ସିଂହପୁର,୧୮।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ ତମ ଜନ୍ମଦିନ ଅବସରରେ ଏବଂ ସେବା ଓ ସମର୍ପଣ ୨୫ ବର୍ଷ ସୁଶାସନ ସେବା ଯୋଗାଇ ଆସୁଥିବାରୁ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଜୀବନୀ କାମନା କରି ଏକ ଆଶୀର୍ବାଦର ଦୀପ ସମୂହ ଦାନ କାର୍ଯ୍ୟକ୍ରମ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ବିଓଁଳ ଗଡନାଥ ମନ୍ଦିର ପ୍ରାଙ୍ଗଣରେରେ ଜଗତସିଂହପୁର ବିଧାୟକ, ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ସମୂହ ଆଶୀର୍ବାଦର ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମନ୍ଦିରର ପୂଜକମାନଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଜଗତସିଂହପୁର ସିଡିପିଓ ଧନେଶ୍ୱରୀ ନାଏକ, ମିଶନଶକ୍ତି ବିପିସି କାର୍ତ୍ତିକ ସ୍ୱାଇଁ, ଓଏଲ୍‌ଏମ୍ ପ୍ରିୟଙ୍କା ଶତପଥି, ବ୍ଲକ ଲେବୁଲ ଫେଡରେସନ୍‌ର ସମସ୍ତ ସଦସ୍ୟା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଏବଂ ଶତାଧିକ ମା' ଭଉଣୀ ଦୀପଦାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହା ସହ ସନ୍ଧ୍ୟା ସମୟରେ ବିଧାୟକଙ୍କ ନେତୃତ୍ୱରେ ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ମାର୍କଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏବଂ ଜଗତସିଂହପୁର ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ପ୍ରତ୍ୟକ ପଞ୍ଚାୟତରେ ଏବଂ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ବିଭିନ୍ନ ଦେବାଦେବୀ ମନ୍ଦିରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

## ଟିଏମ୍‌ସିର ଦୁଇ ଗୋଷ୍ଠୀଙ୍କ ...

୨୫ ତାରିଖରେ ଏହି ବିଦ୍ରୋହୀ ଗୋଷ୍ଠୀଙ୍କୁ ଟିଏମ୍‌ସି ମହାସଚିବ ଅଭିଷେକ ବାନାର୍ଜୀଙ୍କ ଆବେଦନ ଉପରେ ନୋଟିସ୍ ଜାରି କରିସାରିଛନ୍ତି । ଦିନକ ପୂର୍ବରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦଳୀୟ ଚିହ୍ନ 'ଘାସ ସହ ଦୁଇ ଫୁଲ'କୁ ଫ୍ରିଜ୍ କରିଥିଲେ କେନ୍ଦ୍ର ନିର୍ବାଚନ ଆୟୋଗ । ମୂଳ ଟିଏମ୍‌ସି ଠାରୁ ପୃଥକ୍ ହୋଇ ଅନ୍ୟ ଏକ ଗୋଷ୍ଠୀ ଗଠନ କରିଥିବା ରତୁବ୍ରତ ବାନାର୍ଜୀ ଏବଂ ମୂଳ ଟିଏମ୍‌ସିର ଅଧିକାର ଦର୍ଶାଇଆସୁଥିବା ମମତା ବାନାର୍ଜୀଙ୍କ ମଧ୍ୟରେ ଦଳର ନାମ ଏବଂ ନିର୍ବାଚନୀ ସଂକେତକୁ ନେଇ ବିବାଦ ଜୋର ଧରିବା ମଧ୍ୟରେ ନିର୍ବାଚନ ଆୟୋଗ ଅନ୍ତରୀଣ ବ୍ୟବସ୍ଥା ଅନ୍ତର୍ଗତ ଏପରି ନିଷ୍ପତ୍ତି ନେଇଥିଲେ । ତେବେ ଏହି ନିଷ୍ପତ୍ତିକୁ ୨୪ ଘଣ୍ଟା ନ ବିତୁଣୁ ଅର୍ଥାତ୍ ଶୁକ୍ରବାର ଦିନ ନିର୍ବାଚନ ଆୟୋଗ ଟିଏମ୍‌ସିର ଦୁଇ ଗୋଷ୍ଠୀକୁ ନୂଆ ନୂଆ ନିର୍ବାଚନୀ ଚିହ୍ନ ତଥା ନାମ ପ୍ରଦାନ କରିଥିଲେ । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ'ର ନାମ ଦିଆଯାଇଥିବା ବେଳେ ନିର୍ବାଚନୀ ଚିହ୍ନ 'ଫୁଟବଲ୍ ଖେଳାଳି' ପ୍ରଦାନ କରିଛନ୍ତି ନିର୍ବାଚନ ଆୟୋଗ । ସେହିପରି ଟିଏମ୍‌ସିର ବିଦ୍ରୋହୀ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ'ର ନାମ ମିଳିଥିବା ବେଳେ ନିର୍ବାଚନୀ ସଂକେତ ଭାବେ 'ଲଫାଫା' ଚିହ୍ନ ମିଳିଛି । ତେବେ ଏହି ନିର୍ବାଚନୀ ସଂକେତ କେବଳ ସ୍ୱଳ୍ପ ସମୟ ପାଇଁ । ମୂଳ ନାମ ଏବଂ ଚିହ୍ନ ଉପରେ କେନ୍ଦ୍ର ନିର୍ବାଚନ ଆୟୋଗ ଚୂଡ଼ାନ୍ତ ନିଷ୍ପତ୍ତି ଆସିବା ବାକି ଅଛି । ମୋଟାମୋଟି ବର୍ତ୍ତମାନ ଉଭୟ ଗୋଷ୍ଠୀ ନୂଆ ଦଳୀୟ ନାମ ଏବଂ ସିମ୍ବଲ୍‌ରେ ଉପ-ନିର୍ବାଚନ ଲଢ଼ିବେ । ତେବେ ନିର୍ବାଚନ ଆୟୋଗଙ୍କ ଏହି ନିଷ୍ପତ୍ତିକୁ ମମତା ବିରୋଧ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆସନ୍ତା ମାସ ୬ ତାରିଖରେ ରାଜ୍ୟର ଦୁଇଟି ଆସନ ନନ୍ଦୀଗ୍ରାମ ଏବଂ ରେଜିନଗରରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଅର୍ଥାତ୍ ଉପନିର୍ବାଚନକୁ ଆଉ ମାତ୍ର ୧୭ ଦିନ ବାକି ରହିଥିବା ବେଳେ ଟିଏମ୍‌ସିର ଉଭୟ ଗୋଷ୍ଠୀଙ୍କୁ ନୂଆ ନାମ ଏବଂ ନିର୍ବାଚନୀ ସଂକେତ ମିଳିଛି । ଏହାକୁ ପାଥେୟ କରି ଉଭୟ ଗୋଷ୍ଠୀ ନିଜ ନିଜ ପ୍ରାର୍ଥୀ ଦେଇଛନ୍ତି । ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଟିଏମ୍‌ସି ଗୋଷ୍ଠୀରୁ ମହମ୍ମଦ ଏତେଶାମୁଲ ହକ୍ ନନ୍ଦୀଗ୍ରାମରୁ ଏବଂ ସଫିଉଦ୍ଦିନ୍ ଶେଖ୍ ରେଜିନଗରରୁ ନିର୍ବାଚନ ଲଢ଼ିବେ । ଅନ୍ୟପଟେ, ମମତା ବାନାର୍ଜୀଙ୍କ ଗୋଷ୍ଠୀ ପକ୍ଷରୁ ନନ୍ଦୀଗ୍ରାମରୁ ସଞ୍ଚିତା ପ୍ରଧାନ (ଦେ) ଏବଂ ରେଜିନଗରରୁ ରବିଉଲ ଆଲମ୍ ଚୌଧୁରୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ସଞ୍ଚିତା ପ୍ରଧାନ ଶୁକ୍ରବାର ଦିନ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି । ସଞ୍ଚିତା ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ତାଙ୍କ ବାସଭବନରେ ଭେଟିବା ପରେ ହିଁ ନିଜ ନାମ ପ୍ରତ୍ୟାହାର କରିଥିଲେ । ଅନ୍ୟପକ୍ଷେ ମମତା ବାନାର୍ଜୀ ଏବେ ବାଧହୋଇ ଏହି ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ମିଲନ୍ ପ୍ରଧାନଙ୍କୁ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି । ତେବେ ମମତାଙ୍କ ପକ୍ଷରୁ ମିଲନ୍ ପ୍ରଧାନଙ୍କୁ ସମର୍ଥନ ଘୋଷଣାର କିଛି ସମୟ ମଧ୍ୟରେ ପଶ୍ଚିମବଙ୍ଗ ପୁଲିସ୍ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ତାଙ୍କ ବିରୋଧରେ ୨୦୦୭ ନନ୍ଦିଗ୍ରାମ ଜମି ଅଧିଗ୍ରହଣ ସମୟରେ ଘଟିଥିବା ହିଂସାକାଣ୍ଡରେ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି । ସେହିପରି ତାଙ୍କ ବିରୋଧରେ ଏକ ପୁରୁଣା ହତ୍ୟା ମାମଲା ମଧ ରହିଥିବା ପୁଲିସ୍ ଦର୍ଶାଇଛି । ତେବେ ଟିଏମ୍‌ସି (ମମତା ଗୋଷ୍ଠୀ)ର ସମର୍ଥନ ମିଳିବା ପରେ ପରେ ହିଁ ମିଲନ୍‌ଙ୍କୁ ଗିରଫ କରାଯିବା ନେଇ ଏବେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି । ମମତା ସିଧାସଳଖ ବିଜେପିକୁ ଦୋଷାରୋପ କରିଛନ୍ତି । କ୍ଷମତାର ଅପପ୍ରୟୋଗ କରି ବିଜେପି ଏପରି ହୀନ ରାଜନୀତି କରୁଥିବା ମମତା କହିଛନ୍ତି ।

## ବନ୍ଧା ହେଲେ ପରିବହନ ବିଭାଗ ଅତିରିକ୍ତ ସଚିବ

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳଙ୍କ ଉତ୍ପାତକୁ ନେଇ ଉଠୁଛି ପଡୁଛି ରାଜ୍ୟ । ସୂଚନା ଅନୁସାରେ,ଗତକାଲି ରାତିରେ ଖାରବେଳନଗର ଥାନା ଅଞ୍ଚଳରେ ସୀମାସରହଦ ପାର କରିଯାଇଥିଲେ ଅରୁଣ । ସିଧା ପହଞ୍ଚିଥିଲେ ତାଙ୍କ ଅଧୀନରେ କାମ କରୁଥିବା ଜଣେ ମହିଳା କର୍ମଚାରୀଙ୍କ ଘର ଆଗରେ । ଆଉ ମନଇଚ୍ଛା କରିଥିଲେ ଗାଳିଗୁଲଜ । କଥା ଏତିକିରେ ସରିନଥିଲା, ମହିଳା କର୍ମଚାରୀଙ୍କ ଚରିତ୍ର ଉପରକୁ ଅଙ୍ଗୁଳି ଉଠାଇ ତାଙ୍କ ସହ ସଂପର୍କ ଥିବା ଦାବି କରିଥିଲେ । ମୋବାଇଲର କିଛି ଫଟୋ ଦେଖାଇ ସର୍ବସାଧାରଣରେ ଇଜ୍ଜତର ଧଜ୍ଜିଆ ଉଡ଼ାଇଥିଲେ । ଏପରିକି ଘଟଣାସ୍ଥଳରେ ଉପସ୍ଥିତ ପୁଲିସକୁ ବି ଖାତିର କରିନଥିଲେ । ପରେ ପୁଲିସ ଅରୁଣଙ୍କୁ ଥାନାକୁ ଆଣିବା ସହିତ ସଂପୃକ୍ତ ମହିଳାଙ୍କ ଅଭିଯୋଗ ଆଧାରରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାବୁଙ୍କ କଳାକାରନାମା ପେଡ଼ି ଏତିକିରେ ସରିନି । ଅରୁଣଙ୍କ ବିରୋଧରେ ସଂପୃକ୍ତ ମହିଳା କର୍ମଚାରୀ ଆଣିଛନ୍ତି ସାଂଘାତିକ ଅଭିଯୋଗ । ସେ କରିଥିବା ଏଫଆଇଆର ଅନୁସାରେ, ତାଙ୍କୁ ଦୀର୍ଘଦିନ ଧରି ଯୌନଶୋଷଣ କରି ଆସୁଥିଲେ ଅରୁଣ । ଆପତ୍ତିଜନକ କଥା କହିବା ସହ ବ୍ଲାକମେଲିଂ କରୁଥିଲେ । ମୁହଁ ଖୋଲିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରିବହନ ବିଭାଗରେ ମହିଳା ଜଣଙ୍କ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ଏନେଇ ଅଭିଯୋଗ କରିବାର ସାହସ ଜୁଟାଇ ପାରୁନଥିଲେ । ତେବେ ଏହି ମାମଲାରେ ଅରୁଣ ବିଶ୍ୱାଳଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।


## ମସ୍‌ଜିଦରେ ଆତ୍ମଘାତୀ ...

ହୋଇଥିବା ବେଳେ ଏକ ବିସ୍ଫୋରକ ଭର୍ତ୍ତି କାରକୁ ମସଜିଦର ପ୍ରବେଶ ଦ୍ୱାରରେ ପିଟି ଦିଆଯାଇଥିଲା । ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି)ର ଏକ ଗୋଷ୍ଠୀ ହାଫିଜ ଗୁଲ ବାହାଦୁର ପରିଚାଳିତ 'ଇତ୍ତେହାଦୁଲ ମୁଜାହିଦ୍ଦୀନ' ଏହି ଆତ୍ମଘାତୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ବିସ୍ଫୋରଣରେମସଜିଦ ଭିତରେ ଥିବା ଅନେକ ଲୋକ ଆହତ ହୋଇଥିଲେ । ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ, ମସଜିଦ ବାହାରେ ଏକ ବଡ଼ ଗାତ ସୃଷ୍ଟି ହୋଇଥିବା ପୁଲିସ କହିଛି । ପ୍ରାଦେଶିକ ପୋଲିସ ମୁଖ୍ୟ ଜୁଲଫିକାର ହାମିଦ ବିସ୍ଫୋରଣଟି ଏକ ଆତ୍ମଘାତୀ ଆକ୍ରମଣ ବୋଲି ନିଶ୍ଚିତ କରିଛନ୍ତି । ବିସ୍ଫୋରଣ ପରେ ବନ୍ଧୁକଧାରୀମାନେ ପୁଲିସ ମୁଖ୍ୟାଳୟ ପରିସର ମଧ୍ୟକୁ ପଶିବାକୁ ଚେଷ୍ଟା କରିଥିଲେ ଏବଂ ପୁଲିସ ସହ ଗୁଳିବିନିମୟ ହୋଇଥିଲା । ବିସ୍ଫୋରଣରେ ମସଜିଦଟି କ୍ଷତିଗ୍ରସ୍ତ ହୋଇଥିବା ବେଳେ ପୋଲିସ ଷ୍ଟେସନର ବାହାର ପାଚେରୀ ଭାଙ୍ଗି ପଡ଼ିଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରୀଫ ଏହି ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରିବା ସହ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦୁଇ କଲରାପତରିଆ ...

ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବାଲିଗୁଡ଼ା ରେଞ୍ଜ ଅଧିକାରୀଙ୍କ ସମେତ କେ.ନୂଆଗାଁ, କୋଟଗଡ଼, ତୁମୁଡ଼ିବନ୍ଧ ଓ ବ୍ରାହ୍ମଣୀଗାଁ ରେଞ୍ଜର କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ । ଏନେଇ ବାଲିଗୁଡ଼ା ରେଞ୍ଜରେ କେସ୍ ନମ୍ବର୪୩/ ୨୦୨୬-୨୭ରେ ଏକ ମାମଲା ରୁଜୁ ହୋଇଛି । ବାଘ ଛାଲ ଚାଲାଣରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ?ତାହାକୁ ନେଇ ବନ ବିଭାଗର ଏକ ଟିମ ତଦନ୍ତ କରୁଥିବା ବାଲିଗୁଡା ଡିଏଫ୍‌ଓ ଘନଶ୍ୟାମ ମହନ୍ତ ସୂଚନା ଦେଇଛନ୍ତି । ଶ୍ରୀ ମହନ୍ତ କହିଛନ୍ତି ଯେ ଉତ୍ତମ ମାଝୀ କଲରାପତରିଆ ଛାଲ ବିକ୍ରି କରିବାକୁ ନେଉଥିବା ବେଳେ ଧରାପଡ଼ିଛନ୍ତି । ରାଜ୍ୟ ଭିତରେ ଏହାକୁ ଚାଲାଣ କରିବା ପାଇଁ ନେଉଥିଲେ । କଲରାପତରିଆ ବାଘକୁ ସେ ବ୍ୟକ୍ତି ମାରି ନାହାନ୍ତି । ଶିକାରୀଙ୍କ ଠାରୁ ଚମଡ଼ା ଆଣି ବିକ୍ରି କରିବା ପାଇଁ ନେଉଥିଲେ । ଏ ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମହନ୍ତ କହିଛନ୍ତି ।

## ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଉଦ୍ୟୋଗୀ ଉତ୍କର୍ଷ ସମ୍ମାନ




**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ମାସିକ ଇଂରାଜୀ ପତ୍ରିକା 'ମାସ ଆଉଟରିଚ୍' ପକ୍ଷରୁ ବିଶିଷ୍ଟ ଉଦ୍ୟୋଗୀ ତଥା ଆରିସ୍କୋ ଇଷ୍ଟେଟ୍‌ର ପ୍ରତିଷ୍ଠାତା ରଶ୍ମିରଞ୍ଜନ ମହାପାତ୍ରଙ୍କୁ 'ଉଦ୍ୟୋଗୀ ଉତ୍କର୍ଷ ସମ୍ମାନ'ରେ ସମ୍ମାନିତ କରାଯାଇଛି । ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଅବଦାନ ଓ ଉଦ୍ୟମୀ ଦୃଷ୍ଟିକୋଣକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି ସମ୍ମାନିତ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ପଞ୍ଚାନନ କାନୁନଗୋ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ବିଶିଷ୍ଟ ସିନେ ଅଭିନେତା ଚନ୍ଦନ କର ଏବଂ ସମାଜସେବୀ ମୀର ଅହମ୍ମଦ ଅଲ୍ଲୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଉଦ୍ୟୋଗ କ୍ଷେତ୍ରରେ ନୂଆ ଚିନ୍ତାଧାରା, ନବୀନତା ଓ ଯୁବପିଢ଼ିଙ୍କ ଉଦ୍ୟମୀ ମନୋଭାବର ଗୁରୁତ୍ୱ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ସମ୍ମାନ ରଶ୍ମିରଞ୍ଜନ ମହାପାତ୍ରଙ୍କ ଉଦ୍ୟୋଗୀ ଯାତ୍ରାକୁ ଆହୁରି ପ୍ରୋତ୍ସାହିତ କରିବା ସହ ଯୁବ ଉଦ୍ୟୋଗୀମାନଙ୍କୁ ନିଜସ୍ୱ ଉଦ୍ୟମ ଗଢ଼ି ତୋଳିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଥିଲା । ସମ୍ମାନ ଗ୍ରହଣ କରି ଶ୍ରୀ ମହାପାତ୍ର ଆୟୋଜକ ଓ ଅତିଥିମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନ୍‌ରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁବିଧା ପ୍ରଦାନ କରିବା ସହ ଆଗାମୀ ସପ୍ତାହରେ ବଢ଼ିବାକୁ ଥିବା ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ବିଭିନ୍ନ ଏକ୍ସପ୍ରେସ ଟ୍ରେନରେ ସାମୟିକ ଭାବେ ଅତିରିକ୍ତ କୋଚ ସଂଯୋଗ କରିବ । ଏହି କ୍ରମରେ ଟ୍ରେନ ସଂଖ୍ୟା ୧୨୮୩୭ ହାଓ୍ୱଡ଼ା–ପୁରୀ ଏକ୍ସପ୍ରେସ ଗୋଟିଏ ସ୍ଲିପର କ୍ଲାସ କୋଚ ୨୦ ରୁ ୨୫ ତାରିଖ ପର୍ଯ୍ୟନ୍ତ ସଂଯୋଗ କରାଯିବ । ସେହିପରି, ଟ୍ରେନ ସଂଖ୍ୟା ୧୮୦୩୯ ଶାଲିମାର–ପୁରୀ ଏକ୍ସପ୍ରେସ ୨୦ ସେପଟ୍ମେବରରେ ଗୋଟିଏ ସ୍ଲିପର କ୍ଲାସ କୋଚ ଅତିରିକ୍ତ ଭାବେ ସଂଯୋଗ କରାଯିବ । ସେହିପରି, ଟ୍ରେନ ସଂଖ୍ୟା ୧୮୦୪୫ ଶାଲିମାର–ଚାର୍ଲାପଲ୍ଲୀ ଏକ୍ସପ୍ରେସ ୧୯ରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ । ଟ୍ରେନ ସଂଖ୍ୟା ୧୮୦୬୩ ସାନ୍ତ୍ରାଗାଛି–ୟେଲାହଙ୍କା ଏକ୍ସପ୍ରେସ ୨୪ ସେପ୍ଟେମ୍ବରରେ ଗୋଟିଏ ଏସି ୩-ଟାୟାର କୋଚ ଅତିରିକ୍ତ ଭାବେ ସଂଯୋଗ କରାଯିବ । ଏହାବ୍ୟତୀତ, ଟ୍ରେନ ସଂଖ୍ୟା ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ୍ ୧୯ ଓ ୨୦ ସେପଟ୍ମେବରରେ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ ସହିତ ଚଳାଚଳ କରିବ । ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢ଼ୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।

## ହାଇଟେକ୍ ଦନ୍ତଚିକିତ୍ସା ମହାବିଦ୍ୟାଳୟରେ ଗଣେଶ ଉତ୍ସବ



**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ହାଇଟେକ ଦନ୍ତ ଚିକିତ୍ସା ମହାବିଦ୍ୟାଳୟରେ ପଞ୍ଚଦିବସ ବ୍ୟାପି ଶ୍ରୀଗଣେଶ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ବିଶ୍ୱରେ ଭାରତକୁ ପରିଚୟ ସୃଷ୍ଟି କରିବାକୁ ଯାଉଛି । ସହସ୍ରାଧିକ ଡାକ୍ତରୀ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ପରିବେଶରେ ପ୍ରତେହ ସନ୍ଧ୍ୟାରେ ଭଜନ କୀର୍ତନ ସହ ମନୋଜ୍ଞ ବିଭୁଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଆଧ୍ୟାତ୍ମିକମୟ ସୃଷ୍ଟି କରୁଛି । ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଂଗ୍ରାମ ପାତ୍ର ବିଦ୍ୟାର୍ଥୀ ମାନଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥବାବେଳେ ଉପାଧ୍ୟକ୍ଷ ଡ଼କ୍ଟର ସୁବାସ ନାୟକ ଡ଼କ୍ଟର ଅଭିତୋଷ ଦେବତା, ଡ଼କ୍ଟର ସିଦ୍ଧାର୍ଥ ନାୟକ ଡକ୍ଟର ଦେବଜ୍ୟୋତି ବର୍ଦ୍ଧନ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ପାଠପଢ଼ା ସହ ଆଧ୍ୟାତ୍ମିକ ଭାବନା ପ୍ରତି ଜାଗ୍ରତ ରହିବା ପାଇଁ ଆହ୍ୱାନ ଦେଇଥିବା ବେଳେ ବିଦ୍ୟାର୍ଥୀ ସାରଦା ପ୍ରସନ ଆଚାର୍ଯ୍ୟ, ନିଲୁଫର ଜହନା, ଆକାଂକ୍ଷ୍ୟା ଦଳବେହେରା, କୈବଲ୍ୟ ପ୍ରଧାନ, ତନ୍ମୟ ଭୂୟାଁ, କାଜଲ ରଥ, ସିଦ୍ଧାର୍ଥ ପଟ୍ଟନାୟକ, ସମୀକ୍ଷ୍ୟା ଦାସ, ଶିବାନୀ ମିଶ୍ର ଶ୍ରେୟା ବକ୍ସି, ସଂଯୁକ୍ତା ଚାନ୍ଦ, ନେହା ଦାସ, ସବା ସରମିନି ଇତ୍ୟାଦି ବିଦ୍ୟାର୍ଥୀ ଖୁବ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ । ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ମନେଜିଙ୍ଗ ଟ୍ରଷ୍ଟି ତଥା ସିଇଓ ସୁରେଶ ପାଣିଗ୍ରାହୀ ଓ ଟ୍ରଷ୍ଟି ମଧୁସ୍ମିତା ପାଣିଗ୍ରାହୀ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଡାକ୍ତରୀ ବିଦ୍ୟାର୍ଥୀଙ୍କୁ ଭୁୟସୀ ପ୍ରଶଂସା କରିଛନ୍ତି ।

# ପୂର୍ବତଟ ରେଳପଥର 'ସ୍ୱଚ୍ଛତା ହିଁ ସେବା ଅଭିଯାନ'



**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** 'ସ୍ୱଚ୍ଛତା ମେଁ ସହଭାଗ: ସ୍ୱଚ୍ଛ ଭାରତ, ବିକଶିତ ଭାରତ' ବିଷୟବସ୍ତୁକୁ ନେଇ ପୂର୍ବତଟ ରେଳପଥ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ଜନସହଭାଗିତା, ସ୍ୱଚ୍ଛତା ଏବଂ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ଆଜି ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ ଏବଂ ସ୍ୱଚ୍ଛତାକୁ ବ୍ୟକ୍ତିଗତ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ରେଳ କର୍ମଚାରୀମାନେ ନିଜେ ଉଦାହରଣ ସୃଷ୍ଟି କରିବା ସହିତ ଯାତ୍ରୀ, ହିତଧାରକ ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ଅଭିଯାନରେ ସକ୍ରିୟ ଭାବେ ସାମିଲ କରିବାକୁ ସେ ଆହ୍ୱାନ କରିଛନ୍ତି । ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନ ପୂର୍ବତଟ ରେଳପଥ ମୁଖ୍ୟାଳୟ, ସମସ୍ତ ମଣ୍ଡଳ, ରେଳ ଷ୍ଟେସନ, ଟ୍ରେନ, କାର୍ଯ୍ୟାଳୟ, ଓ୍ୱାର୍କସପ୍, ହସ୍ପିଟାଲ ଏବଂ ରେଳବାଇ ଆବାସିକ କଲୋନୀଗୁଡ଼ିକରେ ଆୟୋଜିତ ହେଉଛି । ଏହି ଅଭିଯାନରେ 'ସ୍ୱଚ୍ଛତା ଟାର୍ଗେଟ୍ ୟୁନିଟ୍‌ଗୁଡ଼ିକର ରୂପାନ୍ତରଣ', 'ସ୍ୱଚ୍ଛ ପାଠଶାଳା – ସ୍ୱଚ୍ଛତା ପାଇଁ ଯୁବବର୍ଗ', 'ସଫେଇ ମିତ୍ର ସୁରକ୍ଷା ଏବଂ ସମ୍ମାନ ଶିବିର', 'ସ୍ୱଚ୍ଛତା ପାଇଁ ଜନ ଭାଗୀଦାରୀ' ଏବଂ 'ସ୍ୱଚ୍ଛତାରୁ ସମୃଦ୍ଧି' ଭଳି ପାଞ୍ଚଟି ପ୍ରମୁଖ ସ୍ତମ୍ଭ ଉପରେ ପର୍ଯ୍ୟବସିତ । ଏହି ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛ ଷ୍ଟେସନ ଏବଂ ସ୍ୱଚ୍ଛ ରେଳଗାଡ଼ି ଅଭିଯାନ, ନାଳ ନର୍ଦ୍ଦମା ଓ ଶୌଚାଳୟ ସଫେଇ, ରେଳବାଇ କଲୋନୀଗୁଡ଼ିକରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା, ଉତ୍ପତ୍ତି ସ୍ଥଳରେ ଚାରି ପ୍ରକାରର ବର୍ଜ୍ୟବସ୍ତୁ ପୃଥକୀକରଣ, କମ୍ପୋଷ୍ଟ ପ୍ରସ୍ତୁତି, 'ପ୍ଲାଷ୍ଟିକ୍ ବ୍ୟବହାରକୁ ନା କୁହନ୍ତୁ' ଅଭିଯାନ ଏବଂ ପୁରୁଣା ବର୍ଜ୍ୟବସ୍ତୁ ହଟାଇବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସଫେଇ ମିତ୍ରମାନଙ୍କ କଲ୍ୟାଣ, ସୁରକ୍ଷା ଓ ସମ୍ମାନ ପ୍ରତି ମଧ୍ୟ ବିଶେଷ ପଦକ୍ଷେପମାନ ଗ୍ରହଣ କରାଯିବ । ଅକ୍ଟୋବର ୧ ତାରିଖରେ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ୍' ଅଧୀନରେ ବ୍ୟାପକ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହା ପରେ ଅକ୍ଟୋବର ୨ ତାରିଖରେ ସ୍ୱଚ୍ଛ ଭାରତ ଦିବସ ପାଳନ କରାଯିବ । ଏହି ଅବସରରେ ସ୍ୱଚ୍ଛତା ଶପଥ, ପ୍ରଭାତ ଫେରୀ, ନୁକ୍କଡ଼ ନାଟକ ଏବଂ 'ଏକ ପେଡ୍ ମା କେ ନାମ୍' ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହେବ । ସ୍ୱଚ୍ଛତା ସଂକଳ୍ପର ଅଂଶସ୍ୱରୂପ, ରେଳ କର୍ମଚାରୀମାନଙ୍କୁ ପ୍ରତିବର୍ଷ ୧୦୦ ଘଣ୍ଟା ସ୍ୱଚ୍ଛତା କାର୍ଯ୍ୟକଳାପ ପାଇଁ ଉତ୍ସର୍ଗ କରିବା ଏବଂ ଅନ୍ୟମାନଙ୍କୁ ଏହି ଉଦ୍ଦେଶ୍ୟରେ ଯୋଗଦାନ କରିବା ପାଇଁ ପ୍ରେରିତ କରିବା ଲାଗି ପ୍ରୋତ୍ସାହିତ କରାଯାଉଛି । ସ୍ୱଚ୍ଛତା ହିଁ ସେବା ୨୦୨୬' ମାଧ୍ୟମରେ ପୂର୍ବତଟ ରେଳପଥ ସ୍ୱଚ୍ଛତାକୁ ଏକ ନିରନ୍ତର ଜନ ଆନ୍ଦୋଳନରେ ପରିଣତ କରିବା, ଦାୟିତ୍ୱବାନ୍ ବର୍ଜ୍ୟବସ୍ତୁ ପରିଚାଳନା, ବ୍ୟବହାରିକ ପରିବର୍ତ୍ତନ ଏବଂ ଏକ ସ୍ୱଚ୍ଛ, ସୁସ୍ଥ ଓ ଅଧିକ ସ୍ଥାୟୀ ରେଳ ପରିବେଶ ଗଠନ ଦିଗରେ ସକ୍ରିୟ ସାମୁହିକ ସହଭାଗିତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି ।

## ବସନ୍ତ ଦାସଙ୍କ 'ପଞ୍ଚମ ବେଦ' ପାଠକାର୍ପିତ



**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ମନୋବିଜ୍ଞାନୀ ତଥା ନାଟ୍ୟକାର ଡକ୍ଟର ବସନ୍ତ କୁମାର ଦାସଙ୍କ ନୂତନ ପୁସ୍ତକ 'ପଞ୍ଚମ ବେଦ' ପାଠକାର୍ପିତ ହୋଇଯାଇଛି । ଏହି ଉପଲକ୍ଷେ 'ତୀରତରଙ୍ଗ' ପ୍ରକାଶନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୋଗଦେଇ ବିଶିଷ୍ଟ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି ଲେଖକ ଡକ୍ଟର ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୈନିକ ଖବରକାଗଜ 'ନିତିଦିନ'ର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ମନୋଜ କୁମାର ମହାପାତ୍ର, ଆର୍ଯ୍ୟସମାଜର ଯୁଗ୍ମ ସମ୍ପାଦକ ଅନିରୁଦ୍ଧ ପଟ୍ଟନାୟକ, ବିଶିଷ୍ଟ ଗାଳ୍ପିକା ଇନ୍ଦିରା ଦତ୍ତ, ଅଙ୍କୁର ଫାଉଣ୍ଡେସନର ମୁଖ୍ୟ ତଥା ସାହିତ୍ୟିକା ଚିନ୍ମୟୀ ପଣ୍ଡା, ଅବସରପ୍ରାପ୍ତ ପୁଲିସ ଅଧିକାରୀ ନିହାର ରଞ୍ଜନ ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ବିବୁ ଦାସ ଓ ବିଶିଷ୍ଟ ଶିଶୁ ସାହିତ୍ୟିକ କୃତ୍ତିବାସ ନାୟକ ପ୍ରମୁଖ ଉପସ୍ଥିତ ରହି ପୁସ୍ତକଟିକୁ ପାଠକାର୍ପିତ କରିଥିଲେ । 'ପଞ୍ଚମ ବେଦ' ପୁସ୍ତକଟି ୭ ଗୋଟି ନୃତ୍ୟନାଟିକାର ସମାରୋହ ବୋଲି ସୂଚନା ଦେଇ ଲେଖକ ଡକ୍ଟର ଦାସ କହିଥିଲେ ଯେ, ୧୯୬୦ ମସିହାରେ ପ୍ରକାଶିତ 'ମାନଭଞ୍ଜନ' ନୃତ୍ୟନାଟିକା ପୁସ୍ତକଟିକୁ ଜରାଜୀର୍ଣ୍ଣ ଅବସ୍ଥାରୁ ଉଦ୍ଧାର କରି ଏହାକୁ ପୁନଃପ୍ରକାଶ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହି ପୁସ୍ତକଟି ହେଉଛି ସେହି ପୂର୍ବ ନୃତ୍ୟନାଟିକାର ପରିମାର୍ଜିତ ଓ ପରିବର୍ଦ୍ଧିତ ସଂସ୍କରଣ । ଉତ୍ସବ ପ୍ରାରମ୍ଭରେ ଆର୍ଯ୍ୟସମାଜର ଉପସଭାପତି ବୀରେନ୍ଦ୍ର କରଙ୍କ ପୌରୋହିତ୍ୟରେ ବେଦପାଠ ଓ ଯଜ୍ଞାନୁଷ୍ଠାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ସଂଯୋଜନା କରିଥିବା ବେଳେ ପ୍ରକାଶକ ବନ୍ଦନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜଟଣୀ ଶାଖାର ୫୦ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଟଣୀ ଶାଖା ପକ୍ଷରୁ ୫୦ତମ ପ୍ରତିଷ୍ଠା ଦିବସ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତୁଷାର କାନ୍ତ କର, ଉପ ଆଞ୍ଚଳିକ ମୁଖ୍ୟ ଶଙ୍କର ହେମ୍ବ୍ରମ ଓ ଜଟଣୀ ଶାଖାର ଶାଖା ପ୍ରବନ୍ଧକ କ୍ରୀଷ୍ଣା ଡାଖେଙ୍କ ସମେତ ବ୍ୟାଙ୍କ ଅଧିକାରୀ, କର୍ମଚାରୀ, ଗ୍ରାହକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶାଖାର ୫ ଦଶନ୍ଧିର ନିଷ୍ଠାପୂର୍ଣ୍ଣ ଗ୍ରାହକ ସେବା ଏବଂ ଜଟଣୀ ଅଞ୍ଚଳର ବ୍ୟାଙ୍କିଙ୍ଗ ଓ ଆର୍ଥିକ ସେବା ବିକାଶରେ ବ୍ୟାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା । ଦୀର୍ଘ ବର୍ଷ ଧରି ଗ୍ରାହକଙ୍କ ସହ ସୁସମ୍ପର୍କ, ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ଓ ସହଯୋଗ ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶାଖା ଅଧିକାରୀମାନେ ଗ୍ରାହକ ଓ ହିତାଧିକାରୀଙ୍କ ବିଶ୍ୱାସ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ । ଶାଖାର ବର୍ତ୍ତମାନ ଓ ପୂର୍ବତନ କର୍ମଚାରୀମାନଙ୍କ ଅବଦାନକୁ ମଧ୍ୟ ସ୍ମରଣ କରାଯାଇଥିଲା । ଗତ ୫୦ ବର୍ଷର ଯାତ୍ରାରେ ସେମାନଙ୍କ ଭୂମିକାକୁ ସଫଳତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଅଭିହିତ କରାଯାଇଥିଲା । ଏହି ଅବସରରେ ଜଟଣୀ ଶାଖାର ବର୍ତ୍ତମାନ ଓ ପୂର୍ବତନ ସମସ୍ତ କର୍ମଚାରୀଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଗ୍ରାହକ ଯୋଗଦେଇଥିଲେ । ଗ୍ରାହକମାନଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ କରିବା ସହ ବ୍ୟାଙ୍କ ସହିତ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ଶାଖା ପକ୍ଷରୁ ପ୍ରତିବଦ୍ଧତା ପ୍ରକାଶ କରାଯାଇଥିଲା । ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ ଜଟଣୀ କେନ୍ଦ୍ରୀୟ ବିଦ୍ୟାଳୟରେ ସାଇବର ସୁରକ୍ଷା ଓ ଆର୍ଥିକ ସାକ୍ଷରତା ଶିବିରର ଆୟୋଜନ କରାଯିବା ସହ ଜଟଣୀ ଶାଖାରେ ଏକ ସ୍ୱାସ୍ଥ୍ୟ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା । ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ ଶ୍ରୀ ହେମ୍ବ୍ରମ ସମସ୍ତଙ୍କୁ ସମ୍ବୋଧିତ କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ ।




## 'ଗୀତୁ ସେବା କିଚେନ୍'ର ଶୁଭାରମ୍ଭ

## ଜେଏସ୍‌ଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ପକ୍ଷରୁ ମାଗଣା ଆହାର ବଣ୍ଟନ

**ଭୁବନେଶ୍ୱର,ଝାରସୁଗୁଡ଼ା,୧୮।୯/ଏନ୍‌ଏନ୍‌ଏସ୍:** ସମାଜସେବା ଓ ମାନବୀୟ କର୍ତ୍ତବ୍ୟକୁ ପ୍ରାଥମିକତା ଦେଇ ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ ପକ୍ଷରୁ 'ଗୀତୁ ସେବା କିଚେନ୍'ର ଶୁଭାରମ୍ଭ ହୋଇଯାଇଛି । ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ଚେୟାରପର୍ସନ ସଙ୍ଗୀତା ଜିନ୍ଦଲଙ୍କ ପ୍ରେରଣାରେ ଏବଂ 'ସେବା ପରମୋ ଧର୍ମ' ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ନବୀନ ପ୍ରଚେଷ୍ଟା ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆବଶ୍ୟକତା ଥିବା ଲୋକଙ୍କୁ, ହସପିଟାଲରେ ଥିବା ରୋଗୀଙ୍କ ସମ୍ପର୍କୀୟ, ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମଗୁଡ଼ିକରେ ସ୍ୱାସ୍ଥ୍ୟକର ଓ ପୌଷ୍ଟିକ ଆହାର ଯୋଗାଇଦେବା । ଗତ ୧୬ ତାରିଖରେ ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲର ହୋଲ-ଟାଇମ୍ ଡାଇରେକ୍ଟର ଓ ସିଇଓ ଉମେଶ ରାଇ କମ୍ପାନୀର ବରିଷ୍ଠ ନେତୃବୃନ୍ଦ ଏବଂ ଆକାଂକ୍ଷା ଲେଡିଜ୍ କ୍ଲବର ସଦସ୍ୟାମାନଙ୍କ ଉପସ୍ଥିତିରେ ଏହି କିଚେନର ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ପ୍ରୀତି ରାଇଙ୍କ ନେତୃତ୍ୱରେ ପ୍ରଥମ ସେବା କାର୍ଯ୍ୟ ଭାବେ ଝାରସୁଗୁଡ଼ାସ୍ଥିତ ସଞ୍ଜୀବନୀ ହସପିଟାଲରେ ରୋଗୀଙ୍କ ସମ୍ପର୍କୀୟ ଓ ହାଉସକିପିଂ କର୍ମଚାରୀମାନଙ୍କୁ ଆହାର ପ୍ୟାକେଟ ବଣ୍ଟନ କରାଯାଇଥିଲା । ସଙ୍ଗୀତା ଜିନ୍ଦଲଙ୍କ ନିଷ୍ଠା ଓ ଭାବନାରୁ ପ୍ରେରଣା ନେଇ ୩୦ ଜଣ ସ୍ୱେଚ୍ଛାସେବୀ ମହିଳାଙ୍କୁ ନେଇ ଏହି ମହତ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କିଚେନରେ ଆଧୁନିକ ସୁବିଧା ସୁଯୋଗ ସହ ବିଶୁଦ୍ଧତା, ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏହି ଅବସରରେ ଉମେଶ ରାଇ କହିଥିଲେ ଯେ, କେବଳ ଶିଳ୍ପଗତ ବିକାଶ ନୁହେଁ, ବରଂ ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇବା ହିଁ ପ୍ରକୃତ ପ୍ରଗତି । ଗୀତୁ ସେବା କିଚେନ୍ ଆଗାମୀ ଦିନରେ ଅନେକ ଆବଶ୍ୟକତା ଥିବା ଲୋକଙ୍କ ନିକଟରେ ପହଞ୍ଚିପାରିବ । ସେହିପରି ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ପ୍ରୀତି ରାଇ କହିଥିଲେ ଯେ, ଏହି କିଚେନରୁ ପ୍ରଦାନ କରାଯାଉଥିବା ପ୍ରତ୍ୟେକ ଆହାରରେ ସେବା ଓ ଆଶାର ସନ୍ଦେଶ ରହିଛି, ଯାହା ସମାଜର ନିରନ୍ନ ଲୋକଙ୍କ କାମରେ ଆସିବ ।



## ନୀଳାଦ୍ରି ବିହାରରେ ଗଣେଶ ଭସାଣି ଉତ୍ସବ



**ଭୁବନେଶ୍ୱର,୧୮।୯/ଏନ୍‌ଏନ୍‌ଏସ୍:** ବିନଦାସ କ୍ଲବ ପକ୍ଷରୁ ଧୁମଧାମରେ ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ମଣ୍ଡପରେ ଯଥାବିଧି ଅନୁସାରେ ବିସର୍ଜନ ପୂଜା ସମାପନ କରାଯିବା ପରେ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା । ପାରମ୍ପରିକ ବାଦ୍ୟରେ ପ୍ରଭୁ ଶ୍ରୀ ଗଜାନନଙ୍କୁ ବିରାଟ ଶୋଭାଯାତ୍ରାରେ ନୀଳାଦ୍ରିବିହାର କଲୋନୀ ପରିକ୍ରମା କରାଯାଇଥିଲା । ଢୋଲ ଓ ଦୁଲୁଦୁଲି ବାଜାର ତାଳେତାଳେ ନାଚିଥିଲେ ଯୁବପିଢି । କଲୋନୀ ବୁଲିବା ପରେ କୁଆଖାଇ ନଦୀରେ ପ୍ରଭୁଙ୍କୁ ବିସର୍ଜନ କରାଯାଇଥିଲା । ସେହିପରି ନୀଳାଦ୍ରି ବିହାର ମା ମଙ୍ଗଳା ବସ୍ତିରେ ବିଜୟ ୟୁଥ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଗଣେଶ ପୂଜାର ମଧ୍ୟ ଆଜି ଭସାଣି ଉତ୍ସବ ହୋଇଥିଲା । ପ୍ରଭୁ ଶ୍ରୀ ଗଣେଶଙ୍କୁ ପାମ୍ପରିକ ବାଦ୍ୟର ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରାଯାଇ ବିସର୍ଜନ କରାଯାଇଥିଲା ।


# ଇଣ୍ଡିଆନ ବ୍ୟାଙ୍କ୍ 'ରାଜଭାଷା କୀର୍ତ୍ତି ପୁରସ୍କାର'ରେ ସମ୍ମାନିତ



**ଭୁବନେଶ୍ୱର,ମୁମ୍ବାଇ,୧୮।୯/ଏନ୍‌ଏନ୍‌ଏସ୍:** ଦେଶର ଅଗ୍ରଣୀ ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ 'ଇଣ୍ଡିଆନ ବ୍ୟାଙ୍କ' ନବୀ ମୁମ୍ବାଇରେ ଆୟୋଜିତ ଷଷ୍ଠ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ ୨୦୨୬ ଅବସରରେ ହିନ୍ଦୀ ଦିବସ ସମାରୋହରେ ବର୍ଷ ୨୦୨୫-୨୬ ପାଇଁ 'ରାଜଭାଷା କୀର୍ତ୍ତି ପୁରସ୍କାର' ଅନ୍ତର୍ଗତ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ ହୋଇଛି । ରାଜଭାଷା କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଲଗାତାର ତୃତୀୟ ବର୍ଷ ପାଇଁ ଇଣ୍ଡିଆନ ବ୍ୟାଙ୍କକୁ ଏହି ସମ୍ମାନ ମିଳିଛି ।

ନବୀ ମୁମ୍ବାଇର ସିଡକୋ ଏଗଜିବିସନ ସେଣ୍ଟରରେ ଆୟୋଜିତ ଦୁଇଦିନିଆ ସମ୍ମିଳନୀର ପ୍ରଥମ ଦିନରେ ଇଣ୍ଡିଆନ ବ୍ୟାଙ୍କର କାର୍ଯ୍ୟପାଳକ ନିର୍ଦ୍ଦେଶକ ଶିବ ବଜରଙ୍ଗ ସିଂହ, କେନ୍ଦ୍ର ଗୃହରାଜ୍ୟ ମନ୍ତ୍ରୀ ବଣ୍ଡି ସଞ୍ଜୟ କୁମାର ଓ ନିତ୍ୟାନନ୍ଦ ରାୟଙ୍କ ହାତରୁ ରାଜଭାଷା ବିଭାଗ ସଚିବ ଅଂଶୁଲୀ ଆର୍ଯ୍ୟଙ୍କ ଉପସ୍ଥିତିରେ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ ବ୍ୟାଙ୍କ ଦ୍ୱାରା ପ୍ରକାଶିତ କଫି ଟେବୁଲ ପୁସ୍ତକ 'ମୈ ଦିଲ୍ଲୀ ହୁଁ'ର ଲୋକାର୍ପଣ କରାଯାଇଥିଲା । ବ୍ୟାଙ୍କରେ ରାଜଭାଷା ନୀତିର ସଫଳ କାର୍ଯ୍ୟାନ୍ୱୟନ ଏବଂ ବ୍ୟାଙ୍କିଙ୍ଗ କାର୍ଯ୍ୟରେ ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମ୍ମିଳନୀର ଦ୍ୱିତୀୟ ଦିନରେ ଚେନ୍ନାଇ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ/ଆର୍ଥିକ ଅନୁଷ୍ଠାନ)ର ସଂଯୋଜକ ଇଣ୍ଡିଆନ ବ୍ୟାଙ୍କ, କର୍ପୋରେଟ କାର୍ଯ୍ୟାଳୟ ଚେନ୍ନାଇକୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ 'ନରାକାସ ରାଜଭାଷା ସମ୍ମାନ' ଅନ୍ତର୍ଗତ 'ସର୍ବଶ୍ରେଷ୍ଠ ଶ୍ରେଣୀ'ରେ ସମ୍ମାନିତ କରାଯାଇଛି । ଏହି ପୁରସ୍କାରକୁ ଇଣ୍ଡିଆନ ବ୍ୟାଙ୍କ କର୍ପୋରେଟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ଭି.ଏନ. ମାୟା ଏବଂ ସହକାରୀ ମହାପ୍ରବନ୍ଧକ ତଥା ସଦସ୍ୟ ସଚିବ ରାଜେଶ କୁମାର ସିଂହ ଗ୍ରହଣ କରିଥିଲେ ।

ସେହିପରି କାଞ୍ଚିପୁରମ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ସଂଯୋଜକ ଭାବେ ଇଣ୍ଡିଆନ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ କାଞ୍ଚିପୁରମ ଏବଂ ପୁଡୁଚେରୀ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ସଂଯୋଜକ ଭାବେ ଇଣ୍ଡିଆନ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପୁଡୁଚେରୀକୁ 'ପ୍ରଶଂସନୀୟ ଶ୍ରେଣୀ'ରେ ସମ୍ମାନିତ କରାଯାଇଛି । କାଞ୍ଚିପୁରମ ନରାକାସ ପାଇଁ ଏହି ପୁରସ୍କାର ଆଞ୍ଚଳିକ ପ୍ରବନ୍ଧକ ତଥା ନରାକାସ ଅଧ୍ୟକ୍ଷ ଗୋପା କୁମାର ଜି.ଏସ. ଏବଂ ସଦସ୍ୟ ସଚିବ ତଥା ବରିଷ୍ଠ ପ୍ରବନ୍ଧକ ସୂରଜ ପ୍ରସାଦ ସାଓ ଗ୍ରହଣ କରିଥିଲେ । ପୁଡୁଚେରୀ ନରାକାସ ପାଇଁ ସହକାରୀ ମହାପ୍ରବନ୍ଧକ ରାଜେଶ କୁମାର ସିଂହ ଏବଂ ସଦସ୍ୟ ସଚିବ ସୁମିତ ସାଓ ପୁରସ୍କାର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁମ୍ବାଇର କ୍ଷେତ୍ରୀୟ ମହାପ୍ରବନ୍ଧକ ପ୍ରାଣେଶ କୁମାରଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ପଡ଼ିଥିବା ରାଜଭାଷା ପ୍ରଦର୍ଶନୀ ଷ୍ଟଲକୁ ସମସ୍ତେ ପ୍ରଶଂସା କରିଥିଲେ ।



୭ » ନବପଲ୍ଲବ

150 ପ୍ରେମର ଶକ୍ତିକୁ ଦଣ୍ଡର ଶକ୍ତି ଠାରୁ ହଜାରେ ଗୁଣ ପ୍ରଭାବଶାଳୀ ଓ ସ୍ଥାୟୀ ବୋଲି କୁହାଯିବ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ନଦୀ ପରି ଗଢ଼ିଦିଅ


ଅନନ୍ତ କୁମାର ସେନାପତି

ନଦୀପରି ମୋତେ ଗଢ଼ିଦିଅ ସାଇଁ
ଆଗକୁ ପାରିବି ଯାଇ,
ଦୁଇ କୂଳ ଛୁଇଁ ହରଷେ ଧାଇଁବି
କଣ୍ଟା ଓ ପଥର ଡେଇଁ।
ଭିଜାଇ ପରଶେ ଶୁଖିଲା ମାଟିକୁ
ଶସ୍ୟ ଶ୍ୟାମଳା କରି,
ଭରିଦେବି ଓଠେ ଖୁସିର ଲହରୀ
ଭୋକ ଦାଉ ଯିବ ସରି।
ମୋ ଗତିପଥକୁ ରୋଧି କେ କରିବ
ବିଜୁଳି ଶକତି କଳ,
କେହି ବିତରିବେ ବିଜ୍ଞାନ ବଳରେ
ନେଇ ମୋ ଗଚ୍ଛିତ ଜଳ।
କେବେ ଉଛୁଳିବି ପ୍ରଳୟ ଜଳରେ
ଅବା ନିଦାଘର ଦେହେ,
ପଛେଇ ଯିବିନି ଜୀବନ ପଥରେ
ମୁକ୍ତ ମନରେ ବହେ।
ରୋଧିଦିଅ ନାହିଁ ମୋ ଗତିପଥକୁ
ଆଗକୁ ଆଗକୁ ଯାଇ,
ମିଶିଯିବି ଦିନେ ସାଗର ବକ୍ଷରେ
ସଭିଙ୍କ ମଙ୍ଗଳ ପାଇଁ।

**ବାଣ୍ଟୁପଡ଼ା, ରାଜଗାଙ୍ଗପୁର, ସୁନ୍ଦରଗଡ଼**
**ମୋ: ୭୦୦୮୩୦୪୨୨୫**

## ଆସ ଲଗାଇବା ଗଛ


କୁନ୍ତଳା ମହାପାତ୍ର

ବରଷା ଆସିଲା ଚିକୁନ୍ ଡାକିଲା
ମିକୁ, ମୋନା, ଢୁଢୁ ଆସ
ବଗିଚାରେ ଆମେ ଗଛ ଲଗାଇବା
ଗଛ ଦେବ ମୁଖେ ହସ।
ଅନାବନା ଘାସ ବାଛିଦେବା ସବୁ
ମାଟିକୁ ଖୁସାଇ ଦେବା
ଖାତ ଖୋଳି ଖତ ଦେଇ ତା' ମୂଳରେ
ଗଛ ସବୁ ଲଗାଇବା।
ତିନି ଚାରି ବର୍ଷ ଜଗିବା ଗଛକୁ
ଖରାଦିନେ ପାଣି ଦେବା
ଗଛ ମୂଳ ସଫା ରଖିବା ସର୍ବଦା
ଛେଳି ଗୋରୁ ତଡୁ ଥିବା।
ଗଛ ବଢ଼ିଗଲେ ଫୁଲ ଫଳ ଦେବ
ଦେଉଥିବ ପୁଣି ଛାଇ
ଖରା ଦିନ ଖରାବେଳେ କାଟି ଦେବା
ଏସି ଦରକାର ନାହିଁ।
ଗଛ ଯୋଗୁଁ ଧରା ସୁନ୍ଦର ହୋଇଛି
ଋତୁ ପରେ ଋତୁ ଆସେ
ଗଛ ନରହିଲେ ଖରା କୋପ କରି
ଜୀବ ଜଗତକୁ ନାଶେ।
ଗଛ ଲଗାଇବା ଧରମ ଆମର
ଆସ ଲଗାଇବା ଗଛ
ଗଛ ରହିଥିଲେ ପରିବେଶ ଆମ
ରହିଥିବ ସଦା ସ୍ୱଚ୍ଛ।

ହନୁମନ୍ତ ବ୍ରହ୍ମପୁର,
**ମଧଶାସନ, ଜଗତସିଂହପୁର-୧୧**
**ମୋ: ୯୯୩୭୬୩୧୫୪୪**

## କ'ଣ, କେମିତି, କାହିଁକି ?

# ଜହ୍ନ ଆମ ସହ ଚାଲିବାପରି ଲାଗେ


ଡକ୍ଟର ନିହାର ରଞ୍ଜନ ସାବତ

ତୁମେ କେବେ ଗାଡ଼ି, ବସ୍ କିମ୍ବା ଟ୍ରେନ୍‌ରେ ଯାଉଥିବାବେଳେ ଆକାଶକୁ ଚାହିଁ ଜହ୍ନକୁ ଦେଖିଛ କି ? ହୁଏତ ତୁମକୁ ଲାଗିଥିବ ଯେ, ଜହ୍ନ ମଧ୍ୟ ତୁମ ସହିତ ଚାଲୁଛି, ହେଲେ ରାସ୍ତା ପାଖରେ ଥିବା ଗଛ, ଘର, ବିଜୁଳି ଖୁଣ୍ଟ ଓ ରାସ୍ତାର ଅନ୍ୟାନ୍ୟ ଜିନିଷଗୁଡ଼ିକ ପଛକୁ ଦୌଡ଼ି ଯାଉଥିବା ପରି ଲାଗେ।



ଏହାର ମୁଖ୍ୟ କାରଣ ହେଉଛି ଜହ୍ନ ଆମଠାରୁ ବହୁତ ଦୂରରେ ଅଛି। ପୃଥିବୀଠାରୁ ଜହ୍ନର ହାରାହାରି ଦୂରତା ପ୍ରାୟ ତିନିଲକ୍ଷ ଚୌରାଅଶୀ ହଜାର ଚାରିଶହ କିଲୋମିଟର। ଆମେ ଗାଡ଼ିରେ କିଛି କିଲୋମିଟର ଯାଇଥିଲେ ମଧ୍ୟ, ଏହି ଦୂରତା ତୁଳନାରେ ଆମର ଗତି ବହୁତ ଛୋଟ। ତେଣୁ ଜହ୍ନକୁ ଦେଖିବାର ଦିଗରେ ପରିବର୍ତ୍ତନ ଅତ୍ୟନ୍ତ କମ୍ ହୁଏ। ଏହି ଘଟଣାକୁ 'ପାରାଲାକ୍ସ' କୁହାଯାଏ।

ଏହାକୁ ବୁଝିବା ପାଇଁ ନିଜ ଆଙ୍ଗୁଠିକୁ ଆଖି ସାମ୍ନାରେ ଧରି ପ୍ରଥମେ ଗୋଟିଏ ଆଖି ଓ ପରେ ଅନ୍ୟ ଆଖିରେ ଦେଖ। ଆଙ୍ଗୁଠିଟି ହଲିଯାଇଥିବା ପରି ଲାଗିବ। ନିକଟ ବସ୍ତୁରେ ଏହି ପରିବର୍ତ୍ତନ ଅଧିକ, ଦୂର ବସ୍ତୁରେ କମ୍ ଦେଖାଯାଏ। ତେଣୁ ଗାଡ଼ି ଚାଲିବାବେଳେ ନିକଟରେ ଥିବା ଗଛ ଓ ଘରଗୁଡ଼ିକ ଦ୍ରୁତ ଗତିରେ ପଛକୁ ଯାଉଥିବା ପରି ଲାଗେ, ଦୂର ପାହାଡ଼ ଧୀରେ ଚାଲୁଥିବା ପରି ଲାଗେ ଏବଂ ଜହ୍ନ ପ୍ରାୟ ସ୍ଥିର ଦେଖାଯାଏ।

କିନ୍ତୁ ଜହ୍ନ ଆଦୌ ସ୍ଥିର ନୁହେଁ। ଏହା ପୃଥିବୀକୁ ପରିକ୍ରମା କରେ ଏବଂ ନିଜ ଅକ୍ଷରେ ମଧ୍ୟ ଘୂରେ। ଜହ୍ନର ଘୂର୍ଣ୍ଣନ ସମୟ ଓ ପୃଥିବୀ ପରିକ୍ରମା ସମୟ ପ୍ରାୟ ସମାନ ହୋଇଥିବାରୁ ଆମେ ପୃଥିବୀରୁ ତାହାର ପ୍ରାୟ ସେହି ପାର୍ଶ୍ୱକୁ ସବୁବେଳେ ଦେଖୁଥାଉ। ଜହ୍ନ ପୃଥିବୀକୁ ପ୍ରାୟ ସତେଇଶି ଦଶମିକ ତିନି ଦିନରେ ଥରେ ପରିକ୍ରମା କରେ। ଆମେ ଆକାଶରେ ଜହ୍ନର ଗତି ଦେଖୁଥିବାର ଆଉ ଏକ କାରଣ ହେଉଛି ପୃଥିବୀର ନିଜ ଅକ୍ଷରେ ଘୂର୍ଣ୍ଣନ।

ତେଣୁ, ଯାତ୍ରାବେଳେ ଜହ୍ନ ଆମକୁ ଅନୁସରଣ କରୁନାହିଁ। ଏହା ବହୁତ ଦୂରରେ ଥିବାରୁ ଆମର ଛୋଟ ଯାତ୍ରା ତାହାର ଦୃଶ୍ୟସ୍ଥାନକୁ ବହୁତ କମ୍ ପରିବର୍ତ୍ତନ କରେ। ନିକଟ ବସ୍ତୁର ଦ୍ରୁତ ଦୃଶ୍ୟଗତି ଓ ଜହ୍ନର ପ୍ରାୟ ସ୍ଥିର ଦୃଶ୍ୟ ମିଶି ଆମ ମନରେ ଜହ୍ନ ଆମ ସହ ଚାଲୁଥିବାର ଭ୍ରମ ସୃଷ୍ଟି କରିଥାଏ।

**ସଂଗଣକ ବିଜ୍ଞାନ ଓ ପ୍ରୟୋଗ ବିଭାଗ, ସାଇମ୍ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ, ଭୁବନେଶ୍ୱର-୧୦**
**ମୋ: ୯୭୭୭୦୧୧୯୬୮**

## ଗପ

# ସାହାରା


ଦୁର୍ଗାବତୀ ପ୍ରଧାନ

ଗୋଟିଏ ମାଙ୍କଡ଼କୁ ବୃଦ୍ଧ ଦମ୍ପତି ପାଳିଥାନ୍ତି। ତା'ର ନାଁ ଦେଇଥାନ୍ତି 'ମୁକୁଲ୍।' ତାକୁ ଗାଧୋଇ ଦେବା, ଖୁଆଇବା, ଶୁଆଇବା, ତାକୁ ଜାମା ପ୍ୟାଣ୍ଟ ପିନ୍ଧାଇବା, ତା' ସାଙ୍ଗରେ ଖେଳିବାରେ ସମୟ କାଟି ଦିଅନ୍ତି। ତାକୁ ନେଇ ପାର୍କ ଯାଆନ୍ତି। ବଜାର ବୁଲାନ୍ତି। ସକାଳେ ଚାଲିବାକୁ ଗଲେ ମଧ୍ୟ ତାକୁ ସଙ୍ଗରେ ନେଇ ଯାଆନ୍ତି। ବିଭିନ୍ନ ପ୍ରକାର ଜିନିଷ ଖାଇବାକୁ ଦିଅନ୍ତି। ଗେଲ କରନ୍ତି। ସତେ ଯେମିତି ସେ ତାଙ୍କର ଛୁଆ। ସମସ୍ତେ ଏ କଥା ଲକ୍ଷ୍ୟ କରନ୍ତି।



ଦିନେ ତାଙ୍କର ଜଣେ ବନ୍ଧୁ ପଚାରିଲା- ତୁମେ ମାଙ୍କଡ଼ଟିକୁ ଏତେ ଭଲ ପାଉଛ ଯେ କେହି ଭାବିବ ଯେ ସେ ମାଙ୍କଡ଼ ନୁହେଁ ତୁମର ନିଜ ଛୁଆ ? ଦମ୍ପତି ଦୁଇ ଜଣ ହସିଲେ, କହିଲେ- ତାହାରି ହସରେ ତାହାରି ଖୁସିରେ ଆମେ ଖୁସି। ତା' କାମ କରିବାରେ, ତା ସାଙ୍ଗରେ ଖେଳିବାରେ ଏମିତି ଦିନ କଟିଯାଏ ଯେ ଆମେ ଆଉ ଏକଲାପଣ ଅନୁଭବ କରିପାରୁ ନାହୁଁ। ନିଜର ଛୁଆମାନେ ତ ଚାକିରି କରି ବାହାରେ ରହିଲେ, ଫୋନ୍‌ଟିଏ କରିବାକୁ ତାଙ୍କର ମଧ୍ୟ ବେଳ ନାହିଁ କହି ଫୋନ୍ କାଟିଦେବେ। ଏଇ ମୁକୁଲ୍‌କୁ ପାଇ ଆମେ ପିଲାଙ୍କୁ ନ ପାଇବାର ଦୁଃଖ ଭୁଲିଯାଉଛୁ। ଆଉ କ'ଣ ବା କରିବୁ ! ଏହା କହିଲା ବେଳକୁ ତାଙ୍କ ଆଖିରୁ ଗଡ଼ି ପଡ଼ିଲା କେତେ ଧାର ଲୁହ। ମୁକୁଲ୍ ଆମ ପାଖରେ ଆଶ୍ରୟ ନେଇନି ଯେ, ଆମେ ତାକୁ ଆଶ୍ରା କରି ବଞ୍ଚିଛୁ। ସେ ହିଁ ଆମର ସାହାରା।

**ସର୍ବୋଦୟନଗର, ପୁରୀ-୨**
**ମୋ: ୯୮୬୧୨୫୩୦୬୯**

## ରେକର୍ଡ଼

# ସବୁଠୁ ବଡ଼ ଯାତ୍ରୀ ବିମାନ




ବିଶ୍ୱର ସବୁଠୁ ବଡ଼ ଯାତ୍ରାବାହୀ ବିମାନ ହେଉଛି ଏୟାରବସ୍ ଏ-୩୦୦। ଏହାର ସ୍ୱୀକୃତିପ୍ରାପ୍ତ ଆସନ ସଂଖ୍ୟା ୮୫୩। ଲମ୍ବ ୭୨.୭ ମିଟର (୨୩୮ ଫୁଟ ଏବଂ ଡେଣାର ଲ ୭୯.୮ ମିଟର (୨୬୨ ଫୁଟ)। ଅନ୍ୟ କୌଣସି ଯାତ୍ରୀବାହୀ ବିମାନର ଏତେ ବଡ଼ ଡେଣା ନାହିଁ। ଯାତ୍ରୀଙ୍କ ସହ ଏହାର ଓଜନ ୫୭୫୦ କ୍ୱିଣ୍ଟାଲ। ବିମାନଟି ଡବ୍ଲ ଡେକର ବା ଦୁଇ ମହଲା ବିଶିଷ୍ଟ। ଏମିରେଟ୍ସ, ବ୍ରିଟିଶ ଏୟାରୱେଜ, ସିଙ୍ଗାପୁର ଏୟାର ଲାଇନ୍ସ ଓ କ୍ୱାଣ୍ଟସ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ପକ୍ଷରୁ ଏହି ବିମାନର ଚଳାଚଳ କରାଯାଉଛି। ୨୦୦୭ ଅକ୍ଟୋବର ୨୫ ତାରିଖରେ ସିଙ୍ଗାପୁର ଏୟାର ଲାଇନ୍ସ ପକ୍ଷରୁ ପ୍ରଥମ କରି ଏହି ବିମାନ ଚଳାଚଳ ଆରମ୍ଭ କରିଥିଲା।। ବିମାନଟିର ସଫଳ ପରୀକ୍ଷାମୂଳକ ଉଡ଼ାଣ କରାଯାଇଥିଲା ୨୦୦୫ ଏପ୍ରିଲ ୨୭ ତାରିଖରେ।

## କଅଣ କରିବୁ କହ


କୀର୍ତ୍ତନ ସାହୁ

ଦେବି ତୋତେ ମୁଁ ଫୁଲଟିଏ ଯଦି
କଅଣ କରିବୁ ତୁହି
କୁନା କହେ ତାକୁ ପ୍ରଭୁଙ୍କ ପାଦରେ
ଥୋଇ ନମ ହେବି ମୁହିଁ।
ଦେବି ତୋତେ ଯଦି କଣ୍ଢେଇଟିଏ ମୁଁ
କଅଣ କରିବୁ ଯାଇ
ହସ ଖୁସି ହୋଇ ଖେଳ ଖେଳି ଯିବି
କୁନି ଝିଅ ସାଥେ ଥାଇ।
ଦେବି ତୋତେ ମୁହିଁ ପେନସିଲଟିଏ ମୁଁ
କଅଣ କରିବୁ କହ
ଭଲ ଭଲ ଛବି ଆଙ୍କିଯିବି ମାଆ
କହୁଥାନ୍ତୁ ପଛେ ରହ।
ଦେବି ଯଦି ତୋତେ କଲମଟିଏ ମୁଁ
କଅଣ ପାରିବୁ କରି
ବିଦ୍ୟାଳୟ ପାଠ ବସି ମୁଁ କରିବ
ବହି ଖାତା ପତ୍ର ଧରି।
ଦେବି ଯଦି ତୋତେ ନୀତି ଶିକ୍ଷା ବାଣୀ
ମାନି ପାରିବୁ କି ତୁହି
ନିଶ୍ଚୟ ସେ ବାଣୀ କାମେ ଲଗାଇବି
ଶପଥ କରୁଛି ମୁହିଁ।

**ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର**
**ମୋ: ୯୪୩୮୪୧୪୭୦୧**

## ବିଦ୍ୟାର୍ଥୀମାନଙ୍କୁ ପଦେ


ଡ. ସରୋଜକୁମାର ପାଣିଗ୍ରାହୀ

ପାଠ ପଢ଼ା ଯେ ପ୍ରଥମ କାର୍ଯ୍ୟ
ସର୍ବଦା ଜାଣନ୍ତି ସର୍ବେ,
ତା' ବିନା କେହି ହୋଇପାରିଛି
ଗଣା କିରେ ଛାତ୍ର ଭାବେ।
ସକାଳୁ ସକାଳୁ ଶେଯ ଛାଡ଼ି
ନିତ୍ୟ କରମ କରିବା
ବ୍ୟାୟାମର ସାଥେ ପ୍ରାଣାୟାମ
ଆନନ୍ଦେ ସାରିତ ଦେବା।
ତା' ପରେ ଖାଅ ପ୍ରାତଃ ଭୋଜନ
ମନକୁ ହରଷ କରି
ସୁସ୍ଥିର ମନେ ପାଠ ଅଭ୍ୟାସ
କରିବ ବକର ପରି।
ସ୍ନାହାନ ସାରି ବିଦ୍ୟାଳୟକୁ
ଯିବରେ ବହି ଧରି
ମନ ଧ୍ୟାନରେ ଗୁରୁଙ୍କ ବାଣୀ
ଶୁଣିବ ଲୟ କରି।
ଘରକୁ ଫେରି ଗୋଡ଼ ହାତକୁ
ଜଳଦି ଦେବ ଧୋଇ।
ସାଙ୍ଗମାନଙ୍କ ସହ ଗ୍ରାମ ପ୍ରାନ୍ତରେ
ଖେଳିବ ସାଥୀ ହୋଇ।
କାକ ରାବ ବକଧ୍ୟାନ ଶ୍ୱାନ
ନିଦ୍ରା ସ୍ୱଳ୍ପାହାର ଜାଣ
ଗୃହ ତ୍ୟାଗ ଆଦି ଗୁଣ ଅଟେ
ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣ।
ଖେଳ ବ୍ୟାୟାମ କରିଲେ ନିତି
ହୋଇବ ଯେ ସ୍ୱାସ୍ଥ୍ୟବାନ
ସ୍ମରଣ ଶକ୍ତି ପ୍ରଖର ହୁଏ
ନ କରିବ ଦ୍ୱିଧା ମନ।
ପାଠ ପଢ଼ାରେ ସଫଳ ବିଫଳ
ମୁଦ୍ରାର ପାର୍ଶ୍ୱ ଦୁଇ
ଆଜି ଯେ ବିଫଳ କାଲି ସେ ସଫଳ
ତା' ଦିଏ ଚେତାଇ।

**ଜୟରାମପୁର, ଭୋଗରାଇ,**
**ବାଲେଶ୍ୱର-୩୮**
**ମୋ: ୯୫୮୩୧୭୩୬୮୨**


## ଆକାଶୁ ବରଷେ ନିଆଁ


ଦିଲ୍ଲୀପ କୁମାର ସାହୁ

ଗଛ କାଟି ବଣ ଉଜାଡୁଛୁ ବୋଲି
ଆକାଶୁ ବରଷେ ନିଆଁ
ନିଆଁ ବରଷାରେ ଜଳୁଛି ସହର
ଜଳେ ମଫସଲ ଗାଆଁ।
ବିଜୁଳି ଚମକେ ଘଡ଼ଘଡ଼ି ମାରେ
ବରଷାର ଦେଖାନାହିଁ
ଛାଇ ଛଳଛଳ ମେଘୁଆ ସକାଳ
ଗୁଲୁଗୁଲି କମୁନାହିଁ।
ଆଷାଢ଼ ମାସରେ କ୍ଷେତ ଫାଟି ଆଁ
ଧାନ ଗଜା ଯାଏ ମରି
ଉଜୁଡ଼ା କ୍ଷେତରେ ମଥା ପିଟେ ଚାଷୀ
କପାଳରେ ହାତ ମାରି।
ମଉସୁମୀ ଆସେ ମାଟି ଦୁଲୁକେଇ
ବଉଦ ଯାଉଛି ହଜି
ଗଛ ନାହିଁବୋଲି ଦିନରାତି ତାତି
ଝାଳରେ ଯାଉଛୁ ଭିଜି।
ପଣ କରି ଆସ ଗଛ ଲଗାଇବା
ପଡ଼ିଆ ରହିଛି ଯହିଁ
ଉଜାଡ଼ିବା ନାହିଁ ବଣ ଜଙ୍ଗଲକୁ
ଆମରି ମଙ୍ଗଳ ପାଇଁ।

**ଶଙ୍କରପୁର, ଚାରବାଟିଆ, କଟକ**
**ମୋ: ୭୦୭୭୨୦୬୯୭୭**

## ପାରିବ ଯଦି କୁହ ?



୧- ଉତ୍କଳ ବିଶ୍ୱବିଦ୍ୟାଳୟ କେବେ ପ୍ରତିଷ୍ଠା ହୋଇଥିଲା ?
୨- ଚିଲିକା ହ୍ରଦର ସୀମା କେଉଁ କେଉଁ ଜିଲ୍ଲାକୁ ଛୁଇଁଛି ?
୩- ରାଜଭବନ ଗୁଡ଼ିକ ଏବେ କେଉଁ ନାମରେ ପରିଚିତ ?
୪- ଦ୍ୱାରକାଧୀଶ ମନ୍ଦିରରେ କେଉଁ ଦେବତା ପୂଜା ପାଆନ୍ତି ?
୫- ପ୍ରସିଦ୍ଧ ଉପନ୍ୟାସ 'ପରଜା'ର ଲେଖକ କିଏ ?
୬- ଭାରତର କେଉଁ ଅଞ୍ଚଳ ଗିବନଙ୍କ ବାସସ୍ଥଳୀ ?
୭- ଭାରତର ସର୍ବୋଚ୍ଚ ଶୃଙ୍ଗର ନାମ କ'ଣ ?

[illegible]


## ଜୀବ ଜଗତର ଅଜବ କଥା

### ୮୮ ନମ୍ବର ପ୍ରଜାପତି

୮୮ ଏକ ପ୍ରକାର ପ୍ରଜାପତି ଅଛନ୍ତି ଯେଉଁମାନଙ୍କ ପଛ ଡେଣାର ତଳ ପଟେ ଦାଗ ରହିଛି, ଯାହା ଦେଖିବାକୁ ଠିକ୍ ଇଂରାଜୀ ସଂଖ୍ୟା ୮୮ ଭଳି। ଏହି ପ୍ରଜାପତି ଦକ୍ଷିଣ ଆମେରିକା ଓ କେନ୍ଦ୍ରୀୟ ଆମେରିକାରେ ଦେଖାଯାନ୍ତି। ଏମାନଙ୍କ ଡେଣାର ଲମ୍ବ ୧.୫ରୁ ୧.୭ ଇଞ୍ଚ।



## କୁନାକୁନିଙ୍କ ଚିତ୍ର



ଦେବହୂତି ବରଦାଲକ୍ଷ୍ମୀ ରାଉତ, କ୍ଲାସ୍-୩, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡ଼ା



ଚେତନା ପାଢ଼ୀ, କ୍ଲାସ୍-୪, ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର

## ତୁମ ପାଇଁ ବହି

**ପଶୁପକ୍ଷୀ ପିଲାଙ୍କ ନାଟକ**
**ଲେଖକ: ଅଜୟ କୁମାର ସେଠୀ**
**ପ୍ରକାଶନ: ସୁନାପିଲା ପ୍ରକାଶକ**
**ଠିକଣା: ଝାଞ୍ଜିରୀ ମଙ୍ଗଳା, କଟକ-୯**
**ମୂଲ୍ୟ: ୧୫ ଟଙ୍କା**

ପିଲାମାନଙ୍କ ପାଇଁ ଏହା ଏକ ଉପଯୋଗୀ ନାଟକ। ସେମାନଙ୍କୁ ଆନନ୍ଦ ପ୍ରଦାନ ସହ କିଛି ନୀତି ଶିକ୍ଷା ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ପୁସ୍ତକଟି ଛୋଟ ହୋଇଥିବାରୁ ପିଲାମାନେ ଏହାକୁ ସହଜରେ ପଢ଼ିପାରିବେ। ସଂଳାପଗୁଡ଼ିକ ବେଶ୍ ସରଳ ଓ ସାବଲୀଳ ହୋଇଥିବା ଯୋଗୁଁ ପିଲାମାନେ ପଢ଼ିବା ବେଳେ ଯଥେଷ୍ଟ ଖୁସି ଅନୁଭବ କରିବେ। ବହିଟି ଓଡ଼ିଆ ଶିଶୁସାହିତ୍ୟରେ ନାଟକର ଅଭାବକୁ ନିଶ୍ଚୟ କିଛି ଅଂଶରେ ଦୂର କରିପାରିବ।




'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ଏସିଆନ୍ ଗେମ୍ସ ସେମିରେ ଭାରତୀୟ ମହିଳା ଟିମ୍



**ଜାପାନକୁ ୮ ୱିକେଟ୍‌ରେ ହରାଇଲା**

**ଶେଫାଳୀ ବର୍ମାଙ୍କ ୪୦ ରନ୍, ଚରଣୀଙ୍କୁ ୪ ୱିକେଟ୍**

**ନିଙ୍ଗ୍‌ବୋ,୧୮।୯/ଏଜେନ୍ସି:** ଭାରତୀୟ ମହିଳା ଟିମ୍ ଏସିଆନ୍ ଗେମ୍ସ ୨୦୨୬ର ସେମିଫାଇନାଲ୍‌ରେ ପହଞ୍ଚିଛି। ଭାରତ ରବିବାରର ସେମିଫାଇନାଲ୍‌ରେ ବାଂଲାଦେଶକୁ ଭେଟିବ। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଟିମ୍ ଜାପାନକୁ ୮ ୱିକେଟ୍‌ରେ ହରାଇ ଦେଇଛି। କୋରୋଗୀ ସ୍ପୋର୍ଟ୍ସ ପାର୍କରେ ଜାପାନ ଟିମ୍ ୧୯.୫ ଓଭର୍‌ରେ ୫୭ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ଆୟକା କାଟୋ-ଷ୍ଟାଫୋର୍ଡ ୪୭ ବଲ୍‌ରେ ସର୍ବାଧିକ ୨୫ ରନ୍ ଏବଂ ହାରୁନା ଇଓ୍ୱାସାକି ୧୦ ରନ୍ କରିଥିଲେ। ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀ ୪ଟି ୱିକେଟ୍ ନେଇଥିଲେ। ଶେଫାଳୀ ବର୍ମାଙ୍କୁ ଦୁଇଟି ଏବଂ ଦୀପ୍ତି ଶର୍ମା ଓ ଶ୍ରେୟଙ୍କା ପାଟିଲ୍‌ଙ୍କ ୧-୧ ସଫଳତା ମିଳିଥିଲା। ଜବାବରେ ଭାରତ ଶେଫାଳୀ ବର୍ମାଙ୍କ ୧୫ ବଲ୍‌ରେ ଅପରାଜିତ ୪୦ ରନ୍ ସହାୟତାରେ ୫ ଓଭର୍‌ରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଜି କମଳିନୀ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିବା ବେଳେ ଭାରତୀ ଫୁଲମାଳୀ ମାତ୍ର ୬ ରନ୍ କରିଥିଲେ। ୱିକେଟ୍‌କିପର୍ ରିଚା ଘୋଷ ୬ ବଲ୍‌ରେ ଦୁଇଟି ଚୌକା ସହାୟତାରେ ୧୨ ରନ୍ କରି ଅପରାଜିତ ରହିଥିଲେ। ଭାରତ ୨୦୨୩ ଏସିଆନ୍ ଗେମ୍ସର ଡିଫେଣ୍ଡିଂ ଚାମ୍ପିଅନ୍। ଟିମ୍ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭାରତ ନିକଟରେ ଅଷ୍ଟମ ଥର ମହିଳା ଏସିଆ କପ୍ ଟାଇଟଲ୍ ମଧ୍ୟ ନିଜ ନାମରେ କରିଛି।

### ବିସିସିଆଇ ବାର୍ଷିକ ସାଧାରଣ ବୈଠକ

# ଅଗରକରଙ୍କ ଭବିଷ୍ୟତକୁ ନେଇ ସସ୍‌ପେନ୍ସ ଜାରି

**ପାର୍ଥିବ ପଟେଲ୍ ହୋଇପାରନ୍ତି ନୂଆ ମୁଖ୍ୟ ଚୟନକର୍ତ୍ତା**

**ଅରୁଣ ଧୂମାଲ୍ ଆଇପିଏଲ୍ ଅଧ୍ୟକ୍ଷ ନିଯୁକ୍ତ**



**ମୁମ୍ବାଇ,୧୮।୯/ଏଜେନ୍ସି:** ବିସିସିଆଇ ହେଡ୍‌କ୍ୱାର୍ଟର୍‌ରେ ଶୁକ୍ରବାର ବୋର୍ଡର ୯୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚୟନ କମିଟିର ଭବିଷ୍ୟକୁ ନେଇ ବଡ଼ ପଦକ୍ଷେପ ନିଆଯାଇଛି। ସିନିୟର୍ ଏବଂ ଜୁନିୟର୍ ପୁରୁଷ ଚୟନ କମିଟି ସହ ଜନିତ ସମସ୍ତ ନିଷ୍ପତ୍ତି ଅଧିକାର ବୋର୍ଡର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଅଗରକରଙ୍କ ଚୁକ୍ତି ଚଳିତ ବର୍ଷ ଅକ୍ଟୋବରରେ ଶେଷ ହେବ। ଏବେ ଦେଖିବାର ଅଛି ଯେ ଆସନ୍ତାବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଉଛି କି ନାହିଁ।

ଅଗରକରଙ୍କ ପଦକୁ ନେଇ ସୃଷ୍ଟି ଅସମଞ୍ଜସ୍ୟ ସ୍ଥିତି ମଧ୍ୟରେ ପୂର୍ବତନ ଭାରତୀୟ ୱିକେଟ୍‌କିପର୍ ବ୍ୟାଟର୍ ପାର୍ଥିବ ପଟେଲ୍‌ଙ୍କ ନାମ ସର୍ବାଗ୍ରେ ରହିଛି। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ସହାୟକ କୋଚ୍ ଏବଂ କମେଣ୍ଟେଟର୍ କାମ କରୁଥିବା ପାର୍ଥିବ ପଟେଲ୍‌ଙ୍କୁ ଅଗରକରଙ୍କ ବିକଳ୍ପ ଭାବେ ଦେଖାଯାଉଛି। ପାର୍ଥିକ ସନ୍ନ୍ୟାସ ନେବାର ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଯାଇଥିବାରୁ ସେ ମୁଖ୍ୟ ଚୟନକର୍ତ୍ତା ହେବାକୁ ଥିବା ନିୟମରେ ପୂରା ଫିଟ୍ ହେଉଛନ୍ତି। ଯଦି ଅଗରକାରଙ୍କ କାର୍ଯ୍ୟକାଳ ବୃଦ୍ଧି କରାନଯାଏ, ତେବେ ବିସିସିଆଇ ନୂଆ ଆବେଦନ ପାଇଁ ବିଜ୍ଞାପନ ପ୍ରକାଶ କରିବ ଏବଂ ସାକ୍ଷାତ୍‌କାର ଜରିଆରେ ନୂଆ ମୁଖ୍ୟ ଚୟନକର୍ତ୍ତା ଚୟନ କରିବ।

ବିସିସିଆଇ ଉପସଭାପତି ରାଜୀବ ଶୁକ୍ଳା ବୈଠକ ପରେ ମିଡିଆ ସହିତ କଥାବାର୍ତ୍ତାବେଳେ କହିଛନ୍ତି, ଚୟନ କମିଟିକୁ ନେଇ ନିଷ୍ପତ୍ତି ପରେ ହେବ। ଏହା ବ୍ୟତୀତ ବୈଠକରେ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ଅରୁଣ ଧୂମାଲ୍ ଏବଂ ଖୈରୁଲ୍ ଜମାଲ ମଜୁମଦାର (ମାମୋନ୍)ଙ୍କୁ ବିନା ବିରୋଧରେ ପୁଣିଥରେ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ପାଇଁ ଚୟନ କରାଯାଇଛି। ଧୂମାଲ ପୂର୍ବପରି ଆଇପିଏଲ୍ ଅଧ୍ୟକ୍ଷ ରହିବେ।

ଏହା ବ୍ୟତୀତ ଘରୋଇ କ୍ରିକେଟ୍‌ର ଅମ୍ପାୟାର୍, ମ୍ୟାଚ୍ ରେଫରି ଏବଂ ସ୍କୋରର୍‌ଙ୍କ ଫି'ରେ ବଡ଼ ଧରଣର ବୃଦ୍ଧି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ସ୍ଥିର କରିବା ପାଇଁ ଏକ ତିନିଜଣିଆ କମିଟି ଗଠନ କରାଯିବ। କେତେକ ୫୦ ଓଭର୍ ମ୍ୟାଚ୍‌କୁ ଏବେ ୨୦ ଓଭର୍ ବିଶିଷ୍ଟ କରିଦିଆଯାଇଛି। ସେହିପରି ରାଞ୍ଚିରେ ହେବାକୁ ଥିବା ବର୍ଡର୍-ଗାଭାସ୍କର ଟ୍ରଫି (ବିଜି) ଟେଷ୍ଟ ମ୍ୟାଚ୍‌ର ଭେନ୍ୟୁକୁ ବଦଳାଇବା ପାଇଁ କୌଣସି ଆଲୋଚନା ହୋଇନାହିଁ। ଏହା ସହିତ ଆଇନଗତ ଅସୁବିଧା କାରଣରୁ ଆଣ୍ଡାମାନ ଓ ନିକୋବର ଦ୍ୱୀପ ସମୂହକୁ ବିସିସିଆଇରେ ଯୋଡ଼ିବା ନିଷ୍ପତ୍ତିକୁ ଟାଳି ଦିଆଯାଇଛି।

### ପ୍ରଥମ ଅଣ୍ଡର-୧୯ ଦିନିକିଆ

# ଅଷ୍ଟ୍ରେଲିଆକୁ ୭ ରନ୍‌ରେ ହରାଇଲା ଭାରତ



**ଡେବ୍ୟୁ ମ୍ୟାଚ୍‌ରେ ଚମକିଲେ ଅନ୍ୱୟ ଦ୍ରାବିଡ୍ ଓ ଆର୍ଯ୍ୟବୀର ସେହ୍ୱାଗ**

**ରାଜକୋଟ,୧୮।୯/ଏଜେନ୍ସି:** ସ୍ଥାନୀୟଳ ନିରଞ୍ଜନ ଶାହ ଷ୍ଟାଡିୟମ୍‌ରେ ଭାରତ ଅଣ୍ଡର-୧୯ ଓ ଅଷ୍ଟ୍ରେଲିଆ ଅଣ୍ଡର-୧୯ ମଧ୍ୟରେ ଆରମ୍ଭ ହୋଇଥିବା ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ରନ୍‌ରେ ବିଜୟୀ ହୋଇଛି। ବର୍ଷା ପ୍ରଭାବିତ ଏହି ମ୍ୟାଚ୍‌କୁ ୨୦ ଓଭର୍ ବିଶିଷ୍ଟ କରାଯାଇଥିଲା। ପ୍ରଥମେ ଭାରତ ୬ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ୍ ୭ ୱିକେଟ୍ ବିନିମୟରେ ୧୭୫ ରନ୍ କରିପାରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତୀୟ ଅଣ୍ଡର-୧୯ ଟିମ୍ ପାଇଁ ଅଲ୍‌ରାଉଣ୍ଡର୍ ଯଶବର୍ଦ୍ଧନ ଚୌହାନ୍ ୩୪ ବଲ୍‌ରେ ପାଞ୍ଚ ଚୌକା ଓ ଦୁଇ ଛକା ବଳରେ ସର୍ବାଧିକ ୫୪ ରନ୍ କରିଥିଲେ। ଏହା ବ୍ୟତୀତ ଅନ୍ୱୟ ଦ୍ରାବିଡ୍‌ଙ୍କ ସହ ସେ ପଞ୍ଚମ ୱିକେଟ୍ ପାଇଁ ୬୯ ରନ୍‌ର ପାର୍ଟନରଶିପ୍ ମଧ୍ୟ କରିଥିଲେ। ପୂର୍ବତନ ଖେଳାଳି ରାହୁଲ ଦ୍ରାବିଡ୍ ଓ ବୀରେନ୍ଦ୍ର ସେହ୍ୱାଗ୍‌ଙ୍କ ପୁଅ ଅନ୍ୱୟ ଓ ଆର୍ଯ୍ୟବୀର ଏହି ମ୍ୟାଚ୍‌ରେ ଡେବ୍ୟୁ କରିଥିଲେ। ଆର୍ଯ୍ୟବୀର ପିତାଙ୍କ ପରି ଇନିଂସ୍ ଓପନ୍ କରି ୨୬ ବଲ୍‌ରେ ୫ ଚୌକା ସହାୟତାରେ ୨୮ ରନ୍ କରିଥିଲେ। ସେହିପରି ଅନ୍ୱୟ ୬ଷ ନମ୍ବରରେ ବ୍ୟାଟିଂ ପାଇଁ ଆସି ୧୮ ବଲ୍‌ରେ ୩୮ ରନ୍‌ର ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସ୍‌ରେ ଦୁଇଟି ଚୌକା ଓ ତିନିଟି ଛକା ସାମିଲ ଥିଲା।

ଜବାବରେ ଓପ୍ନର୍ ନୀଲ୍ ପଟେଲ୍ (୪୫) ଓ ହେଡେନ୍ ବାରବୁଲୋଭିକ୍ (୪୦) ଅଷ୍ଟ୍ରେଲିଆକୁ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ୱିକେଟ୍ ପାଇଁ ୫୮ ରନ୍ ଯୋଡ଼ିଥିଲେ। ହେଡ୍ ହୋଲିକ୍ ୨୪ ରନ୍‌ର ଯୋଗଦାନ ଦେଇଥିଲେ। କ୍ୟାପ୍ଟେନ୍ ଜ୍ୟାକ୍ ଜୋସ୍‌ନେକ୍ ୨୭ ବଲ୍‌ରେ ସର୍ବାଧିକ ୫୫ ରନ୍ କରିଥିଲେ। ଯଶବର୍ଦ୍ଧନ ଚୌହାନ୍ ସେଟ୍ ବ୍ୟାଟର୍ ବାରବୁଲୋଭିକ୍ ଓ ନୀଲ୍ ପଟେଲ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଅଷ୍ଟ୍ରେଲିଆକୁ ଶେଷ ଓଭର୍‌ରେ ବିଜୟ ପାଇଁ ୧୧ ରନ୍‌ର ଆବଶ୍ୟକତା ଥିଲା। ଫାଷ୍ଟ ବୋଲର୍ ମୋହିତ ଉଲ୍‌ଭା ସଠିକ୍ ବୋଲିଂ କରି ମାତ୍ର ୩ ରନ୍ ଦେଇଥିଲେ ଏବଂ ଭାରତ ଏକ ରୋମାଞ୍ଚକର ବିଜୟ ହାସଲ କରିଥିଲା।



ବିସିସିଆଇର ୯୫ତମ ବାର୍ଷିକ ସାଧାରଣ ବୈଠକ ଅବସରରେ ଶୁକ୍ରବାର ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଓ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ନବନିଯୁକ୍ତ ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ସିଂହ ଧୂମଲ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି

## ବୈଶାକଙ୍କ ସ୍ଥାନରେ ତ୍ରିପୁରାଣା ବିଜୟ




**ନୂଆଦିଲ୍ଲୀ,୧୮।୯/ଏଜେନ୍ସି:** ଅଷ୍ଟ୍ରେଲିଆ-ଏ' ବିପକ୍ଷରେ ହେବାକୁ ଥିବା ଦୁଇ ଚାରିଦିନିଆ ମ୍ୟାଚ୍ ପାଇଁ ଇଣ୍ଡିଆ-ଏ' ଟିମ୍‌ରେ ପରିବର୍ତ୍ତନ କରାଯାଇଛି। ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇନଥିବା କର୍ଣ୍ଣାଟକ ଫାଷ୍ଟ ବୋଲର୍ ବିଜୟକୁମାର ବୈଶାକଙ୍କୁ ଟିମ୍‌ରୁ ବାହାର ହେବାକୁ ପଡ଼ିଛି। ୨୯ ବର୍ଷୀୟ ବୈଶାକଙ୍କୁ ୧୫ ଜଣିଆ ଟିମ୍‌ରେ ସ୍ଥାନ ଦିଆଯାଇଥିଲା। ତେବେ ତାଙ୍କ ଚୟନ ସହିତ ଫିଟ୍‌ନେସ୍‌କୁ ନେଇ ସର୍ତ୍ତ ମଧ୍ୟ ସାମିଲ ଥିଲା। ଉପେକ୍ଷିତ ସମୟ ମଧ୍ୟରେ ରିକଭରୀ ନକରିବା ପରେ ତାଙ୍କ ଅଷ୍ଟ୍ରେଲିଆ-ଏ ବିପକ୍ଷ ଦୁଇଟି ଯାକ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚ୍‌ରୁ ବାହାର କରାଯାଇଛି। ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁସାରେ ତାଙ୍କ ସ୍ଥାନରେ ଆନ୍ଧ୍ର ପ୍ରଦେଶ ସ୍ପିନର୍ ତ୍ରିପୁରାଣା ବିଜୟଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ବିଜୟ ପୂର୍ବରୁ ହିଁ ବିସିସିଆଇ ରାଡାର୍‌ରେ ଥିଲେ। ୨୫ ବର୍ଷୀୟ ଅଫ୍ ସ୍ପିନର୍‌ଙ୍କୁ ନିକଟରେ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ସ୍ପିନ୍ ବୋଲିଂ କ୍ୟାମ୍ପ୍‌କୁ ଡକାଯାଇଥିଲା। ତ୍ରିପୁରାଣା ବିଜୟ ନିକଟରେ ଦୁଲୀପ୍ ଟ୍ରଫି ୨୦୨୬-୨୭ର ଫାଇନାଲ୍‌ରେ ସାଉଥ୍ ଜୋନ୍ ପାଇଁ ଖେଳି ମୋଟ ପାଞ୍ଚ ୱିକେଟ୍ ହାସଲ କରିଥିଲେ। ଏହି ପ୍ରଦର୍ଶନ ତାଙ୍କୁ ଇଣ୍ଡିଆ-ଏ ଟିମ୍‌ରେ ସ୍ଥାନରେ ଦେବାରେ ସହାୟକ ହୋଇଛି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ତାଙ୍କ ରେକର୍ଡ ମଧ୍ୟ ପ୍ରଭାବଶାଳୀ ରହିଛି। ସେ ୧୭ ମ୍ୟାଚ୍‌ରେ ୫୭ ୱିକେଟ୍ ନେଇଛନ୍ତି। ଏହି ଅବସରରେ ସେ ଚାରିଥର ଇନିଂସ୍‌ରେ ୫ ୱିକେଟ୍ ଏବଂ ଥରେ ମ୍ୟାଚ୍‌ରେ ୧୦ ୱିକେଟ୍ ନେବାର କାରନାମା କରିଛନ୍ତି। ସେ ଏବେ ଅଷ୍ଟ୍ରେଲିଆ-ଏ ବିପକ୍ଷ ଚାରିଦିନିଆ ମ୍ୟାଚ୍‌ରେ ଇଣ୍ଡିଆ-ଏ'ର ସ୍ପିନ୍ ବିଭାଗର ଅଂଶବିଶେଷ ହେବେ। ଇଣ୍ଡିଆ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଅନ୍‌ଅଫିସିଆଲ୍ ଟେଷ୍ଟ ସିରିଜ୍‌ର ଦୁଇ ମ୍ୟାଚ୍ ପୁଡୁଚେରୀରେ ଖେଳାଯିବ। ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୨୨ରୁ ୨୫ ଏବଂ ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ଦୁଇ ଟିମ୍ ମଧ୍ୟରେ ତିନି ଦିନିକିଆ ମ୍ୟାଚ୍ ମଧ୍ୟ ହେବ। ଦିନିକିଆ ମ୍ୟାଚ୍ ଅକ୍ଟୋବର ୬, ୯ ଓ ୧୧ ତାରିଖରେ ଖେଳାଯିବ।

### ଭାରତ-ପାକିସ୍ତନ ହ୍ୟାଣ୍ଡସେକ୍ ବିବାଦ

## 'ସରକାରଙ୍କ ନିଷ୍ପତ୍ତି ମାନିବାକୁ ପଡ଼ିବ'

**ନୂଆଦିଲ୍ଲୀ,୧୮।୯/ଏଜେନ୍ସି:** ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ୍ କେବଳ ପଡ଼ିଆରେ ସୀମିତ ନାହିଁ। ଦୁଇ ଦେଶ ମଧ୍ୟରେ ଉତ୍ତେଜନାର ପ୍ରଭାବ କ୍ରିକେଟ୍‌ରେ ମଧ୍ୟ ଦେଖିବାକୁ ପଡ଼ିଛି। ଗତ ଏସିଆ କପ୍‌ଠାରୁ ଭାରତ-ପାକ୍ ମ୍ୟାଚ୍‌ରେ ପାରମ୍ପରିକ ହ୍ୟାଣ୍ଡସେକ୍‌କୁ ନେଇ ବିବାଦ ଲଗାତାର ଚର୍ଚ୍ଚାରେ ରହିଛି।



ଏହି ପ୍ରସଙ୍ଗରେ ପୂର୍ବତନ ଭାରତୀୟ କ୍ୟାପ୍ଟେନ୍ କପିଳ ଦେବ ଖେଳାଳିଙ୍କ ସ୍ଥିତି ସ୍ପଷ୍ଟ କରିଛନ୍ତି। ସେ ଇଣ୍ଡିଆ ଟୁଡେ ସହିତ କଥାବାର୍ତ୍ତା ବେଳେ କହିଛନ୍ତି, ଯଦି ସରକାର ପାକିସ୍ତାନ ଖେଳାଳିଙ୍କ ସହିତ ହାତ ନ ମିଳାଇବାକୁ ନିର୍ଣ୍ଣୟ ନେଇଛନ୍ତି, ତେବେ ଖେଳାଳିଙ୍କ ପାଖରେ କୌଣସି ଖାସ୍ ବିକଳ୍ପ ନଥାଏ। କପିଳ ଦେବଙ୍କ ଅନୁସାରେ ଏହି ମାମଲାରେ ଖେଳାଳି ତାହା ହିଁ କରିବେ ଯାହା ସରକାର କହିବେ। ଅର୍ଥାତ୍ ଭାରତ-ପାକିସ୍ତାନ ପରି ସମ୍ବେଦନଶୀଳ ମାମଲାରେ ଖେଳାଳିଙ୍କ ନିଷ୍ପତ୍ତିକୁ ବ୍ୟାପକ ସରକାରୀ ନୀତିର ସନ୍ଦର୍ଭରେ ଦେଖାଯିବା ଉଚିତ।

## ୧୫ ହଜାର ଟି-୨୦ ରନ୍‌ରେ ବଟ୍‌ଲର୍ ପ୍ରଥମ ବ୍ୟାଟର୍

**ୱେଷ୍ଟଇଣ୍ଡିଜ୍‌ର ପୋଲାର୍ଡଙ୍କୁ ପଛରେ ପକାଇଲେ**

**ଶ୍ରୀଲଙ୍କାକୁ ୭ ୱିକେଟ୍‌ରେ ହରାଇଲା ଇଂଲଣ୍ଡ**



**କାର୍ଡିଫ୍,୧୮।୯/ଏଜେନ୍ସି:** ଇଂଲଣ୍ଡ ୱିକେଟ୍‌କିପର୍ ବ୍ୟାଟର୍ ଜୋସ୍ ବଟ୍‌ଲର୍ ଟି-୨୦ କ୍ରିକେଟ୍‌ରେ ୧୫,୦୦୦ ରନ୍ କରିବାରେ ବିଶ୍ୱର ପ୍ରଥମ ବ୍ୟାଟର୍ ହୋଇଛନ୍ତି। ୩୬ ବର୍ଷୀୟ ବଟ୍‌ଲର୍ ଏହି ମାମଲାରେ ୱେଷ୍ଟଇଣ୍ଡିଜ୍ ଅଲ୍‌ରାଉଣ୍ଡର୍ କିରୋନ୍ ପୋଲାର୍ଡଙ୍କୁ ପଛରେ ପକାଇଛନ୍ତି। ପୋଲାର୍ଡଙ୍କ ନାମରେ ୧୭,୯୯୪ ରନ୍ ରହିଛି। ବଟ୍‌ଲର୍ ଗୁରୁବାର ରାତିରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ସେ ଏହି ମ୍ୟାଚ୍‌ରେ ୧୬ ବଲ୍‌ରେ ୩୦ ରନ୍ କରିଥିଲେ। ଏହି ମ୍ୟାଚ୍‌କୁ ଇଂଲଣ୍ଡ ୭ ୱିକେଟ୍‌ରେ ଜିତିଛି।

କାର୍ଡିଫର ସୋଫିଆ ଗାର୍ଡେନ୍ସରେ ଶ୍ରୀଲଙ୍କା ପ୍ରଥମେ ୯ ୱିକେଟ୍ ହରାଇ ୧୪୫ ରନ୍ କରିଥିଲା। ଇଂଲଣ୍ଡ ୧୨.୧ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଛି। ଟମ୍ ବ୍ୟାଣ୍ଟନ୍ ୨୪ ବଲ୍‌ରେ ଅପରାଜିତ ୫୨ ରନ୍ କରିଥିଲେ। ଶ୍ରୀଲଙ୍କା ପ୍ରଥମେ ପଥୁମ୍ ନିସାଙ୍କା ଦ୍ରୁତ ଆରମ୍ଭ ଦମ୍‌ରେ ୫ ଓଭର୍‌ରେ ବିନା ୱିକେଟ୍‌ରେ ୫୫ ରନ୍ କରିଥିଲା। ନିସାଙ୍କା ୨୧ ବଲ୍‌ରେ ୩୭ ରନ୍ କରିଥିଲେ। ଏହାପରେ ଶ୍ରୀଲଙ୍କା ଇନିଂସ୍ ଭୁଶୁଡ଼ି ପଡ଼ିଥିଲା ଏବଂ ଟିମ୍ ବାକି ୧୫ ଓଭର୍‌ରେ ୯୦ ରନ୍ ଯୋଡ଼ି ସ୍କୋର୍ ୧୪୫/୯ରେ ପହଞ୍ଚାଇ ପାରିଥିଲା। ଇଂଲଣ୍ଡ ପକ୍ଷରୁ ଲିୟାମ୍ ଡସନ୍ ୩୨ ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ। ତାଙ୍କ ବ୍ୟତୀତ ଜେମି ଓଭର୍‌ଟନ୍, ଆଦିଲ୍ ରଶିଦ୍ ଏବଂ ଜୋଫ୍ରା ଆର୍ଚର କଞ୍ଜୁସ୍ ବୋଲିଂ କରିଥିଲେ।

୧୪୬ ରନ୍‌ର ପିଛା କରୁଥିବା ଇଂଲଣ୍ଡ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ବଟ୍‌ଲର୍ ୩୦ ଓ କ୍ୟାପ୍ଟେନ୍ ହ୍ୟାରୀ ବ୍ରୁକ୍ ୨୩ ରନ୍ କରିଥିଲେ। ଏହାପରେ ବ୍ୟାଣ୍ଟନ୍ ୨୪ ବଲ୍‌ରେ ଅପରାଜିତ ୫୨ ରନ୍‌ର ଇନିଂସ୍ ଖେଳି ଟିମ୍‌କୁ ୧୨.୧ ଓଭର୍‌ରେ ବିଜୟୀ କରାଇଥିଲେ।

### ଏସିଆ ଗେମ୍ସ ପୂର୍ବରୁ ପ୍ରସ୍ତୁତିକୁ ନେଇ ପୁଣି ଉଠିଲା ପ୍ରଶ୍ନ

# ୩୦-୩୫ ଭାରତୀୟଙ୍କୁ ମିଳିଲାନି ରୁମ୍



**ଚୀନ୍, କୋରିଆ ସମେତ ଜାପାନ ଖେଳାଳି ବି ଅସୁବିଧାର ସମ୍ମୁଖୀନ**

**ନାଗୋୟା,୧୮।୯/ଏଜେନ୍ସି:** ଏସିଆନ୍ ଗେମ୍ସ ପୂର୍ବରୁ ଆୟୋଜକ ସହର ନାଗୋୟାରେ ବ୍ୟବସ୍ଥାକୁ ନେଇ ଲଗାତାର ପ୍ରଶ୍ନ ଉଠିବାରେ ଲାଗିଛି। ୩୦-୩୫ ଭାରତୀୟ ଖେଳାଳିଙ୍କୁ ରହିବା ପାଇଁ ରୁମ୍ ମିଳିନାହିଁ। ଏହାପରେ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)କୁ ରୁମ୍ ବୁକ୍ କରିବାକୁ ପଡ଼ିଛି। କେବଳ ଭାରତ ନୁହେଁ ଚୀନ୍, ସାଉଥ୍ କୋରିଆ ଏବଂ ସ୍ୱୟଂ ଆୟୋଜକ ଜାପାନର ଖେଳାଳିମାନଙ୍କୁ ମଧ୍ୟ ରହିବା ଏବଂ ଯିବାଆସିବାରେ ଅସୁବିଧା ହୋଇଛି। ଗୋଟିଏ ସପ୍ତାହ ପୂର୍ବରୁ ନାଗୋୟାରେ ରେକର୍ଡ ବର୍ଷା ହୋଇଥିଲା। ଏହା ଫଳରେ ଟ୍ରେନ୍ ସେବା ପ୍ରଭାବିତ ହୋଇଥିଲା। ଏବେ ପାଗ ସାମସ୍ୟା ଥିଲେ ମଧ୍ୟ ଗେମ୍ସର ବ୍ୟବସ୍ଥା ସହ ଜଡ଼ିତ ଅଭିଯୋଗ ଜାରି ରହିଛି। ଏସିଆନ୍ ଗେମ୍ସ ଶନିବାରଠାରୁ ଆରମ୍ଭ ହେବ। ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୪୫ ଦେଶର ଖେଳାଳି ୪୩ ଖେଳରେ ଭାଗନେବେ।

ଶୁକ୍ରବାର ଭାରତୀୟ ଟିମ୍‌ର ଔପଚାରିକ ସ୍ୱାଗତ ସମାରୋହ ମଧ୍ୟ ସମୟରେ ହୋଇପାରି ନାହିଁ। କାର୍ଯ୍ୟକ୍ରମ ପ୍ରାୟ ୨୦ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା ଏବଂ କିଛି ସମୟ ପରେ ଏହାକୁ ରୋକି ଦିଆଯାଇଛି। ଭାରତ ସହିତ ଅନ୍ୟ ଦେଶର ପ୍ରତିନିଧି ମଧ୍ୟ ସେଠାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ୧୫ ମିନିଟ୍ ପରେ ପୁଣିଥରେ ଆରମ୍ଭ କରିବାକୁ କୁହାଯାଇଥିଲା। କିନ୍ତୁ ପ୍ରାୟ ଦୁଇଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା ଏବଂ ପରେ ସମାରୋହ ପୂରା କରାଯାଇଥିଲା।

ଭାରତର ଶେଫ୍ ଡି ମିଶନ୍ ସହଦେବ ଯାଦବ କହିଛନ୍ତି, ୩୦-୩୫ ଭାରତୀୟ ଖେଳାଳିଙ୍କ ରହିବା ପାଇଁ ରୁମ୍ ମିଳିନାହିଁ। ଭାରତରୁ ଅନୁମାନଠାରୁ ଅଧିକ ଖେଳାଳି ଆସିଛନ୍ତି ବୋଲି ଆୟୋଜକମାନେ କହିଛନ୍ତି। ଅବଶ୍ୟ ଆୟୋଜକ ଯେତେ ସଂଖ୍ୟକ ଖେଳାଳିଙ୍କ ପାଇଁ ବିଲ୍ ପଠାଇଥିଲେ ଭାରତ ସେତିକି ସଂଖ୍ୟକ ଖେଳାଳି ପଠାଇଛି ବୋଲି ସେ କହିଛନ୍ତି। ଏହାପରେ ସ୍ଥିତି ସମ୍ଭାଳିବା ପାଇଁ ଆଇଓଏ ୧୮ ଅତିରିକ୍ତ ହୋଟେଲ୍ ରୁମ୍ ବୁକ୍ କରିଛି। ଆଉ ୧୦ଟି ରୁମ୍ ରିଭର୍ଜ ରଖିବା ପ୍ରସ୍ତୁତି ମଧ୍ୟ କରାଯାଇଛି।

ଏହା ପୂର୍ବରୁ ୧୫ ତାରିଖ ରାତି ପ୍ରାୟ ୯ଟା ବେଳେ ଭାରତୀୟ ଶୁଟର୍‌ମାନେ ନାଗୋୟା ପହଞ୍ଚିଥିବା ବେଳେ ସେମାନଙ୍କ ବିମାନ ବନ୍ଦରରେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ପ୍ରାୟ ଭୋର୍ ୫ଟା ବେଳେ ସେମାନେ ଆବାସରେ ପହଞ୍ଚିଥିଲେ। ଟିମ୍‌କୁ ପ୍ରାକ୍ଟିସ୍ ସ୍ଥଳରେ ପହଞ୍ଚିବାରେ ମଧ୍ୟ ଅସୁବିଧା ହେଉଛି। ପ୍ରାୟ ତିନିଘଣ୍ଟାର ଅପେକ୍ଷା ଏବଂ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଯାତ୍ରାରେ ଲାଗୁଛି। ଏହା ଯୋଗୁଁ ଖେଳାଳିଙ୍କ ପ୍ରାକ୍ଟିସ୍ ସ୍ଲଟ୍ ମଧ୍ୟ ହାତଛଡ଼ା ହୋଇଛି।

ବ୍ୟବସ୍ଥାର ଅସୁବିଧା କେବଳ ବିଦେଶୀ ଟିମ୍‌ଙ୍କ କ୍ଷେତ୍ରରେ ସୀମିତ ରହିନାହିଁ। ଜାପାନର ଖେଳାଳିମାନଙ୍କୁ ପାଇଁ ମଧ୍ୟ ବିକଳ୍ପ ରହିବା ବ୍ୟବସ୍ଥା କରିବାକୁ ପଡ଼ିଛି। କେତେକ ଜାପାନୀ ଖେଳାଳିଙ୍କ ରୁମ୍‌ରେ ପୁରୁଷ ଏବଂ ମହିଳା ଖେଳାଳିଙ୍କୁ ଏକାଠି ରହିବା ସ୍ଥିତି ଉତ୍ପନ୍ନ ହୋଇଛି। ଏହାପରେ ଜାପାନ ଅଲିମ୍ପିକ୍ କମିଟି ବୈକଳ୍ପିକ ହୋଟେଲ୍ ରୁମ୍ ରିଜର୍ଭ କରିଛନ୍ତି।

### ଆଜି ଏସିଆନ୍ ଗେମ୍ସ ଉଦ୍‌ଘାଟନୀ ସମାରୋହ

# ମନୁ ଓ ତୁର୍ ହେବେ ଭାରତର ଧ୍ୱଜାବାହକ



**ନାଗୋୟା,୧୮।୯/ଏଜେନ୍ସି:** ଆସନ୍ତାକାଲି ନାଗୋୟାର ପାଲୋମା ମିଜୁହୋ ଷ୍ଟାଡିୟମ୍‌ରେ ୨୦୨୬ ଏସିଆନ୍ ଗେମ୍ସ ୨୦୨୬ର ଉଦ୍‌ଘାଟନୀ ସମାରୋହ ହେବ। ଦୁଇଥରର ଅଲିମ୍ପିକ୍ ବ୍ରୋଞ୍ଜ୍ ବିଜେତା ମନୁ ଭାକର ଓ ଦୁଇ ଥରର ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ତଜିନ୍ଦରପାଲ୍ ସିଂହ ତୁର୍ ଏହି ଅବସରରେ ଭାରତର ଧ୍ୱଜାବାହକ ହେବେ। ଉଦ୍‌ଘାଟନୀ ସମାରୋହରେ ଏହି ଦୁଇଜଣ ଭାରତୀୟ ଟିମ୍‌ର ନେତୃତ୍ୱ କରିବେ। ଭାରତ ଚଳିତ ଥର ଏସିଆନ୍ ଗେମ୍ସ ପାଇଁ ୫୦୩ ଖେଳାଳିଙ୍କ ଟିମ୍ ପଠାଇଛି। ଏଥିରେ ୨୬୯ ଜଣ ପୁରୁଷ ଏବଂ ୨୩୪ ଜଣ ମହିଳା ଖେଳାଳି ସାମିଲ।

ଭାରତୀୟ ଟିମ୍‌ରେ ପ୍ରଥମେ ୪୯୨ ଖେଳାଳି ସାମିଲ ଥିଲେ। ଅନ୍ତିମ ମୁହୂର୍ତ୍ତରେ ଚାରିଜଣ ସର୍ଫର୍, ଛଅ ଆଥ୍‌ଲେଟ୍ ଏବଂ ଜଣେ ମିକ୍ସ ମାର୍ଶାଲ୍ ଆର୍ଟ୍ସ ଫାଇଟର୍‌ଙ୍କୁ ଯୋଡ଼ାଯାଇଥିଲା। ଖେଳାଳିଙ୍କ ସହିତ ୨୬୫ ଜଣିଆ ସପୋର୍ଟ ଗ୍ରୁପ୍ ମଧ୍ୟ ଅଛନ୍ତି। ଏହା ମଧ୍ୟରେ ୨୪୬ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍ ସାମିଲ। ସପୋର୍ଟ ଗ୍ରୁପ୍‌ରେ ଭାରତୀୟ ଅଲିମ୍ପିକ୍ ସଂଘର ୧୯ ଅଧିକାରୀ ବି ଅଛନ୍ତି।

ଭାରତ ଗତ ଏସିଆନ୍ ଗେମ୍ସ ତୁଳନାରେ ଚଳିତ ଥର ଛୋଟ ଟିମ୍ ପଠାଇଛି। ୨୦୨୨ରେ ଚୀନ୍‌ରେ ହାଙ୍ଗ୍‌ଝୋଉରେ ହୋଇଥିବା ଏସିଆନ୍ ଗେମ୍ସରେ ଭାରତର ୬୬୧ ଖେଳାଳି ସାମିଲ ହୋଇଥିଲେ। ଏଥିରେ ୩୩୩ ପୁରୁଷ ଓ ୩୨୮ ମହିଳା ଥିଲେ। ହାଙ୍ଗ୍‌ଝୋଉ ଏସିଆନ୍ ଗେମ୍ସ ଭାରତ ପାଇଁ ବର୍ତ୍ତମାନର ସବୁଠୁ ସଫଳ ସଂସ୍କରଣ ହୋଇଛି। ଭାରତ ପ୍ରଥମ ଥର ଗୋଟିଏ ସଂସ୍କରଣରେ ୧୦୦ରୁ ଉର୍ଦ୍ଧ୍ୱ ପଦକ ଜିତିଥିଲା। ଟିମ୍ ମୋଟ ୧୦୭ ପଦକ ନିଜ ନାମରେ କରିଥିଲା। ଏହା ମଧ୍ୟରେ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଏବଂ ୪୧ ବ୍ରୋଞ୍ଜ୍ ପଦକ ସାମିଲ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra